R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୮
ତିଥି : ଅଷ୍ଟମୀ
୧୨ ଡିସେମ୍ବର ୨୦୨୫, ଶୁକ୍ରବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 68
12 December 2025, Friday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ୩ ବିଭାଗରେ ନିଯୁକ୍ତି ପାଇଲେ ୫୯୧

## ଦୁର୍ନୀତି ଠାରୁ ଲକ୍ଷେ କୋଶ ଦୂରରେ ରୁହ : ମୁଖ୍ୟମନ୍ତ୍ରୀ




■ ୧୮ ମାସରେ ୩୭,୯୧୬ ସରକାରୀ ନିଯୁକ୍ତି

■ ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ୩.୦ ଲୋକାର୍ପିତ

ଭୁବନେଶ୍ୱର, ୧୧।୧୨ (ସବ୍ୟୁ) : ଯିଏ ଯେଉଁ ପଦବୀରେ ବି ଅବସ୍ଥାପିତ ଥାଆନ୍ତୁ ନା କାହିଁକି, ସରକାରୀ ଚାକିରୀକୁ ସବୁବେଳେ ଜନସେବା ଭାବେ ମନେ କରିବେ । ସରକାରୀ ଚାକିରି ମିଳିଯିବା ପରେ କେବେହେଲେ କାର୍ଯ୍ୟରେ ଅବହେଳା କରିବେ ନାହିଁ ଓ ଦୁର୍ନୀତି ଠାରୁ ଲକ୍ଷେ କୋଷ ଦୂରରେ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ତ୍ରୟୋଦଶ ନିଯୁକ୍ତି ମେଳା ୨୦୨୫ ଅବସରରେ ନବନିଯୁକ୍ତ ମାନଙ୍କୁ ଉପଦେଶ ଦେଇ କହିଛନ୍ତି ।ଆଜିର ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟର ବିଭିନ୍ନ ଜଳସେଚନ କାର୍ଯ୍ୟର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । (୯ ପୃଷ୍ଠାରେ)

### ମାଲକାନଗିରିରେ ଉପମୁଖ୍ୟମନ୍ତ୍ରୀ କେଭି

## ଅଶାନ୍ତ ପରିସ୍ଥିତିକୁ ଶାନ୍ତ କରିବା ଲାଗି ଉଦ୍ୟମ

ମାଲକାନଗରିରି, ୧୧।୧୨ (ସବ୍ୟୁ) : ମାଲକାନଗିରିରେ ଗୋଷ୍ଠୀ ସଂଘର୍ଷକୁ ନେଇ ସୃଷ୍ଟି ଉତ୍ତେଜନା ପରିସ୍ଥିତିକୁ ନିୟନ୍ତ୍ରଣ ଓ ପ୍ରସମିତ କରିବା ପାଇଁ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ସରକାରୀ ଅଧିକାରୀମାନେ ମାଲକାନଗିରିରେ ପହଞ୍ଚି ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସହ ଉଭୟ ଗୋଷ୍ଠୀଙ୍କ ସହ ଆଲୋଚନା କରିଛନ୍ତି । ଆଲୋଚନା ସମୟରେ ଶାନ୍ତି ଫେରାଇ ଆଣିବାକୁ ନିବେଦନ କରିଛନ୍ତି ।

ଆଲୋଚନା ସମୟରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମାନେ ଦାବି ଉପସ୍ଥାପନ କରିଥିଲେ । ଦାବି ଗୁଡ଼ିକ ମଧ୍ୟରେ ମୃତକ ମହିଳାଙ୍କ ପରିବାର କୁ ୩୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଆଦିବାସୀ ଜମିକୁ ହଡ଼ପ କରିଥିବା ଅଣଆଦିବାସୀ ମାନଙ୍କ ଠାରୁ ପୁଣି ଥରେ ଆଦିବାସୀଙ୍କୁ ଜମି ଫେରସ୍ତ କରାଇବା , ୧୯୭୮ରୁ୧୯୮୦ (୯ ପୃଷ୍ଠାରେ)

**ମାଲ୍ୟବନ୍ତ ମହୋତ୍ସବ ସ୍ଥଗିତ**

ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ଜିଲ୍ଲାସ୍ତରୀୟ ମହୋତ୍ସବକୁ ଅନିର୍ଦ୍ଧିଷ୍ଟ ସମୟ ପାଇଁ ସ୍ଥଗିତ ଘୋଷଣା କରିଛି ଜିଲ୍ଲା ପ୍ରଶାସନ । ଜିଲ୍ଲାରେ ଆଦିବାସୀ-ଅଣ ଆଦିବାସୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ପରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ଲାଗି ରହିଥିବାରୁ ଏହାକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି ।

## ଖାତକୁ ଖସିଲା ଟ୍ରକ୍, ୨୨ ମୃତ

ନୂଆଦିଲ୍ଲୀ, ୧୧।୧୨ : ଅରୁଣାଚଳ ପ୍ରଦେଶରେ ଏକ ବଡ ଧରଣର ସଡ଼କ ଦୁର୍ଘଟଣା ଘଟିଛି । ତେବେ ଏହି ଦୁର୍ଘଟଣା ସମ୍ପର୍କରେ ୩ ଦିନ ପରେ ସୂଚନା ମିଳିଛି । ଖାତକୁ ଏକ ମିନିଟ୍ରକ୍ ଖସିଯିବା ଫଳରେ ୨୨ ଶ୍ରମିକଙ୍କର ମୃତ୍ୟୁ ହୋଇଛି । ମୃତ ସମସ୍ତ ଶ୍ରମିକ ଆସାମର ବୋଲି ଜଣାପଡିଛି । ଭାରତ-ସୀନ୍ ସୀମାନ୍ତ ଅଞ୍ଜାଓ ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି ।

ମିନିଟ୍ରନ୍‌ଟି ଉକ୍ତ ହାୟୁଲିଆଙ୍ଗ-ଚାଗଲାଗମ ରାସ୍ତାରେ ସୋମବାର ମିନିଟ୍ରକ୍‌ଟି ଯାଉଥିଲା । (୯ ପୃଷ୍ଠାରେ)



## ହୀରାକୁଦ, ସାତକୋଶିଆ ବିକାଶ ଲାଗି ୧୯୯ କୋଟି

ନୂଆଦିଲ୍ଲୀ, ୧୧।୧୨: ବିଭିନ୍ନ କେନ୍ଦ୍ର ପ୍ରାୟୋଜିତ ଯୋଜନା ଜରିଆରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ପର୍ଯ୍ୟଟନ ସ୍ଥଳୀର ବିକାଶ ପାଇଁ ଅନୁଦାନ ଯୋଗାଇ ଦେଇଥିବା କହିଛନ୍ତି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ । ରାଜ୍ୟସଭାରେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷରେ ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ପର୍ଯ୍ୟଟନ ମନ୍ତ୍ରଣାଳୟ ଓଡ଼ିଶାର ହୀରାକୁଦ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୯୯ କୋଟି ୯୦ ଲକ୍ଷ ଟଙ୍କା ଏବଂ ସାତକୋଶିଆର ବିକାଶ ଲାଗି ୯୯ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଛି । ଏଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୩୧.୯୨ କୋଟି ଟଙ୍କା ଜାରି କରାଯାଇଛି ।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି, ପର୍ଯ୍ୟଟନ ସ୍ଥଳୀର ବିକାଶ ଦାୟିତ୍ୱ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶର ହୋଇଥିଲେ ମଧ୍ୟ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସ୍ୱଦେଶ ଦର୍ଶନ, ତୀର୍ଥସ୍ଥଳୀ ପୁନରୁଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବିକାଶ ଅଭିଯାନ (୯ ପୃଷ୍ଠାରେ)

## ଦୁଇ ସପ୍ତାହ ଯାଏଁ ଶୀତ ଲହରୀ

ଭୁବନେଶ୍ୱର, ୧୧।୧୨ (ସବ୍ୟୁ) : ସମଗ୍ର ରାଜ୍ୟରେ ଶୀତ ଲହରୀ ଜାରି ରହିଛି । ପ୍ରଥମ ଥର ଲାଗି ଚଳିତ ବର୍ଷ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀରେ ପହଞ୍ଚିଛି । ସେମିଳିଗୁଡ଼ାରେ

**ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ଛୁଇଁଲା**

**ଭୂମି ଉପରେ ବରଫ ଆସ୍ତରଣ**

ସର୍ବନିମ୍ନ ୩.୫ଡିଗ୍ରୀ ଥିବାବେଳେ ଜି. ଉଦୟଗିରିରେ ରାତି ତାପମାତ୍ରା ୪ଡିଗ୍ରୀ ରେକର୍ଡ କରାଯାଇଛି । ୧୬ ସହରରେ ୧୦ ଡିଗ୍ରୀରୁ କମ୍ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଆଉ (୯ ପୃଷ୍ଠାରେ)



### ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲା

## ରିମାଣ୍ଡରେ ଗଲେ ୪ ଦଲାଲ, ଅଫିସରଙ୍କୁ ଜେରା କେବେ

ଭୁବନେଶ୍ୱର, ୧୧।୧୨ (ସବ୍ୟୁ) : ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲାରେ ଆଶାୟୀ ଓ ଦଲାଲଙ୍କୁ ଗିରଫ କରାଯାଉଥିବା ବେଳେ ଅଫିସର ଓ ନେତାଙ୍କୁ ସିବିଆଇ କେବେ ଡାକିବ ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦଲାଲମାନେ ୨୫ଲକ୍ଷ ଟଙ୍କା ନେଇ ଯେଉଁ ପିଲାମାନଙ୍କୁ ନିଯୁକ୍ତି ଦେଇଥିଲେ ବା ଦେବାକୁ ଥିଲା, ସେମାନଙ୍କ ପଛରେ ଯେଉଁ ଅଫିସର ଓ ନେତା ଥିଲେ ତାଙ୍କୁ ସିବିଆଇ ଗିରଫ କରିବ ତ ? ୪ ଦଲାଲଙ୍କୁ ସିବିଆଇ ସ୍ୱତନ୍ତ୍ର କୋର୍ଟ ୫ ଦିନିଆ ରିମାଣ୍ଡ ଅନୁମତି ଦେଇଥିବା ବେଳେ ଗୁରୁବାର ତାଙ୍କୁ ଝାରପଡା ଜେଲ୍‌ରୁ ହେପାଜତକୁ ନେଇଛି ସିବିଆଇ । ବିହାରରୁ ଗିରଫ ହୋଇଥିବା ନୀତିଶ କୁମାର ରିମାଣ୍ଡ ଅବଧି ଆସନ୍ତାକାଲି (୯ ପୃଷ୍ଠାରେ)

## ମୋଦୀ-ଟ୍ରମ୍ପ ଟେଲିଫୋନ୍ ବାର୍ତ୍ତାଳାପ

ନୂଆଦିଲ୍ଲୀ, ୧୧।୧୨ : ଭାରତ ସହ ଆମେରିକାର ଶୁଳ୍କକୁ ନେଇ ବିବାଦ ଚାଲିଛି । ଏ ପର୍ଯ୍ୟନ୍ତ ମଧ୍ୟ ବାଣିଜ୍ୟିକ ଡିଲ୍ ଚୂଡାନ୍ତ ହୋଇନାହିଁ । ଇତି ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଥିବା ନେଇ ଏକ୍ସରେ ସୂଚନା ଦେଇଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଭାରତ ଓ ଆମେରିକା ଏକାଠି ହୋଇ ବିଶ୍ୱର ଶାନ୍ତି, ସ୍ଥାୟିତ୍ୱ ଓ ବିକାଶ ଦିଗରେ କାର୍ଯ୍ୟ କରିବେ ।

ଉଭୟ ନେତାଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗ ନେଇ ମତ ବିନିମୟ ହୋଇଛି । ବିଶେଷକରି ବାଣିଜ୍ୟିକ ସହଯୋଗ, ଜଟିଳ ବୈଷୟିକ, ଶକ୍ତି, ପ୍ରତିରକ୍ଷା, ସୁରକ୍ଷା ଆଦି ସମ୍ପର୍କରେ ଆଲୋଚନା ହୋଇଛି । (୯ ପୃଷ୍ଠାରେ)

### ମୋକିମଙ୍କ ଚିଠି ପରେ କଂଗ୍ରେସରେ ବିବାଦ

## ଗଣମାଧ୍ୟମରେ ପ୍ରଘଟକୁ ବରିଷ୍ଠ ନେତାଙ୍କ ନାପସନ୍ଦ

ଭୁବନେଶ୍ୱର, ୧୧।୧୨ (ସବ୍ୟୁ) : କଟକ-ବାରବାଟୀର ପୂର୍ବତନ ବିଧାୟକ ମହମ୍ମଦ ମୋକିମ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖିବା ପରେ କଂଗ୍ରେସ ନେତାଙ୍କ ମଧ୍ୟରେ ଆରୋପ-ପ୍ରତ୍ୟାରୋପ ବଢ଼ିବାରେ ଲାଗିଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଓଡ଼ିଶା କଂଗ୍ରେସକୁ ନେତୃତ୍ୱ ନେବାର ଶୈଳୀକୁ ମୋକିମ ଖୋଲାଖୋଲି ଆହ୍ୱାନ କରିଥିବା ବେଳେ ଯଦି ଏ ଦିଗରେ କଂଗ୍ରେସ ମୁଖିଆ ସୋନିଆ ଗାନ୍ଧୀ ଯଦି ତୁରନ୍ତ ପଦକ୍ଷେପ ନନିଅନ୍ତି ତାହେଲେ ଅସନ୍ତୋଷ ଆହୁରି ବଢ଼ିବ ବୋଲି ଚେତାଇ ଦେଇଛନ୍ତି ମୋକିମ । ଏହି ଚିଠିରେ ସେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱକୁ ପରୋକ୍ଷରେ ପ୍ରଶ୍ନ କରିଥିଲେ । ଏଥି ସହିତ ଦଳର ନେତୃତ୍ୱର ନବୀକରଣ କରାଯାଉ ବୋଲି ଦାବି କରିଥିଲେ । ଓଡ଼ିଶା କଂଗ୍ରେସର ପୁନରୁଦ୍ଧାର ଓ ପୁନଃଜୀବିତ କରାଗଲେ ଭବିଷ୍ୟତ ମଜବୁତ ହେବ ବୋଲି ମଧ୍ୟ ପରାମର୍ଶ ଦେଇଥିଲେ ମୋକିମ । ସେ ଆହୁରି କହିଥିଲେ ଯେ ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଦଳ ପଛେଇ ଯାଉଛି ବୋଲି ଅଭିଯୋଗ କରିବା ସହ ତୃଣମୂଳ ସ୍ତରକୁ କଂଗ୍ରେସର କାର୍ଯ୍ୟକ୍ରମ ପହଞ୍ଚି ନପାରିବାରୁ କର୍ମୀ ମହଲରେ ହତାଶା ଭାବ ଆସିଛି ବୋଲି ଅଭିଯୋଗ କରିଥିଲେ । ଏପରିକି ବିଭିନ୍ନ ଗଣମାଧ୍ୟମରେ ମୋକିମଙ୍କ ଭକ୍ତଙ୍କ ପ୍ରତି ଆକ୍ଷେପ ଯୋଗୁଁ କିଛି ବରିଷ୍ଠ ନେତା ମୁହଁ ଖୋଲିଛନ୍ତି । ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ଦଳରେ ଭିନ୍ନ ମତ ରହିଛି ଓ ଏହା ସ୍ୱାଭାବିକ । କିନ୍ତୁ ଦଳର ମୁଖିଆଙ୍କୁ ଚିଠି ଲେଖି (୯ ପୃଷ୍ଠାରେ)





## ବିଦେଶରେ ଦେଶୀର ଚାହିଦା

ଅନେକ ଦେଶୀ ସାମଗ୍ରୀ ଏଭଳି ଥାଏ ଯାହାର କ୍ରେଜ କେବଳ ଦେଶ ନୁହେଁ ବିଦେଶରେ ମଧ୍ୟ ରହିଥାଏ । ସେହିଭଳି ଏକ ଦେଶୀ ଚପଲ ରହିଛି ଯାହାର ଚାହିଦା ବିଦେଶରେ ମଧ୍ୟ ଅଧିକ ରହିଛି । କୋହ୍ଲାପୁରର ଏହି ଚପଲଟି ବର୍ତ୍ତମାନ ବିଦେଶରେ ନିଜର ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସଫଳ ହୋଇଛି । ତିନିଜଣ ସାଙ୍ଗ ମିଶି ଆରମ୍ଭ କରିଛନ୍ତି ଏହି ନୂଆ ଷ୍ଟାର୍ଟଅପ୍ । ଏହା ଆରମ୍ଭ ପଛରେ ରହିଛି ଏକ ନିଆରା କାରଣ । ଏହି ତିନି ସାଙ୍ଗ ଏକ ଆନ୍ତର୍ଜାତୀୟ ସ୍ତରୀୟ ଏନ୍‌ଜିଓରେ ଇଣ୍ଟର୍ନସିପ୍ କରିବାକୁ ଯିବା ସମୟରେ ଏହି ଆଇଡିଆ ସେମାନଙ୍କ ମୁଣ୍ଡକୁ ଆସିଥିଲା । ସେଥିମଧ୍ୟରୁ ଜଣେ ସାଙ୍ଗ ଗୋଟିଏ କୋହ୍ଲାପୁରୀ ଚପଲ ପିନ୍ଧି ସେଠାକୁ ଯାଇଥିଲେ । ଚପଲଟି ସେଠାରେ ଥିବା ବିଦେଶୀଙ୍କୁ ବେଶ୍ ପସନ୍ଦ ଆସିଥିଲା । ଘଟଣାଟି ସେମାନଙ୍କୁ ଦେଶୀ ଚପଲକୁ ବ୍ୟବସାୟରେ ପରିଣତ କରିବାକୁ ଉତ୍ସାହିତ କରିଥିଲା । ସେଠାରେ ଇଣ୍ଟର୍ନସିପ୍ ସମାପ୍ତ କରି ଫେରିବା ପରେ ତିନି ସାଙ୍ଗ ମିଶି ଏହି ଉଦ୍ୟୋଗ ଆରମ୍ଭ କରିଥିଲେ । ବ୍ରାଣ୍ଡର ନାଁ ରଖିଛନ୍ତି 'ଦେଶୀ ହ୍ୟାଙ୍ଗ ଓଭର' । ମାତ୍ର ୫ହଜାରରୁ ଆରମ୍ଭ ହୋଇଥିବା ଏହି ବ୍ୟବସାୟ ବର୍ତ୍ତମାନ ବର୍ଷକୁ ୨.୫ କୋଟି ଟଙ୍କାର ଆୟ ଦେଉଛି । ଏହି ଦେଶୀ ଚପଲର ଚାହିଦା ଆମେରିକା, ସିଙ୍ଗାପୁର, ମଲେସିଆ ଆଦିରେ ବେଶ୍ ଅଧିକା ରହିଛି । ସେମାନଙ୍କ ଅଧିନରେ ଅନେକ କାରିଗର କାମ କରୁଛନ୍ତି । ଏହି କାରିଗର ଅନେକ ସମୟରେ ମାର୍କେଟିଂ ଅଭାବରୁ ପରିଶ୍ରମର ଫଳ ପାଇ ପାରି ନଥାନ୍ତି । ସେହିଭଳି କିଛି କାରିଗରଙ୍କୁ ନେଇ ସେ ତାଙ୍କର ଉଦ୍ୟୋଗ ଆରମ୍ଭ କରିଥିଲେ । ବର୍ତ୍ତମାନ ଏହି ସାଙ୍ଗଙ୍କ ଉଦ୍ୟମ କାରଣରୁ କାରିଗର ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପାଇପାରୁଛନ୍ତି । ସେମାନଙ୍କ ପାଖରେ ୯୦ରୁ ଅଧିକ କାରିଗର କାର୍ଯ୍ୟ କରୁଛନ୍ତି । ମାସିକ ଏମାନଙ୍କର ପାରିଶ୍ରମିକ ୧୨ହଜାର ପାଖାପାଖି ରହିଛି । ଏହି ଉଦ୍ୟୋଗର ୫୦ ପ୍ରତିଶତ ମହିଳା କର୍ମଚାରୀ । ଉଦ୍ୟୋଗର ଉଦ୍ଦେଶ୍ୟ ଦେଶୀ ସାମଗ୍ରୀକୁ ବିଶ୍ୱ ଦରବାରରେ ପରିଚିତ କରାଇବା ସହିତ କାରିଗରଙ୍କୁ ସାହାଯ୍ୟ କରିବା ।

## ମଶା ରୋକିବ ଡେଙ୍ଗୁ



ଡେଙ୍ଗୁ ଚିକୁନଗୁନିଆ ରୋକିବା ପାଇଁ ସମସ୍ତେ ପ୍ରଥମେ ମଶା ବଂଶକୁ ନିପାତ କରିବାକୁ କାର୍ଯ୍ୟ କରନ୍ତି । ହେଲେ ମଲେଶିଆ ସରକାର ଡେଙ୍ଗୁ ଓ ଚିକୁନଗୁନିଆ ରୋକିବାକୁ ମଶାଙ୍କୁ ହିଁ ବ୍ୟବହାର କରୁଛନ୍ତି । ଏଥିପାଇଁ ସହରରେ ପାଖାପାଖି ୬୫ ହଜାରରୁ ଅଧିକ ମଶାଙ୍କୁ ଛଡା ଯାଇଛି । ତେବେ ଏହି ମଶାଙ୍କୁ ଲାବରେ ପ୍ରସ୍ତୁତ କରାଯାଇଛି । ଏମାନେ ହେଲେ ସ୍ୱତନ୍ତ୍ରଧରଣର ଓ୍ୱଲବାକିୟା ମଶା । ଏମାନଙ୍କ ଶରୀରରେ ଓ୍ୱଲବାକିୟା ନାମକ ବ୍ୟାକ୍ଟେରିଆ ରହିଛି । ଯେତେବେଳେ ଏହି ମଶାମାନେ ମାଈ ମଶାଙ୍କ ସହିତ ମିଶିବେ ଏବଂ ସେମାନଙ୍କର ଛୁଆ ହେବ, ସେହି ଛୁଆରେ ମଧ୍ୟ ଓ୍ୱଲବାକିୟା ବ୍ୟାକ୍ଟେରିଆ ରହିବ । ଏହି ବ୍ୟାକ୍ଟେରିଆ ମଶାଙ୍କ ଶରୀରରେ ଡେଙ୍ଗୁ, ଜିକା କିୟା ଚିକୁନଗୁନିଆ ଭଳି ଭାଇରସକୁ ନିପାତ କରିବାରେ ସାହାଯ୍ୟ କରିବ । ଏହି ପ୍ରୋଜେକ୍ଟ ୨୦୨୫ ନଭେମ୍ବର ମାସରୁ ଆରମ୍ଭ ହୋଇଛି, ଯାହା ଜାନୁଆରୀ ମାସ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରୋଜେକ୍ଟର ଉଦ୍ଦେଶ୍ୟ ଧୀରେଧୀରେ ସହରରେ ଥିବା ସମସ୍ତ ମଶାଙ୍କୁ ସୁରକ୍ଷିତ ମଶାରେ ବଦଳାଇବା । ସୋସିଆଲ ମିଡିଆରେ ଅନେକ ଏହି ପଦକ୍ଷେପର ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।

## ଇତିହାସ

୧୮୦୦– ଓ୍ୱାଶିଂଟନ ଡିସି ଆମେରିକାର ରାଜଧାନୀ ହେଲା ।

୧୮୨୨– ଆମେରିକା ଦ୍ୱାରା ମେକ୍ସିକୋକୁ ଏକ ସ୍ୱତନ୍ତ୍ର ରାଷ୍ଟ୍ର ରୂପେ ଔପଚାରିକ ମାନ୍ୟତା ଦିଆଗଲା ।

୧୮୮୪– ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ୍ ଟେଷ୍ଟମ୍ୟାଚ୍ ଖେଳାଗଲା ।

୧୯୧୧– ଭାରତର ରାଜଧାନୀ କୋଲକାତାରୁ ଦିଲ୍ଲୀକୁ ସ୍ଥାନାନ୍ତରିତ ।

୧୯୧୧– ଜର୍ଜ ପଞ୍ଚମ ଓ ମେରୀ ଭାରତର ସମ୍ରାଟ ରୂପେ ଭାରତ ଆସିଲେ ।

୧୯୯୬– ଭାରତ ଓ ବାଂଲାଦେଶ ମଧ୍ୟରେ ଗଙ୍ଗାଜଳ ବଣ୍ଟନକୁ ନେଇ ୩୦ ବର୍ଷର ଚୁକ୍ତି ସ୍ୱାକ୍ଷରିତ ।

୨୦୦୫– ପ୍ରସିଦ୍ଧ ଭାରତୀୟ ଫିଲ୍ମ ନିର୍ଦ୍ଦେଶକ ତଥା ଲୋକପ୍ରିୟ ଧାରାବାହିକ ରାମାୟଣର ନିର୍ମାତା ରାମାନନ୍ଦ ସାଗରଙ୍କ ପରଲୋକ ।

୨୦୧୨– ଉତ୍ତରାଖଣ୍ଡର ପ୍ରଥମ ମୁଖ୍ୟମନ୍ତ୍ରୀ ନିତ୍ୟାନନ୍ଦ ସ୍ୱାମୀଙ୍କ ଦେହାନ୍ତ ।

## ବଢୁଛି ପଶୁଙ୍କର ଦୁଃଶ୍ଚିନ୍ତା



ନିକଟରେ ମିଳିଥିବା ସୂଚନା ଅନୁସାରେ ଅନ୍‌ଲାଇନ୍‌ରେ ଦେଖିବାକୁ ମିଳୁଥିବା ମଜାଳିଆ ପୋଷା ଜୀବଙ୍କର ଭିଡିଓ ସେମାନଙ୍କ ପାଇଁ ସୁରକ୍ଷିତ ନୁହେଁ । ଏହି ସମସ୍ତ ଭିଡିଓରେ ପୋଷା ଜୀବଙ୍କୁ ବିଭିନ୍ନ ପ୍ରକାରର ପୋଜରେ ଦେଖିବାକୁ ମିଳିଥାଏ । ହେଲେ ଏଗୁଡିକ କରାଇବା ଦ୍ୱାରା ସେମାନଙ୍କର ମାନସିକ ସ୍ତର ଉପରେ ନକରାତ୍ମକ ପ୍ରଭାବ ପଡିଥାଏ ବୋଲି ଏହି ଗବେଷଣାରୁ ଜଣାପଡିଛି । କିଛି ଭିଡିଓରେ ଏମାନଙ୍କୁ ଚିଡାଯାଉଥିବାବେଳେ ସେମାନଙ୍କୁ ହଇରାଣ ମଧ୍ୟ କରାଯାଇଥାଏ । ଅଧିକାଂଶ ଭିଡିଓରେ ସେମାନଙ୍କର ଜୀବନପ୍ରତି ମଧ୍ୟ ବିପଦ ରହୁଛି । ଏଭଳି ପରିସ୍ଥିତିରେ ସେମାନଙ୍କର ମାନସିକ ଚାପ ବଢିଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି । ତେଣୁ ପଶୁଙ୍କୁ ସେମାନଙ୍କ ଜୀବନ ଭଲରେ ବଞ୍ଚିବାକୁ ଦିଆଯାଉବୋଲି ଏଥିରେ ପରାମର୍ଶ ଦିଆଯାଇଛି । ମଣିଷଙ୍କ ମନୋରଞ୍ଜନ ପାଇଁ ସେମାନଙ୍କୁ ସମସ୍ୟାରେ ନପକାଯାଉ ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି ।

## ସୋସିଆଲ କୋଟ୍ସ



"ସଲମାନ ତାଙ୍କର ପ୍ରଥମ ଶୋ' ହୋଷ୍ଟ କରିବା ବେଳେ ମଧ୍ୟ ବହୁତ କନ୍ଫିଡେନ୍ସ ଥିଲେ । ତାଙ୍କର ଟେଲିପ୍ରମ୍ପଟର କେବେ ବି ଦରକାର ହୋଇନଥାଏ । ସେ ଏହା ଦେଖି ଡାଇଲଗ୍ କହିବାକୁ ପସନ୍ଦ କରନ୍ତି ନାହିଁ ।

ସିଦ୍ଧାର୍ଥ ବସୁ, ପ୍ରଯୋଜକ



"ଯେତେବେଳେ ମୁଁ ଅଦନାନଙ୍କୁ ବିବାହ କରିଥିଲି ଏବଂ ମୋର ପୁଅ ଅଜାନ ଜନ୍ମ ହୋଇଥିଲା, ସେତେବେଳେ ମୁଁ ମୋର ସବୁ ସମୟ ପରିବାରକୁ ଦେଉଥିଲି । ତେଣୁ ଆକ୍ଟିଂରୁ ବ୍ରେକ ମଧ୍ୟ ନେଇଥିଲି । ହେଲେ ବିବାହ ବିଚ୍ଛେଦ ପରେ ପୁଣି କାମ ଖୋଜିଥିଲି ।

ଜେବା ବଖ୍ତିଆର, ଅଭିନେତ୍ରୀ



"ମା'ମୋତେ ଅନେକ ରେଷ୍ଟ୍ରିକସନ୍ ଭିତରେ ରଖିଥିଲେ । ମୋ ଟିନ୍ ଏଜ୍‌ରେ ମୁଁ କିଭଳି କାହାକୁ ଡେଟ୍ ନ କରିବି ସେଥିପାଇଁ ସେ ବେଶ୍ ତତ୍ପର ଥିଲେ । ତାଙ୍କର ସବୁ ଧ୍ୟାନ ମୋ ଉପରେ ହିଁ ଥିଲା ।

ପଲକ ତିୱାରୀ, ଅଭିନେତ୍ରୀ

## ଚର୍ଚ୍ଚାରେ ରଣବୀର



ରଣବୀର ସିଂ ବର୍ତ୍ତମାନ ନିଜ ଫିଲ୍ମ ଧୁରନ୍ଧର ପାଇଁ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛନ୍ତି । ଫିଲ୍ମଟି ରିଲିଜ୍ ହେବା ଦିନରୁ ହିଁ ଦର୍ଶକଙ୍କୁ ଆକର୍ଷିତ କରିବାରେ ଲାଗିଛି । ବର୍ତ୍ତମାନ ସୁଦ୍ଧା ଏହା ବକ୍ସ ଅଫିସରେ ୧୮୦ କୋଟିରୁ ଅଧିକ ଆୟ କରିସାରିଛି, ଯାହା ଆଗକୁ ଜାରି ମଧ୍ୟ ରହିଛି । ବର୍ତ୍ତମାନ ରିଲିଜ ହୋଇଥିବା ସବୁ ଫିଲ୍ମକୁ ପଛରେ ପକାଇଛି ଧୁରନ୍ଧର । ଏପରିକି ଅନେକ ବଡଷ୍ଟାରଙ୍କର ରେକର୍ଡକୁ ଏହା ଭାଙ୍ଗିବାନେଇ ସମୀକ୍ଷକ ଆକଳନ କରୁଛନ୍ତି । ଏଥିରେ ରଣବୀରଙ୍କୁ ଏକ ନିଆରା ଭୂମିକାରେ ଦେଖିବାକୁ ମିଳୁଛି । କେବଳ ରଣବୀର ନୁହେଁ ଏଥିରେ ଅକ୍ଷୟ ଖାନାଙ୍କ କମ୍‌ବ୍ୟାକ୍‌କୁ ମଧ୍ୟ ଦର୍ଶକ ଖୁବ ଭଲପାଇବା ଦେବାରେ ଲାଗିଛନ୍ତି । ସେହିଭଳି ଏଥିରେ ଫିମେଲ ଲିଡ୍‌ରେ ନୂଆ ନାୟିକା ସାରା ଅର୍ଜ୍ଜୁନଙ୍କୁ ଦର୍ଶକ ଦେଖୁଛନ୍ତି । ଅନ୍ୟମାନଙ୍କ ଭିତରେ ଏହି ଫିଲ୍ମରେ ଅର୍ଜ୍ଜୁନ ରାମ୍ପାଲ, ସଞ୍ଜୟ ଦତ୍ତ, ରାକେଶ ବେଦି, ଆର୍ ମାଧବନ ଆଦିଙ୍କୁ ଦେଖିବାକୁ ମିଳୁଛି । ରଣବୀରଙ୍କର ଏହା ଏକ ଦମଦାର ୟୁ ଟର୍ଣ୍ଣ ବୋଲି ସମୀକ୍ଷକ ମତ ଦେବାରେ ଲାଗିଛନ୍ତି । ଫିଲ୍ମଟି ତାଙ୍କୁ ବଲିଉଡରେ ଏକ ନୂଆ ପରିଚୟ ପ୍ରଦାନ କରିବା ସହିତ ଆଗକୁ ତାଙ୍କ କ୍ୟାରିୟର ପାଇଁ ଖୁବ ଲାଭଦାୟକ ସାବସ୍ତ୍ୟ ହେବ ବୋଲି ସମୀକ୍ଷକମାନେ ଆଲୋଚନା କରୁଛନ୍ତି ।

## ସୂର୍ଯ୍ୟଙ୍କୁ ନେଇ ନୂଆ ତଥ୍ୟ

ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର ବୋଲି କୁହାଯାଇଥାଏ । ବୈଜ୍ଞାନିକ ମାନେ ସୂର୍ଯ୍ୟଙ୍କୁ ନେଇ ନିଜର ଗବେଷଣା ଜାରି ରଖିଛନ୍ତି, ଯାହା ବିଭିନ୍ନ ନୂଆନୂଆ ତଥ୍ୟକୁ ଲୋକଲୋଚନକୁ ଆଣୁଛି । ସେହିକ୍ରମରେ ଏକ ନୂଆ ତଥ୍ୟ ସୂର୍ଯ୍ୟଙ୍କୁ ନେଇ ଜଣାପଡିଛି । ସୂର୍ଯ୍ୟରେ ଏଭଳି ଏକ ଓ୍ୱେଭ୍ ମିଳିଛି ଯାହାର ଗତି ଢେର ଅଧିକା ରହିଛି । ଏହି ଗତି ବୈଜ୍ଞାନିକ ମାନେ ଆକଳନ କରିଥିବା ଗତିଠାରୁ ଢେର ଅଧିକା । ଏହି ଓ୍ୱେଭ୍ ସୂର୍ଯ୍ୟଙ୍କ ପ୍ଲାଜମାର ମଧ୍ୟ ଦେଇ ବୀପରିତ ଦିଗରେ ପ୍ରବାହିତ ହେଉଛି । ଆବୁଦାବିରେ ଥିବା ନ୍ୟୁୟର୍କ ବିଶ୍ୱ ବିଦ୍ୟାଳୟର କ୍ରିସ୍ ହନ୍‌ସନ୍ ଏବଂ ତାଙ୍କ ଟିମ୍‌ମେମ୍ବର ଏହି ନୂତନ ଓ୍ୱେଭ୍‌ର ଆବିଷ୍କାର କରିଛନ୍ତି । ବୈଜ୍ଞାନିକ ଭାଷାରେ ଏହି ଓ୍ୱେଭ୍‌କୁ ହାଇ ଫ୍ରିକ୍ୱେନ୍ସି ରେଟ୍ରୋଗ୍ରେଡ୍ ଭୋର୍ଟିସିଟି ଓ୍ୱେଭ୍ କୁହାଯାଉଛି । ଅନେକ ଦିନ ଧରି ଗ୍ରାଉଣ୍ଡ ଓ ସ୍ପେସ୍ ଟେଲିସ୍କୋପ ଜରିଆରେ ମିଳିଥିବା ତଥ୍ୟକୁ ଆଧାର କରି ବୈଜ୍ଞାନିକମାନେ ଏହି ଓ୍ୱେଭର ଆବିଷ୍କାର କରିଛନ୍ତି । ଏହି ଓ୍ୱେଭ୍‌ରେ ଅନେକ ଛୋଟ ଛୋଟ ଘୂର୍ଣ୍ଣି ରହିଥାଏ, ଯାହା ସୂର୍ଯ୍ୟଙ୍କର ବୀପରିତ ଦିଗରେ ଗତି କରିଥାଏ । ତେବେ ଏହି ମିଳିଥିବା ନୂଆ ଘୂର୍ଣ୍ଣି ଗୁଡିକ ସୂର୍ଯ୍ୟଙ୍କ ଗତିଠାରୁ ତିନି ଗୁଣା ଅଧିକ ବେଗରେ ଗତି କରୁଛି । ତେବେ ଏହା ପଛରେ ବୈଜ୍ଞାନିକ ମାନେ ତିନୋଟି କାରଣକୁ ଦାୟି କରିଛନ୍ତି । ପ୍ରଥମ ଏହା ସୂର୍ଯ୍ୟଙ୍କର ଚୁମ୍ବକୀୟ କ୍ଷେତ୍ର କାରଣରୁ ସୃଷ୍ଟି ହେଉଛି । ସେହିଭଳି ଏହା ସୂର୍ଯ୍ୟରେ ଥିବା ମାଧ୍ୟାକର୍ଷଣ ତରଙ୍ଗ କାରଣରୁ ମଧ୍ୟ ସୃଷ୍ଟି ହୋଇଥାଇ ପାରେ ବୋଲି ବୈଜ୍ଞାନିକ ମାନେ ଆକଳନ କରୁଛନ୍ତି । ଅଥବା ଏହା ପ୍ଲାଜମା ସଙ୍କୋଚନ କାରଣରୁ ମଧ୍ୟ ସୃଷ୍ଟି ହୋଇପାରେ ।





## ଆଜିର ପଞ୍ଜିକା

ତା–୧୨–୧୨–୨୦୨୫, ଶୁକ୍ରବାର

ପୌଷମାସ, କୃଷ୍ଣପକ୍ଷ, ଅଷ୍ଟମୀ



ପଣ୍ଡିତ– ସତ୍ୟଶିବ ନନ୍ଦ (ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ) ମୋ:୮୯୧୭୨୮୪୩୩୮

**ମେଷ–** ବନ୍ଧୁ ସହଯୋଗ, ଜ୍ଞାନ ଓ ଦୂରଦୃଷ୍ଟି ଅଭାବ ରହିବ, ବାଣିଜ୍ୟ ମଧ୍ୟମ, ବନ୍ଧୁ ଦ୍ୱାରା ଲାଭ, ମନ ଅସ୍ଥିର, ଶତ୍ରୁ ଦ୍ୱାରା ଉତ୍ପିଡ଼ନ, ବିବାଦ, ଶୁଭକାର୍ଯ୍ୟ ପାଇଁ ଆଲୋଚନା, ଅସହଯୋଗ, ପିତାମାତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା, ସ୍ୱାଦିଷ୍ଟ ଭୋଜନ, ଭରଣୀ ମେଷ ସତର୍କ ରୁହନ୍ତୁ । ଆରାଧନା–ବିଷ୍ଣୁ, ରଙ୍ଗ–ଲାଲ, ସଂଖ୍ୟା–୨ ।

**ବୃଷ–** ଅର୍ଥହାନି, ଗୁରୁଜନଙ୍କ କୃପା, ନୂଆ କାର୍ଯ୍ୟରେ ସଫଳତା, ପାରିବାରିକ ଖୁସି, ମୋକଦ୍ଦମାରେ ଶୁଭଫଳ, କର୍ମକ୍ଷେତ୍ର ମନୋମାଳିନ୍ୟ, ବନ୍ଧୁଗୃହକୁ ଯାତ୍ରା, ବ୍ୟବସାୟରେ ସୁଯୋଗ, ରୋହିଣୀ ବୃଷ ସତର୍କ ରହିବେ । ଆରାଧନା–ମଙ୍ଗଳା, ରଙ୍ଗ– ହଳଦୀ, ସଂଖ୍ୟା–୧୨ ।

**ମିଥୁନ–** ଉତ୍ସାହ, ପରିବାରରେ ସୁଖ ଶାନ୍ତି, ଭାଇଭଉଣୀଙ୍କ ସାହାଯ୍ୟ, ସୁସମ୍ବାଦ, ବ୍ୟବସାୟରେ ଉନ୍ନତି, ମାଙ୍ଗଳିକ ଉତ୍ସବ, ଶତ୍ରୁମାନେ ପରାଜିତ ହେବେ, ମାତ୍ର ଅଳ୍ପ ବିରୋଧ ରହିବ । ପୁନର୍ବସୁ ନକ୍ଷତ୍ର ସତର୍କ ରହିବେ । ଆରାଧନା– ହନୁମାନ, ରଙ୍ଗ–କଫି, ସଂଖ୍ୟା–୧୨ ।

**କର୍କଟ–** କର୍ମରେ ବାଧା, ପରିବାରରେ ଅସହଯୋଗ, ଦୂରସ୍ଥାନକୁ ଯାତ୍ରା, ଅଳ୍ପ ଲାଭ, ଧନ ଖର୍ଚ୍ଚ, ଶାରୀରିକ କଷ୍ଟ, ବାହାର ଲୋକଙ୍କ ପାଖରୁ ଖୁସି, ଗୃହଶତ୍ରୁ ଦେଖାଦେବେ, ପଡ଼ୋଶୀଙ୍କ ସହ ତିକ୍ତତା, ବାଣିଜ୍ୟରେ ସାମାନ୍ୟ ଲାଭ, ଅଶ୍ଳେଷା ନକ୍ଷେତ୍ର ସତର୍କ ରହିବେ । ଆରାଧନା–ଗଣେଷ, ରଙ୍ଗ–ସିଲଭର, ସଂଖ୍ୟା–୫ ।

**ସିଂହ–** ବନ୍ଧୁମିଳନ, ମନରେ ପ୍ରସନ୍ନତା, ସୁସ୍ଥ ଶରୀର, ସମସ୍ତଙ୍କ ଶ୍ରଦ୍ଧାର ପାତ୍ର ହେବେ, ଆମୋଦ ପ୍ରମୋଦ, ବାଣିଜ୍ୟରେ ଆୟ ବୃଦ୍ଧି, କର୍ମକ୍ଷେତ୍ରରେ ଶୁଭ ଖବର, ଶତ୍ରୁମାନଙ୍କର ମିତ୍ର ଭଳି ଆଚରଣ, ମୋକଦ୍ଦମାରେ ଶୁଭଫଳ, ପୂର୍ବାଫାଲ୍‌ଗୁନି ନକ୍ଷତ୍ର ସତର୍କ ରହିବେ । ଆରାଧନା– ସୂର୍ଯ୍ୟନାରାୟଣ, ସଂଖ୍ୟା–୬, ରଙ୍ଗ–ଧଳା ।

**କନ୍ୟା–** ଅପବ୍ୟୟ, ଅପମାନରୁ ମୁକ୍ତି, ଅଯଥା ଖର୍ଚ୍ଚ, ପରିବାରର ଖର୍ଚ୍ଚଭାର କମ, ସଞ୍ଚୟ ପ୍ରତି ଆଗ୍ରହ, ସଠିକ୍ ନିଷ୍ପତ୍ତି, ସତ୍‌ସଂଗ ଲାଭ, ବ୍ୟବସାୟରେ ଆୟ ମଧ୍ୟମ, ଦୂରସ୍ଥାନ ଯାତ୍ରା, କର୍ମରେ ସଫଳତା, ବନ୍ଧୁଙ୍କ ସାହାଯ୍ୟ । ହସ୍ତା ନକ୍ଷତ୍ର ସତର୍କ ରହିବେ । ଆରାଧନା–ଦୁର୍ଗା, ରଙ୍ଗ– ବାଇଗଣୀ, ସଂଖ୍ୟା–୧ ।

**ତୁଳା–** ସୁସମ୍ବାଦ, ଭାଗ୍ୟ ଓ କର୍ମରେ ଉନ୍ନତି, ଅଭିଳାଷ ପୂର୍ଣ୍ଣ, ଧନବୃଦ୍ଧି, ନୂତନ ବ୍ୟବସାୟରେ ଲାଭ, ବିଦେଶ ଯାତ୍ରା, ଶରୀର ସୁସ୍ଥରହିବ ମାତ୍ର କିଛି ବିରୋଧ ଅଛି, ବିଶାଖା ନକ୍ଷତ୍ର ସତର୍କ । ଆରାଧନା–ଶିବ, ରଙ୍ଗ–ନୀଳ, ସଂଖ୍ୟା–୨ ।

**ବିଛା–** ସୁଖପ୍ରାପ୍ତି, କର୍ମରେ ଉନ୍ନତି, ଏକାଗ୍ରତା ରହିବ, ସଫଳତା ମିଳିବ, ଆତ୍ମସନ୍ତୋଷ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଆରାଧନା–ବିଷ୍ଣୁ, ରଙ୍ଗ–ବାଇଗଣୀ, ସଂଖ୍ୟା–୫ ।

**ଧନୁ–** ମନସ୍ତାପ, ଅଧିକ ପରିଶ୍ରମ, ବ୍ୟବସାୟରେ ଲାଭ ମଧ୍ୟମ, ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ, ଶତ୍ରୁ ବୃଦ୍ଧି, ପରିବାରରେ ସହଯୋଗ, ଆଶା ପୂର୍ଣ୍ଣ ହେବାରେ ବିଳମ୍ବ, ମନସ୍ଥିର, କଥାବାର୍ତ୍ତାରେ ବିବାଦିତ ହେବେ, ମୂଲ୍ୟବାନ ପଦାର୍ଥ ନଷ୍ଟ, ଆର୍ଥିକ ଠକାମି । ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା–ଶ୍ରୀସତ୍ୟନାରାୟଣ, ରଙ୍ଗ–ଧଳା, ସଂଖ୍ୟା–୭ ।

**ମକର–** ବନ୍ଧୁଙ୍କ ଭୟ, ମନରେ ଅସ୍ଥିରତା, ପରିବାରରେ ଅସହଯୋଗ, ବିବାଦ, ଶାରୀରିକ ପୀଡ଼ା, ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ, ଅଯଥା ଖର୍ଚ୍ଚ, ବ୍ୟବସାୟ ମଧ୍ୟମ, ଭୋଜନ ସ୍ୱାଦିଷ୍ଟ, କର୍ମକ୍ଷେତ୍ରେ ଖୁସି, ବ୍ୟୟ ଅଧିକ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା–ଗଣେଶ, ରଙ୍ଗ–କଳା, ସଂଖ୍ୟା–୫ ।

**କୁମ୍ଭ–** ମାନସିକ ଶାନ୍ତି, ଦାମ୍ପତ୍ୟ ଜୀବନ ମଧୁରତା, ଧନସମ୍ପତ୍ତି ବୃଦ୍ଧି, ଆତ୍ମୀୟ ସ୍ୱଜନଙ୍କ ସହଯୋଗ, ଦୂରଯାତ୍ରା, ନ୍ୟାୟିକ ବ୍ୟବସ୍ଥାରେ ଖୁସି, ନୂତନ ବ୍ୟବସାୟ ଆରମ୍ଭ, ଶତ୍ରୁ ଲାଗିରହିବେ, ଆଶାପୂର୍ଣ୍ଣରେ ବିଳମ୍ବ, ଗୃହରେ ବିବାହ ଯୋଗ, କର୍ମରେ ସଫଳତା, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଆରାଧନା–ଶଙ୍କର, ରଙ୍ଗ ବାଇଗଣୀ, ସଂଖ୍ୟା–୭ ।

**ମୀନ–** ଘାତବାର ଭୋଗ ଯୋଗୁ ରୋଗ, ଋଣ, ଦୁଃଖ, ଶୋକ, କ୍ଲେଶ ଓ ମାନସିକ ଅବସାଦରୁ ମୁକ୍ତି ମିଳିବ, ଗାଡ଼ିଚାଳନାରେ ସାବଧାନ, ସମ୍ମାନ ମିଳିବା କଷ୍ଟଦାୟକ, କର୍ମକ୍ଷେତ୍ରରେ ପରିଶ୍ରମ, ଶତ୍ରୁମାନେ ମିତ୍ରତାର ହାତ ବଢ଼ାଇବେ, ଉତ୍ତରାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ । ଆରାଧନା–ଶ୍ରୀଜଗନ୍ନାଥ, ରଙ୍ଗ–ଗୋଲାପୀ, ସଂଖ୍ୟା–୯ ।

# ଓଡ଼ିଶାରେ ୩୫ ଜଣଙ୍କୁ ନାଗରିକତା ପ୍ରମାଣପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଆମ ପଡ଼ୋଶୀ ରାଷ୍ଟ୍ରମାନଙ୍କରେ ଧାର୍ମିକ ନିର୍ଯ୍ୟାତନାର ଶିକାର ହେଉଥିବା ସଂଖ୍ୟାଲଘୁ ମାନଙ୍କ ପାଇଁ ନାଗରିକତା (ସଂଶୋଧନ) ଆଇନ ୨୦୧୯ ହେଉଛି ଋପାପନାଶିନୀ ଓ ଦୁଃଖନାଶିନୀ ପବିତ୍ର ଗଙ୍ଗା ପରି । ଏହି ପବିତ୍ର ଆଇନ ବର୍ଷ ବର୍ଷ ଧରି ନିର୍ଯ୍ୟାତିତ ସଂଖ୍ୟାଲଘୁମାନଙ୍କ ପାଇଁ ଆଶା ଓ ଆଶ୍ୱାସନାର ମାର୍ଗ ପ୍ରଦାନ କରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନାଗରିକତା (ସଂଶୋଧନ) ଆଇନ ୨୦୧୯ ଅନୁଯାୟୀ ନାଗରିକତା ପ୍ରମାଣପତ୍ର ପ୍ରଦାନ ଅବସରରେ ଉଦ୍‌ବୋଧନ ଦେଇ କହିଛନ୍ତି । ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ମାଧ୍ୟମରେ ନାଗରିକତା ସଂଶୋଧନ ଆଇନ ୨୦୧୯ ଅଧୀନରେ ଯୋଗ୍ୟ ଆବେଦନକାରୀଙ୍କୁ ଭାରତୀୟ ନାଗରିକତା ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ୨୦୨୪ ମାର୍ଚ୍ଚ ୧୧ ରେ ବିଜ୍ଞାପିତ ହୋଇଥିବା ନିୟମାବଳୀ ଅନୁଯାୟୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ମଧ୍ୟରେ ଭାରତକୁ ପ୍ରବେଶ କରିଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ଭାରତୀୟ ନାଗରିକତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ପ୍ରକ୍ରିୟାରେ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରୁ ଆଜି ଋନବରଙ୍ଗପୁର ଜିଲ୍ଲାର ୩୫ ଜଣ ଆବେଦକଙ୍କୁ ନାଗରିକତା ପ୍ରମାଣପତ୍ର ମୁଖ୍ୟମନ୍ତ୍ରୀ ପ୍ରଦାନ କରିଛନ୍ତି ।



ଭୁବନେଶ୍ୱର କୃଷି ଭବନ ପ୍ରେକ୍ଷାଳୟରେ ଓଡ଼ିଶାର ଜନଗଣନା ନିର୍ଦ୍ଦେଶାଳୟ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପସ୍ଥିତ ନାଗରିକତା ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଏବେ ଆମ ଭବିଷ୍ୟତର ଅଂଶବିଶେଷ । ଆପଣମାନଙ୍କ ସୁରକ୍ଷା, ସମ୍ମାନ ଓ ଉନ୍ନତି ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ । ମୁଖ୍ୟମନ୍ତ୍ରୀ କହିଥିଲେ, "ଆପଣମାନଙ୍କୁ ଭାରତର ନାଗରିକ ଭାବରେ ମୁଁ ସ୍ୱାଗତ କରୁଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଭାରତ ବର୍ଷର ସଦା ପରମ୍ପରାଗତ କରୁଣା, ମାନବତା ଓ ଆଶ୍ରୟଦାନର ମୂଲ୍ୟବୋଧ ପୁଣି ଥରେ ଉଜ୍ଜିବୀତ ହୋଇଛି । ଯୁଗ ପରିବର୍ତ୍ତନର ସାରଥୀ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ହେଉଛନ୍ତି ଭାରତ ବର୍ଷରେ ଏହି ଆଇନ ପ୍ରଣୟନ ପ୍ରକ୍ରିୟାର ପ୍ରକୃତ ଭଗୀରଥ । ଏହା କାର୍ଯ୍ୟକାରୀ ହେବା ପଛରେ ସବୁଠାରୁ ବଳିଷ୍ଠ ଅବଦାନ ରହିଛି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କର । ଏହି ଆଇନର ଯଥାର୍ଥତା ବିଷୟରେ ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଅନ୍ୟ ଯେ କୌଣସି ଧର୍ମର ବ୍ୟକ୍ତି କୌଣସି ଦେଶରେ ନିର୍ଯ୍ୟାତିତ ହେଲେ ତାଙ୍କୁ ଆଶ୍ରୟ ଦେବା ପାଇଁ ପୃଥିବୀରେ ଅନେକ ଦେଶ ରହିଛି । କିନ୍ତୁ, ଅନ୍ୟ କୌଣସି ଦେଶରେ ହିନ୍ଦୁମାନେ ନିର୍ଯ୍ୟାତିତ ହେଲେ, ତାଙ୍କୁ ଆଶ୍ରୟ ଦେବା ପାଇଁ ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ନାହିଁ । ତେଣୁ ଭାରତରେ ଏଭଳି ଆଇନ ହେବନାହିଁ ତ କେଉଁଠି ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ ।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବାଂଲାଦେଶ ଓ ପାକିସ୍ତାନରେ ନିର୍ଯ୍ୟାତିତ ହେଉଥିବା ନାଗରିକମାନେ ମୂଳତଃ ଭାରତର ଅଧିବାସୀ ହୁଏତ ସେମାନଙ୍କ ପୂର୍ବ ପୁରୁଷ ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିବେ । ଏହି ସଂଖ୍ୟାଲଘୁମାନଙ୍କ ନିର୍ଯ୍ୟାତନାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ସିଏଏ ଆଇନ ସଂଶୋଧନର ପରିକଳ୍ପନା କରିଥିଲେ । ନୂଆକରି ନାଗରିକତା ପାଇଥିବା ନବରଙ୍ଗପୁର ଜିଲ୍ଲାର ବାସିନ୍ଦାଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ, ଆପଣମାନଙ୍କୁ ନାଗରିକତା ପ୍ରମାଣପତ୍ର ମିଳିଲା । ଭାରତର ନାଗରିକ ଭାବେ ସମସ୍ତ ସୁବିଧା ସୁଯୋଗ ପାଇବେ, ଭୂମିହୀନଙ୍କୁ ଭୂମି ପ୍ରଦାନ କରାଯିବ ଏବଂ ଆବଶ୍ୟକସ୍ଥଳେ ଜାତି ପ୍ରମାଣପତ୍ର ମଧ୍ୟ ଯୋଗାଇ ଦିଆଯିବ । ଆଇନ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଦେଶ ସ୍ୱାଧୀନତା ପରେ ନିଜ ଭିଟାମାଟିରେ ଶରଣାର୍ଥୀ ହୋଇ ରହିବା ଅତ୍ୟନ୍ତ କଷ୍ଟଦାୟକ । ଆଜି ଏହି ନାଗରିକତା ପ୍ରମାଣପତ୍ର ପ୍ରଦାନ ମାଧ୍ୟମରେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଛି । ଏ ଦିଗରେ ସଚେତନତା ବୃଦ୍ଧି କରିବା ପାଇଁ ସେ ପରାମର୍ଶ ଦେଇଥିଲେ । ନୂଆକରି ନାଗରିକତ୍ୱ ପାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ୧୯୯୮ରୁ ବାଂଲାଦେଶରୁ ଆସିଥିବା ବାପିନ ମିର୍ଦ୍ଧା କହିଥିଲେ ଯେ, ଏହି ନାଗରିକତା ପ୍ରମାଣପତ୍ର ଆମକୁ ଭିଟାମାଟିର ବାସିନ୍ଦା ଭାବେ ନୂଆ ପରିଚୟ ଦେଇଛି । ଏହା ମାଧ୍ୟମରେ ଆମର ବହୁଦିନର ସ୍ୱପ୍ନ ପୂରଣ ହୋଇଛି । ଆଜିର ଏହି ଦିବସ ଆମକୁ ଭାରତୀୟ ନାଗରିକତ୍ୱ ଦେଇ ଗର୍ବିତ କରିଛି । କାର୍ଯ୍ୟକ୍ରମରେ ଜନଗଣନା ନିର୍ଦ୍ଦେଶକ ନିଖିଲ ପବନ କୁମାର ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

### ଶହେ କେଜି ଗଞ୍ଜେଇ ଜବତ ମାମଲା

## ଆସାମୀକୁ ୧୦ ବର୍ଷ ଜେଲ୍, ୧ଲକ୍ଷ ଜୋରିମାନା

କଟକ,(ସବ୍ୟୁ): ଜଗତପୁର ଛକ ନିକଟରେ ଅବକାରୀ ପୁଲିସ୍ ଦ୍ୱାରା ଜବତ ହୋଇଥିବା ଶହେ କେଜି ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତ ବି. ନଗେଶକୁ କଟକ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ଅଦାଲତ ୧୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୧ଲକ୍ଷ ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ୨୦୨୩ ମସିହା ମାର୍ଚ୍ଚ ୨୨ ତାରିଖ ଦିନ ସକାଳ ସାଢ଼େ ୮ଟା ସମୟରେ କଟକ ଅବକାରୀ ପୁଲିସ୍ ଜଗତପୁର ଗୋଲେଇ ଛକ ନିକଟର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ କଟକ ଆଡୁ ଏକ ବୋଲେରୋ ଜଗତପୁର ଆଡ଼କୁ ଯାଉଥିବାବେଳେ ଉକ୍ତ ଗାଡ଼ି ଉପରେ ସନ୍ଦେହ ହେବାରୁ ଅବକାରୀ ପୁଲିସ୍ ତାହାକୁ ଅଟକାଇଥିଲେ। ଗାଡ଼ିରୁ ଚାରି ପ୍ୟାକେଟ୍ ଗଞ୍ଜେଇ ଜବତ ହୋଇଥିଲା। ପ୍ରତି ପ୍ୟାକେଟ୍‌ରେ ୨୫ କେଜି ଲେଖାଏଁ ଗଞ୍ଜେଇ ରହିଥିଲା। ଗଞ୍ଜେଇ ନେଇ ଯାଉଥିବା ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଜିଲ୍ଲାର ବି. ନଗେଶକୁ ଅବକାରୀ ପୁଲିସ୍ ଗିରଫ ମଧ୍ୟ କରିଥିଲା। ଏହି ମାମଲାର ଶୁଣାଣି କଟକ ସ୍ୱତନ୍ତ୍ର ଅଦାଲତରେ ହୋଇଥିଲା। ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଅଦାଲତ ଅଭିଯୁକ୍ତ ବି. ନଗେଶକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି ।

## ଦୁଇ ଦିନ ହେବ ଗଦା ସାହି ରୌପ୍ୟ ଜୟନ୍ତୀ

ଆଠଗଡ଼,(ସବ୍ୟୁ) ଆଠଗଡ଼ ଗଦା ସାହି ଉନ୍ନୟନ ପରିଷଦର ରୌପ୍ୟ ଜୟନ୍ତୀ ଆସନ୍ତା ୧୩ ଏବଂ ୧୪ ତାରିଖ ଦୁଇ ଦିନ ଧରି ପାଳନ କରାଯିବ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରତି ସନ୍ଧ୍ୟାରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ସୁନାମ ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଗୁରୁବାର ଗଦା ସାହି ସ୍ଥିତ ପ୍ରତିଭା କ୍ଲବ ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପରିଷଦର ସଭାପତି ଶ୍ରୀଧର ରଥ, ସମ୍ପାଦକ ହରପ୍ରସାଦ ସେଠୀ, ଉପସଭାପତି ସୋମନାଥ ଭକ୍ତା, ସୁଧାକର ସାହୁ, ସହ ସମ୍ପାଦକ ତଥାଗତ ପଟ୍ଟନାୟକ, ମନୋଜ ବେହେରା , କାଉନସିଲର ମନୋରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଗୁଡି ଉଡା ଓ ମାଞ୍ଜା ସୂତା ଉପରେ କଟକଣା ଜାରି

## ନମାନିଲେ ଗିରଫ କରିବ ପୁଲିସ୍

କଟକ,(ସବ୍ୟୁ): ମକରସଂକ୍ରାନ୍ତୀ ଉପଲକ୍ଷେ ସହରର ବିଭିନ୍ନ ସ୍ଥାନରେ ହେବ ଗୁଡ଼ି ଉଡା ପ୍ରତିଯୋଗୀତା । ସହରର ବିଭିନ୍ନ ଅଞ୍ଚଳରେ ସେବେଠାରୁ ଗୁଡ଼ି ଉଡାଇବା ଜୋରଦାର ହୁଏ । ଯୁବବର୍ଗଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଗୁଡ଼ି ଉଡାନ୍ତି । ପୂର୍ବବର୍ଷ ବର୍ଷ ଗୁଡ଼ିକରେ ଏହି ଗୁଡ଼ି ଉଡା ଯୋଗୁଁ ଅନେକ ଅଘଟଣ ଘଟିଛି । କେତେବେଳେ କାହାର ବେକ କଟିଛି ତ କିଏ ଗାଡିରୁ ପଡ଼ି ଗୁରୁତର ହୋଇଛି । ଏଭଳି ପରିସ୍ଥିତିରେ ନିଷିଦ୍ଧ ମାଞ୍ଜା ସୂତାକୁ କମିଶନରେଟ୍ ପୁଲିସ ସମ୍ପୂର୍ଣ୍ଣ ବାରଣ କରିଥିବା ବେଳେ ବିପଦଶଙ୍କୁଳ ସ୍ଥାନରେ ଗୁଡ଼ି ଉଡାଇବାକୁ ବାରଣ କରାଯାଇଛି । ଶୁକ୍ରବାର ଠାରୁ ସହରର ଗୁଡି ଦୋକାନ ଗୁଡ଼ିକରେ ଚଢଉ କରାଯିବ ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି । ପୁଲିସ ପକ୍ଷରୁ ଥାନାୱାରୀ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି । ଏହି ସ୍କ୍ୱାର୍ଡ ବିଭିନ୍ନ ଦୋକାନ ଏବଂ ସ୍ଥାନୀୟ ଅଞ୍ଚଳରେ ମାଞ୍ଜାସୂତା ବ୍ୟବହାର କରି ଗୁଡି ଉଡାଉଥିବା ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟି ଦେବ ବୋଲି ଏଡିସିପି ଶ୍ରୀ ପଣ୍ଡା କହିଛନ୍ତି । ଯେଉଁମାନେ ନିଷିଦ୍ଧ ମାଞ୍ଜା ସୂତା ବ୍ୟବହାର କରି ବିପଦଶଙ୍କୁଳ ସ୍ଥାନରେ ଗୁଡି ଉଡାଇବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

ଆଗକୁ ସହରରେ ମକରସଂକ୍ରାନ୍ତି ପାଳନ ହେବାକୁ ଥିବା ବେଳେ ଏବେ ଠାରୁ ସହରରେ ମାଳ ମାଳ ଗୁଡି ଉଡା ଆରମ୍ଭ ହେଲାଣି । ବିପଦଜନକ ମାଞ୍ଜା ସୂତାର ବ୍ୟବହାର ଯୋଗୁ ଅନେକ ଲୋକଙ୍କ ପାଇଁ ଏହା କାଳ ସାଜୁଛି । ବହୁ ଲୋକେ ଛାତ ଉପରେ କିମ୍ବା ଜନଗହଳିପୂର୍ଣ୍ଣ ସ୍ଥାନରେ ଛିଡା ହୋଇ ଗୁଡି ଉଡାଇ ଥାନ୍ତି । ଏପରିକି ଗୁଡି ଉଡାଇବା ଲାଗି ପ୍ରତିଯୋଗିତା ମଧ୍ୟ ବିଭିନ୍ନ ସ୍ଥାନରେ ହୋଇଥାଏ । ଗୁଡି ଉଡାଇବା ବେଳେ ପ୍ରତିପକ୍ଷର ଗୁଡି ସୂତାକୁ କିପରି କଟାଯିବ ଏହା ଉପରେ ଗୁରୁତ୍ୱ ଦେଇଥାନ୍ତି । ତେଣୁ ମାଞ୍ଜା ସୂତା ଅଧିକ ଶକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରାଯାଇଥାଏ । ଏଥିପ୍ରତି ଏବେଠାରୁ ସିଏମ୍‌ସି, ପୁଲିସ ଓ ପ୍ରଶାସନ ମାଞ୍ଜା ସୂତାକୁ ନିଷିଦ୍ଧ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି । ତେବେ ପୂର୍ବବର୍ଷ ଗୁଡ଼ିକରେ ପଶ୍ଚିମବଙ୍ଗ ଅଞ୍ଚଳରୁ ମାଞ୍ଜା ସୂତା ଅଣାଯାଇ କଟକର ଚୌଧୁରୀବଜାର ସମେତ କେତେକ ସ୍ଥାନରେ ଏହା ବିକ୍ରି କରାଯାଉଥିବା ଦେଖିବାକୁ ମିଳେ । ଏପରିକି ଅନ୍‌ଲାଇନ୍‌ରେ ମଧ୍ୟ ଏହି ସୂତା ବିକ୍ରି କରାଯାଉଛି । ହେଲେ ଚଳିତ ବର୍ଷ ଏହି କଟକଣାକୁ କଡାକଡି କରାଯାଉଛି । ପ୍ରତ୍ୟେକ ଥାନାକୁ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ମାଞ୍ଜା ସୂତା, ଗୁଡି ଏବଂ ନଟେଇ ଜବତ କରିବା ନିମେନ୍ତ କୁହାଯାଇଛି ।

## ଚାଷୀ ଙ୍କୁ ମିଳୁନି ଚିନାବାଦାମ ବିହନ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ବ୍ଲକ ଅଧିନ ଉତରପ୍ରତାପ ପଂଚାୟତ ରେ ଚାଷୀ ଙ୍କୁ ମିଳୁନି ଚିନାବାଦାମ ବିହନ । ଚଳିତ ବର୍ଷ ଚିନାବାଦାମ ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ଚିନାବାଦାମ ଚାଷ ପାଇଁ ଚାଷୀମାନେ ଜମିକୁ ପ୍ରସ୍ତୁତ କରିଦେଇଥିବା ବେଳେ ସରକାରୀ ବିହନ ମିଳିବାରେ ବିଳମ୍ବ ହେଉଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଉତର ପ୍ରତାପ ପଂଚାୟତ ଅଧୀନ ନରସିଂହ ପୁର ,ନୀଳକ= ପୁର,ଅଲଣିସାହୁ ପାଟଣା,ଉତର ପ୍ରତାପ ଗାଆଁର ଚାଷୀ ମାନେ ଚିନାବାଦାମ ଚାଷ ଉପରେ ନିର୍ଭର କରିଥାନ୍ତି । ଏଠାରେ ସହ ସହ ଏକର ଚାଷ ଜମିରେ ପ୍ରତ୍ୟେକ ବର୍ଷ ଚିନାବାଦାମ ଚାଷ କରାଯାଇଥାଏ । କିନ୍ତୁ ବିଡମ୍ବନା ର ବିଷୟ କୃଷି ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ବିହନ ନମିଳି ବାରୁ ଚାଷୀ ମାନେ ଚଢ଼ା ଦରରେ ବାହାରୁ ବିହନ କିଣି ଚାଷ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି । ପଂଚାୟତରେ ଚାଷୀଙ୍କ ସଂଖ୍ୟା ଅନୁଯାୟୀ କୃଷି ବିଭାଗ ପକ୍ଷରୁ ଆବଶ୍ୟକୀୟ ପରିମାଣର ଚିନାବାଦାମ ବିହନ ଯୋଗାଇ ଦିଆଯାଉନାହିଁ । ଯାହା ଫଳରେ ଅନେକ ଚାଷୀ ଖୋଲାବଜାରରୁ ଚଢା ମୁଲ୍ୟରେ ବାଦାମ ବିହନ କିଣି ଚାଷ କରିବାକୁ ବାଧ ହେଉଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### ଘରୋଇ ବିଶ୍ୱବିଦ୍ୟାଳୟ ଛାତ୍ର ନିର୍ଯାତନା ମାମଲା

## ଚାରି ଛାତ୍ର ଛାତ୍ରୀଙ୍କୁ ଜେରାକଲା ପୋଲିସ୍

ଭୁବନେଶ୍ୱର, (ସବ୍ୟୁ) :ରାଜଧାନୀ ଉପକଣ୍ଠରେ ଥିବା ଘରୋଇ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ବ୍ରାଉନସୁଗର ନଖାଇବାରୁ ତାଙ୍କୁ ଛାତ୍ରୀ ଓ ଛାତ୍ରମାନେ ମିଶି ଅକଥନୀୟ ନିର୍ଯାତନା ଦେବା ସହ ମାଡ ମାରିଥିଲେ । ଏପରିକି ପାଇଖାନା ପାଣି ପିଆଇଥିଲେ । ନିର୍ଯାତିତ ଛାତ୍ରଙ୍କ ପରିବାର ଏ ସମ୍ପର୍କରେ ପିପିଲି ଥାନାରେ ଏତଲା କରିଥିଲେ । ଏତଲା ଅନୁଯାୟୀ ପୋଲିସ ଦୁଇଜଣ ଛାତ୍ରୀ ଓ ଦୁଇଜଣ ଛାତ୍ରଙ୍କୁ ଡାକି ଗୁରୁବାର ଜେରା କରିଛି ।

ସେମାନଙ୍କ ବୟାନ ଭିଡିଓ ରେକର୍ଡ କରାଯାଇଛି । ଉଚ୍ଚପଦସ୍ଥ ଅଫିସରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି, ତାଙ୍କୁ ଗିରଫ କରାଯିବ କି ନାହିଁ ।ପୀଡିତ ପରିବାର ଯେଉଁ ଏତଲା କରିଛନ୍ତି ସେହି ଆଧାରରେ ୪ ଛାତ୍ରଛାତ୍ରୀଙ୍କୁ ୪ଘଣ୍ଟାରୁ ଉର୍ଦ୍ଧ୍ୱର୍ ସମୟ ଜେରା କରାଯାଇଥିଲା । ବ୍ରାଉନସୁଗର ଖାଇବାକୁ ବାଧ କରାଇବା ନଖାଇବାରୁ ମାଡମାରି ତାଙ୍କୁ ହତ୍ୟା ଧମକ ଦେବା ସମ୍ପର୍କରେ ପଚରାଯାଇଥିଲା । ପାଇଖାନା ପାଣି ପିଆଇବା ଓ ପାଇଖାନା ଚଟାଣ ଚାଟିବାକୁ ବାଧ କରିବ ମରଣାନ୍ତକ ଆକ୍ରମଣ ସମ୍ପର୍କରେ ଏତଲାରେ ଦରଜ ହୋଇଥିବାରୁ ସେଥିନେଇ ସେମାନଙ୍କୁ କ୍ରସ ଜରା କରାଯାଇଥିଲା ।

ପ୍ରଥମେ ୪ଜଣଙ୍କୁ ଅଲଗା ଅଲଗା ପଚରାଉଚରା କରାଯିବା ପରେ ସେମାନଙ୍କ ବୟାନ ଆଧାରରେ କ୍ରସ ଜେରା କରାଯାଇ ବୟାନ ରେକର୍ଡ ହୋଇଛି । ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀମାନେ ମିଶି ବ୍ରାଉନସୁଗର ଭଳି ମାରାତ୍ମକ ନିଶା ସେବନ କରିବା ଓ ବିକ୍ରି କରିବା ଭଳି ଦର୍ଭବ୍ୟ ଅପରାଧ ଘଟୁଛି । ଅଭିଭାବକମାନେ ପିଲାଙ୍କୁ ବେସରକାରୀ ବିଶ୍ୱବିଦ୍ୟାଳୟରେ ଉଚ୍ଚ ପରିମାଣର ଟଙ୍କା ଖର୍ଚ୍ଚ କରି ପାଠ ପଢାଉଥିବା ବେଳେ ସେମାନେ ବିପଥଗାମୀ ହେବା ସହ ଅନ୍ୟମାନଙ୍କୁ ବିପଥଗାମୀ କରାଉଛନ୍ତି । ଅଭିଯୁକ୍ତ ଛାତ୍ରଛାତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଗଲେ ଶିକ୍ଷାନୁଷ୍ଠାନରେ ଏଭଳି ଧର୍ଭବ୍ୟ କାର୍ଯ୍ୟ କରିବାକୁ ଅନ୍ୟ ଛାତ୍ରଛାତ୍ରୀ ସାହାସ କରିବେ ନାହିଁ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି ।

## ମଦ ସହ ୨ବାଇକ, ସ୍କୁଟି ଜବତ : ୩ ଗିରଫ

ବାଲୁଗାଁ ,(ସବ୍ୟୁ) :ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ପୃଥକ ଭାବେ ୩ ଗୋଟି ସ୍ଥାନରେ ଚଢ଼ାଉ କରାଯାଇଥିଲା । ଉକ୍ତ ଚଢ଼ାଉରେ ମୋଟ ୮୯ ଲିଟର ଦେଶୀ ମହୁଲି ମଦ ସମେତ ୨ଗୋଟି ବାଇକ ଏବଂ ଗୋଟିଏ ସ୍କୁଟି ଜବତ ହୋଇଥିବା ବେଳେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବାଣପୁର ଥାନା ଅନ୍ତର୍ଗତ କୋଷରଡ଼ା ଗ୍ରାମର ଜୟ ଶବର, ବାଲିପଦର ଗ୍ରାମର କାଳିଆ ପ୍ରଧାନ ଏବଂବାଲୁଗାଁ ଥାନା ଚାଷଙ୍ଗରା ଗ୍ରାମର ବିକାଶ ବାରିକ । ବାଣପୁର କେନାଲ ରୋଡ଼ରୁ କାଳିଆ ପ୍ରଧାନଙ୍କ ଠାରୁ ୩୪ ଲିଟର ମହୁଲି ମଦ ସମେତ ଏକ ସ୍କୁଟି, କୋଷରଡ଼ା ରାସ୍ତା ଘଣ୍ଟଶିଳା ପାହାଡ଼ ନିକଟରୁ ୩୨ ଲିଟର ମଦ ସମେତ ଗୋଟିଏ ବାଇକ ଏବଂ ବାଲୁଗାଁ ନିକଟ ଚାଷଙ୍ଗରା ରାସ୍ତାରେ ବିକାଶ ବାରିକଙ୍କ ଠାରୁ ୨୩ ଲିଟର ମଦ ସମେତ ଏକ ବାଇକ ଜବତ କରାଯାଇଛି । ବିଭାଗୀୟ ପକ୍ଷରୁ ୨୧୯,୨୨୦ଏବଂ ୨୨୧/୨୫ରେ ୩ଗୋଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉକ୍ତ ଚଢ଼ାଉରେ ଏ ଏସ ଆଇ ମୀନକେତନ ମହାଳିକ, କନେଷ୍ଟବଳ ଅଶେଷ କୁମାର ପ୍ରଧାନ, ରଞ୍ଜିତ ପଟେଲ, ଏବଂ ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ ।

## ଚାକିରି ନିୟମିତ ପାଇଁ ଓଟିଇଟି ବାଧ୍ୟତାମୂଳକ ନୁହେଁ : ହାଇକୋର୍ଟ

କଟକ,(ସବ୍ୟୁ): ଚାକିରି ନିୟମିତ ପାଇଁ ଓଟିଇଟି ଯୋଗ୍ୟତା ବାଧ୍ୟତାମୂଳକ ନୁହେଁ । ଓଟିଇଟି ଆର୍ଥିକ ଲାଭ ପାଇଁ ଆବଶ୍ୟକ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ଗଣଶିକ୍ଷକ ଭାବେ କାର୍ଯ୍ୟ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ ସରକାର ଓଟିଇଟି ଯୋଗ୍ୟତା ନଥିବା ଦର୍ଶାଇ ଚାକିରି ନିୟମିତ କରିବାକୁ ମନା କରି ଦେଇଥିଲେ । ଏହି ଆଦେଶ ବିରୋଧରେ ଆବେଦନକାରିଣୀ ଶିକ୍ଷୟିତ୍ରୀ ସଂଧ୍ୟାରାଣୀ ମିଶ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଡି.କେ ଶ୍ରୀପଦ ମାମଲାର ରାୟ ପ୍ରକାଶ କରି ଆବେଦନକାରିଣୀଙ୍କୁ ନିୟମିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆ ବେ ଦ ନ କା ରି ଣୀ ସନ୍ଧ୍ୟାରାଣୀ ମିଶ୍ର ୧୯୯୮ରେ ନନ୍ ଫର୍ମାଲ ଇନ୍‌ଷ୍ଟ୍ରକ୍ଟର ଭାବେ ନିଯୁକ୍ତ ହୋଇଥିଲେ । ୨୦୦୧ରେ ତାଙ୍କୁ ନନ୍ ଫର୍ମାଲ ଇନ୍‌ଷ୍ଟ୍ରକ୍ଟରରୁ ବାହାରି ଯିବାକୁ ପଡ଼ିଥିଲା । ପରେ ସେ ଏଜୁକେସନ ଭଲ୍ୟୁଣ୍ଟର ଭାବେ ପୁଣି ଶିକ୍ଷକତାରେ ଯୋଗ ଦେଇଥିଲେ। ୨୦୦୮ରେ ସରକାରୀ ବିଜ୍ଞପ୍ତି ଅନୁସାରେ ତାଙ୍କ ଚାକିରି ସ୍ଥାୟୀ କରିବାକୁ ଦାବି କରିଥିଲେ । ସରକାର ତାଙ୍କ ଦାବିକୁ ଖାରଜ କରିବା ସହ ସେ ଓଟିଇଟି ପାସ କରି ନ ଥିବା ଏବଂ ତାଙ୍କର ସେବା ୮ ବର୍ଷ ପୂର୍ଣ୍ଣ ହୋଇନଥିବା ଏବଂ ସେ ଅନେକ ମାମଲା କରିଥିବାରୁ ନିୟମିତ ହେବାକୁ ଯୋଗ୍ୟ ନୁହେଁ ବୋଲି କୁହାଯାଇଥିଲା। ଏହାକୁ ବିରୋଧ କରି ଆବେଦନକାରିଣୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରିଣୀ ତାଙ୍କ ପକ୍ଷ ରଖି ଦର୍ଶାଇଥିଲେ ଯେ, ଜିଲ୍ଲାପାଳ ତାଙ୍କ ଚାକିରିକୁ ନେଇ ଏକ ଯାଞ୍ଚ ରିପୋର୍ଟ ଦେଇଥିଲେ । ସେଥିରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି କି ସେ ଗଣଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ତାଙ୍କ ଦାବି ଯୁକ୍ତିସଙ୍ଗତ । ଅଧିକାରୀମାନଙ୍କ ଭୁଲ ଯୋଗୁଁ ସେ ୮ ବର୍ଷ ସେବା ଦେଇପାରିଲେନି। ଏଥିପାଇଁ ସେ ଦୋଷୀ ନୁହନ୍ତି ବୋଲି ଅଦାଲତଙ୍କୁ ଅବଗତ କରିବା ସହ ଓଟିଇଟି କେବଳ ଦରମା ବୃଦ୍ଧି ଭଳି ଲାଭ ପାଇଁ ଆବଶ୍ୟକ। ନିଯୁକ୍ତି ପାଇଁ ନୁହେଁ ବୋଲି ଅବଗତ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା। ଅଦାଲତ ଉଭୟପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଜିଲ୍ଲାପାଳଙ୍କ ଯାଞ୍ଚ ରିପୋର୍ଟକୁ ଅଣଦେଖା କରିବା ତ୍ରୁଟି ବୋଲି କହିବା ସହ ଅଧିକାରୀଙ୍କ ଭୁଲ୍ ଯୋଗୁଁ ଆବେଦନକାରିଣୀଙ୍କୁ ଲାଭ ନ ଦେବା ଅସମ୍ବିଧାନିକ କହିଛନ୍ତି । ନିଯୁକ୍ତି ନିୟମିତ ପାଇଁ ଓଟିଇଟି ବାଧ୍ୟତାମୂଳକ ନୁହେଁ । ତେଣୁ ଆବେଦନକାରୀଙ୍କ ୨୦୦୮ ଫେବୃଆରୀ୨ରୁ ନିୟମିତ ଧରାଯିବା ସହ ସମସ୍ତ ଆର୍ଥିକ ଲାଭ ତିନି ମାସ ମଧ୍ୟରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସୈନିକ ସ୍କୁଲ ନିକଟସ୍ଥ ଟିଟିଏସ୍ ରେ ବିଏମ୍‌ସିର ବନୀକରଣ

ଭୁବନେଶ୍ୱର, (ସବ୍ୟୁ): ସହରାଞ୍ଚଳ ସବୁଜ ଆଚ୍ଛାଦନ ବିସ୍ତାର ଏବଂ ବାୟୁ ଗୁଣବତ୍ତା ଉନ୍ନତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଭୁବନେଶ୍ୱର ମହାନଗର ନିଗମ ସୈନିକ ସ୍କୁଲ ନିକଟସ୍ଥ ଅସ୍ଥାୟୀ ପରିବହନ ଷ୍ଟେସନରେ ବ୍ୟାପକ ବୃକ୍ଷରୋପଣ ଅଭିଯାନ ଆରମ୍ଭ କରିଛି । ଏହି ପଦକ୍ଷେପ ଅଂଶ ସ୍ୱରୂପ ସମଗ୍ର କ୍ୟାମ୍ପସରେ ୧,୦୦୦ ରୁ ଅଧିକ ଚାରା ରୋପଣ କରାଯାଇଛି । ଗୃହନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଭାବରେ ପ୍ରତିଷ୍ଠିତ ସ୍ୱଚ୍ଛ କ୍ୟାଣ୍ଟିନ୍ କୁ ଉଦ୍ଘାଟନ କରିଥିଲେ ଏବଂ ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ ଏହା ଗର୍ବର ବିଷୟ ଯେ ଭୁବନେଶ୍ୱର ଏବେ ସ୍ୱଚ୍ଛ ବାୟୁ ସର୍ବେକ୍ଷଣରେ ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି,




ଯାହା ସହରର ସବୁଜ ଅଭିଯାନର ପ୍ରଭାବଶାଳୀତାକୁ ସୂଚାଇ ଦେଉଅଛି । ସେ ଆହୁରି କହିଛନ୍ତି ଯେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଘଉଇଚ) ଅଧୀନରେ, ବିଏମ୍ ସି ପରିସୀମା ମଧ୍ୟରେ ବ୍ୟାପକ ବୃକ୍ଷରୋପଣ, ସହରର ବାୟୁ ଗୁଣବତ୍ତାରେ ଉନ୍ନତି ବଜାୟ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ ନାଗରିକ, ଏସ୍‌ଏଚଜି, ସ୍ୱେଚ୍ଛାସେବୀ ସଂଗଠନ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଗଠନ ବିଏମ୍ ସି ସହିତ ହାତ ମିଳାଇ ସବୁଜ ମିଶନରେ ସାମିଲ ହେବାକୁ ଅନୁରୋଧ କରିଛନ୍ତି।

ବିଏମ୍ ସି ବୈଜ୍ଞାନିକ ପଦ୍ଧତିରେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଘଞ୍ଚ ସହରାଞ୍ଚଳ ଜଙ୍ଗଲ ବିକଶିତ କରୁଅଛି। ସୈନିକ ସ୍କୁଲ ନିକଟ ଟିଟିଏସ ଠାରେ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଅନୁମୋଦିତ ଚାରା - ଛାଇ ପ୍ରଦାନକାରୀ, ଫୁଲ ପ୍ରଦାନକାରୀ ଏବଂ ପ୍ରଚୁର ପରିମାଣର ଅମ୍ଳଜାନ ପ୍ରଦାନ କରୁଥିବା ବୃକ୍ଷ ରୋପଣ କରାଯାଇଛି । କୌଣସି ଫଳ ପ୍ରଦାନକାରୀ ଗଛ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ, ଯାହା ବାୟୁ ଗୁଣବତ୍ତା ବୃଦ୍ଧି ଉପରେ ଧ୍ୟାନ ଦେବାକୁ ସୁନିଶ୍ଚିତ କରୁଅଛି । ଶୀଘ୍ର ଜଙ୍ଗଲ ସୃଷ୍ଟି କରିବା ସହ ବାୟୁମଣ୍ଡଳର ସନ୍ତୁଳନ ରକ୍ଷା କରିବା ପାଇଁ ମଧ୍ୟମ ଧରଣର ଚାରା ରୋପଣ କରାଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସ ତାଙ୍କ ଉଦବୋଧନରେ ଆଲୋକପାତ କରିଥିଲେ ଯେ ବିଏମ୍ ସି ଦ୍ୱାରା ପୂର୍ବରୁ ମିଆଁୱାକି ପଦ୍ଧତିରେ ରୋପଣ କରାଯାଇଥିବା ବୃକ୍ଷ ଆଜି ଘଞ୍ଚ ଜଙ୍ଗଲରେ ପରିଣତ ହେବାକୁ ଯାଉଛି । ଏହା ଦ୍ୱାରା ବିଏମ୍ ସି ଅଂଚଳରେ ସବୁଜିମା କ୍ଷେତ୍ର ବୃଦ୍ଧି ପାଇବା ସହ ବାୟୁ ମଣ୍ଡଳରେ ମଧ୍ୟ ସ୍ୱଚ୍ଛତା ଆସିବ ବୋଲି ସେ କହିଛନ୍ତି । ଏହି ଅବସରରେ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ସହରାଞ୍ଚଳ ପରିବେଶ ବିଜ୍ଞାନକୁ ସୁଦୃଢ଼ କରିବାରେ ବିଏମ୍ ସିର ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ବିଏମ୍ ସି କମିଶନର ଚଞ୍ଚଳ ରାଣା ତାଙ୍କ ସ୍ୱାଗତ ଅଭିଭାଷଣରେ ପ୍ରାକୃତିକ ବିପର୍ଯ୍ୟୟରୁ ଭୁବନେଶ୍ୱରକୁ ସୁରକ୍ଷା ଦେବା ଏବଂ ପରିବେଶଗତ ସନ୍ତୁଳନ ବଜାୟ ରଖିବାରେ ବନୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଶାସନ ପକ୍ଷରୁ ଧାନ କ୍ରୟ ସମ୍ବନ୍ଧରେ ଜିଲ୍ଲା ସ୍ତରୀୟ ବୈଠକ

କେନ୍ଦ୍ରାପଡା,(ସବ୍ୟୁ) : ଚଳିତ ଖରିଫ ଧାନ କ୍ରୟ ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲିକ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟିର ସଂପାଦକ ବିଦ୍ୟାଧର ବେହେରାଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆସ"। ଜାନୁଆରୀ ୯ ତାରିଖ ଠାରୁ ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ କ୍ରୟ ଆରମ୍ଭ କରାଯିବାକୁ ଥିବାବେଳେ ଏ ସମ୍ବନ୍ଧରେ ମଣ୍ଡିର ସମସ୍ତ କର୍ମକର୍ତ୍ତା ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ମଣ୍ଡିରେ ଧାନ ବିକ୍ରୟ କରିବା ପାଇଁ ଇଚ୍ଛୁକ ଚାଷୀ ମାନଙ୍କର ନାମ ପିକରଣ, ସାଟେଲାଇଟ ଦ୍ୱାରା ଚିହ୍ନଟ କରାଯାଇଥିବା ଓ ସନ୍ଦେହ ଜନକ ଭାବରେ ଥିବା ଚାଷ ଜମିକୁ ଯାଂଚ କରିବା, ସମସ୍ତ ଧାନ ମଣ୍ଡିରେ ଆବଶ୍ୟକୀୟ ଭିତିଭୂମିର ପ୍ରସ୍ତୁତିକରଣ, ଧାନର ଗୁଣବତା ଯାଂଚ କରିବା ପାଇଁ ଅସ୍ଥାୟୀ ଭାବେ କ୍ୱାଲିଟି ଆନାଲାଇଜର ନିଯୁକ୍ତି, ଧାନ ମଣ୍ଡିର ନୋଡାଲ ଅଫିସର ଓ ସୁପର ଭାଇଜର ମାନେ ବିଭିନ୍ନ ମଣ୍ଡି ବୁଲି ଯାଂଚ କରିବା ସମ୍ବନ୍ଧରେ ଆଲୋଚନା କରା ଯାଇଥିଲା।

## ଡାଲମିଆ ଭାରତ ଗ୍ରୁପ୍ ପକ୍ଷରୁ 'ସେବା ଦିବସ' ପାଳନ

ଭୁବନେଶ୍ୱର, (ସବ୍ୟୁ): ଭାରତରେ ଏକ ଅଗ୍ରଣୀ ସିମେଣ୍ଟ ଓ ଚିନି ଉତ୍ପାଦନକାରୀ ଗ୍ରୁପ୍ ଡାଲମିଆ ଭାରତ ଗ୍ରୁପ୍ ଏହାର ପରମପୂଜ୍ୟ ପ୍ରତିଷ୍ଠାତା ତଥା ଏକନିଷ୍ଠ ମୂଲ୍ୟବୋଧ ଓ ନିଃସ୍ୱାର୍ଥପର ସେବାରେ ନିଜ ଜୀବନକୁ




ଆଗେଇ ନେଇଥିବା ଜଣେ ଦୂରଦ୍ରଷ୍ଟା ଶିଳ୍ପପତି ଓ ବଦାନ୍ୟ ବ୍ୟକ୍ତିତ୍ୱ ଶ୍ରୀ ଜୟଦୟାଲ ଡାଲମିଆ ଜୀଙ୍କ ୧୨୧ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ଭାରତରେ ତାହାର ବ୍ୟବସାୟ ପରିଚାଳନା ଅଞ୍ଚଳରେ ସେବା ଦିବସ' ପାଳନ କରିଥିଲା। ଗ୍ରୁପର ଉତ୍ପାଦନକାରୀ ୟୁନିଟ, ଆଞ୍ଚଳିକ କାର୍ଯ୍ୟାଳୟ, କର୍ପୋରେଟ କାର୍ଯ୍ୟାଳୟ ସମେତ ଭାରତର ୨୫ଟି ସ୍ଥାନରେ ଡିସେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ସେବା ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଗ୍ରୁପ୍ ତାହାର ପ୍ରତିଷ୍ଠାତାଙ୍କର କରୁଣା, ବିନମ୍ର ଭାବ, ସଚ୍ଚୋଟତା ଏବଂ ସମାଜ ପ୍ରତି ସେବାର ସ୍ଥାୟୀ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ କରିଥିଲା। ଚଳିତ ବର୍ଷ ଏହି ଉତ୍ସବ ପାଳନ ଦୀର୍ଘସ୍ଥାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଥିଲା, ଯାହା ତାଙ୍କର ଦାୟିତ୍ୱସମ୍ପନ୍ନ ଅଭିବୃଦ୍ଧି ଏବଂ ପରିବେଶଗତ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରିଥିଲା। ସମସ୍ତ ସ୍ଥାନରେ କର୍ମଚାରୀବୃନ୍ଦ, ସହଭାଗୀ ଏବଂ ଜନସାଧାରଣ ସାମୂହିକ କାର୍ଯ୍ୟକ୍ରମ ଜରିଆରେ ବୃକ୍ଷ ଚାରା ରୋପଣ ଏବଂ ସଫେଇ ଅଭିଯାନ, ପୁନଃଚକ୍ରଣ ପ୍ରୟାସ ସମ୍ପର୍କିତ ସଚେତନତା ହାତକୁ ନେଇଥିଲେ। ଏଥିସହିତ ସେମାନେ 'ଅନ୍ନ ଦାନ'ର ଅଂଶ ଭାବରେ ଅନାଥାଶ୍ରମ ଓ ଜରାଶ୍ରମଗୁଡ଼ିକୁ ଗସ୍ତ କରିବା ସହିତ ପାରିପାର୍ଶ୍ୱିକ ଅଞ୍ଚଳରେ ଭିତ୍ତିଭୂମି ଓ ପୁନଃବିକାଶମୂଳକ କାର୍ଯ୍ୟ କରିଥିଲେ। ମୂଲ୍ୟ ଭିତ୍ତିକ ଭାବ ବିନିମୟ ଏବଂ ଗୋଷ୍ଠୀ ନିୟୋଜନକାରୀ 'ପଥପ୍ରାନ୍ତ ନାଟକ' ଆଦି ଏହାର ପ୍ରତିଷ୍ଠାତାଙ୍କ ମାର୍ଗଦର୍ଶିତ ଦାୟିତ୍ୱସମ୍ପନ୍ନ ନାଗରିକତା ସଂସ୍କୃତି ଏବଂ ନୈତିକ ଜୀବନ ନିର୍ବାହ ବ୍ୟବସ୍ଥାକୁ ପୁନଃ ସୁଦୃଢ଼ କରିଥିଲା।

### କଟକର ସ୍ୱେଶାଲ ସର୍କିଟ୍ ହାଉସ୍‌ର

## ନୂଆ ଆନେକ୍ସ ବିଲ୍‌ଡିଙ୍ଗ୍ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/କଟକ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଟକ ସହର ଗସ୍ତରେ ଯାଇ କଟକର ସ୍ୱେଶାଲ ସର୍କିଟ୍ ହାଉସ୍‌ର ନୂଆ ଆନେକ୍ସ ବିଲ୍‌ଡିଙ୍ଗ୍ ସମେତ ନୂଆ ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସ୍ୱେଶାଲ ସର୍କିଟ୍ ହାଉସ୍ ବିଲଡିଙ୍ଗଟି ୫ ମହଲା ବିଶିଷ୍ଟ କରାଯିବ ଏବଂ ପ୍ରାୟ ୨୦,୧୭୫ ବର୍ଗ ମିଟର ଯାଗାରେ ଏହି ବିଲ୍‌ଡିଙ୍ଗ ପାଇଁ ୧୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ ୪ ମହଲା ବିଶିଷ୍ଟ ଏହି ବିଲ୍‌ଡିଙ୍ଗଟି ପ୍ରାୟ ୩,୬୭୨ ବର୍ଗ ମିଟର ଅଞ୍ଚଳରେ ୧୮ କୋଟି ୮୦ ଲକ୍ଷ ଟଙ୍କା ବିନିଯୋଗରେ ନିର୍ମାଣ କରାଯିବ।



ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କଟକ ର ନୂତନ ତହସିଲ ଅଫିସ ଓ ସବ୍ ରେଜିଷ୍ଟର୍ ଅଫିସ୍ରେ ସମସ୍ତ ପ୍ରକାର ଆଧୁନିକ ସୁବିଧା ରହିବ । ଯେଉଁ ମାନେ ଜମିଜମା କାମରେ ତହସିଲ ଓ ସବ୍-ରେଜିଷ୍ଟର ଅଫିସକୁ ଆସିବେ, ସେମାନେ ସୁବିଧାରେ ସମସ୍ତ ସେବା ପାଇପାରିବେ। ଏହାଦ୍ୱାରା ଲୋକଙ୍କ ସମସ୍ୟା ଅଫିସରେ ସୁବିଧାରେ ସମାଧାନ ହୋଇପାରିବ, ସେମାନଙ୍କୁ ଆଉ ଉଚ୍ଚ ପଦାଧିକାରୀମାନଙ୍କ କାର୍ଯ୍ୟାଳୟକୁ ଦୌଡିବାକୁ ପଡିବ ନାହିଁ। ଆମର ମୂଳଲକ୍ଷ୍ୟ ହେଉଛି ସବୁ କ୍ଷେତ୍ରରେ ଲୋକଙ୍କୁ ସହଜରେ ଓ ସୁବିଧାରେ ବିଭିନ୍ନ ସରକାରୀ ସେବା ଯୋଗାଇଦେବା ଏହାଦ୍ୱାରା ଲୋକଙ୍କ ଇଜ୍ ଅଫ୍ ଲିଭିଙ୍ଗ୍ ରେ ଉନ୍ନତି ଆସିପାରିବ। ଏହିଲକ୍ଷ୍ୟ ହାସଲ ପାଇଁ ଆମର ଉଦ୍ୟମ ଜାରିରହିବ । ଜମିଜମା ସଂକ୍ରାନ୍ତରେ ତହସିଲ ଅଫିସ ଗୁଡିକ ଏକ ୱାନ୍ ଷ୍ଟପ୍ ସଲ୍ୟୁସନ ଭଳି କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ ଆହୁରି କହିଥିଲେ ଯେ ରାଜ୍ୟର ସବୁ ତହସିଲରେ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲିବା ପାଇଁ ଆମ ସରକାର ନିଷ୍ପତ୍ତି ନେଇଛନ୍ତି। ନଭେମ୍ବର ୧ ତାରିଖରେ ୧୩ଟି ଜିଲ୍ଲାର ୪୪ଟି ତହସିଲରେ ନୂଆ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟର ଉଦ୍‌ଘାଟନ କରାଯାଇଛି। ପ୍ରାୟ ୫୬ଟି ତହସିଲ ଛାଡି ସବୁ ତହସିଲ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି। ଏଗୁଡିକ ମଧ ଖୁବଶୀଘ୍ର ଖୋଲାଯି ଲାଯିବ ଏବଂ ଏହାର ନୂଆ ଅଫିସ୍ ବିଲଡିଙ୍ଗ ମଧ କରାଯିବ। ଜମିଜମା ପଞ୍ଜୀକରଣ ଏବଂ ଅନ୍ୟାନ୍ୟ ବିଷୟ ନେଇ ଅଧିକାଂଶ ବ୍ୟବସ୍ଥାକୁ ଆମେ ଡିଜିଟାଲ ମାଧ୍ୟମରେ କରୁଛୁ ।ଟେକ୍ନୋଲୋଜି ବ୍ୟବହାର କରି ରାଜସ୍ୱ ସେବାକୁ ମଧ୍ୟସ୍ଥି ମୁକ୍ତ ଓ ଦୁର୍ନୀତି ଦୁର୍ନୀତି ମୁକ୍ତ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, କଟକ ବାରବାଟୀ ବିଧାୟିକା ଙ୍କ ସୋଫିଆ ଫିର୍ଦୋଷ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଙ୍କ ପ୍ରକାଶ ସେଠୀ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ।

**ଲୋକଙ୍କୁ ସହଜରେ ସରକାରୀ ସେବା ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ**

## ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ଯୁକ୍ତ୨ କଲେଜ ପକ୍ଷରୁ ବିଶ୍ୱ ଏଡ୍ସ ଦିବସ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷା ସଞ୍ଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଏକ ସଚେତନତା ଶୋଭାଯାତ୍ର କରି କଣାସ କଲେଜ ପରିସରରୁ ବାଲିଘାଇ ଛକ,କଣାସ ଥାନା ତଥା ବ୍ଲକ ଛକ ପର୍ଯ୍ୟନ୍ତ ପହଞ୍ଚି ବିଶ୍ୱ ମହାମାରୀ ଏଡ୍ସର ଭୟାଭୟତା ନେଇ ବିଭିନ୍ନ ବାର୍ତ୍ତା ମାଧ୍ୟମରେ ସଚେତନ କରାଯାଇଥିଲା । ଶେଷରେ କଲେଜ ପରିସରରେ ପହଞ୍ଚି ଉପଦେଷ୍ଟା ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ପିଲାମାନଙ୍କୁ ଏଡ଼ସ ସମ୍ବଧରେ ଆଲୋକପାତ କରିବା ସହ ଏକ ତର୍କ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରରେ ଅଧ୍ୟାପକ ପ୍ରଭାସ ମଙ୍ଗରାଜ,ଅକ୍ଷୟ କୁମାର ସ୍ୱାଇଁ ,ଶୁଭଶ୍ରୀ ଭାରୀମଲ ଓ ସମସ୍ତ ଛାତ୍ର ଛାତ୍ରୀ ସକ୍ରିୟ ସହଯୋଗ କରିଥିଲେ ।

### ଉଚ୍ଚ ଗାଡ଼ି ଅବରୋଧକରେ ଧକ୍କା ଦେଇ ଭାଙ୍ଗିଲା ଆଇଚର

## ଦୁର୍ଘଟଣା ପାଇଁ ଦାୟୀ କିଏ, ସାଧାରଣରେ ପ୍ରଶ୍ନବାଚୀ

ଜଟଣୀ, (ସବ୍ୟୁ): କେଇ ବର୍ଷ ତଳେ ଉଦଘାଟିତ ହୋଇଥିବା ଓଭରବ୍ରିଜ ଉପର ତଡ଼ାହୋଇ ପୁନଃ କାର୍ଯ୍ୟ ଚାଲୁଥିବା ବେଳେ ଉପର ରାସ୍ତା ବନ୍ଦ ରହି ରେଳ ଅଣ୍ଡରଗ୍ରାଉଣ୍ଡ ମଧ୍ୟରେ ପୂର୍ବଭଳି ଭାରୀଯାନ ଯାଆସ କରୁଛି । ତେବେ ପ୍ରଶାସନ ପକ୍ଷରୁ ଗମନାଗମନ ବ୍ୟବସ୍ଥା ସଠିକ କରାଯାଉନଥିବା ବେଳେ ବୁଧବାର ବିଳମ୍ବିତ ରାତ୍ରିରେ ଅଣ୍ଡରଗ୍ରାଉଣ୍ଡ ପ୍ରବେଶ ପଥରେ ଉଚ୍ଚ ଗାଡ଼ି ଅବରୋଧକ




ବାବଦରେ ଜାଣିନପାରି ଓଡ଼ି ୦୨ସି ୯୬୯୧ ନମ୍ବର ବିଶିଷ୍ଟ ଏକ ଆଇଚର ଟ୍ରକ ଖୋର୍ଦ୍ଧା ଦିଗରୁ ପିପିଲି ଅଭିମୁଖେ ଯାଉଥିବା ବେଳେ ଅବରୋଧକରେ ଧକ୍କା ହେବା ଫଳରେ ଟ୍ରକଟିର ଉପର ପାର୍ଶ୍ୱଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଅବରୋଧକ ଲୁହା ଖମ୍ବ ଭାଙ୍ଗି ଯାଇଥିଲା କ୍ଷ ସୌଭାଗ୍ୟ ବଶତଃ ଏହି ଦୁର୍ଘଟଣାରେ କେହି ମୃତାହତ କି ଆହତ ହୋଇନଥିଲେ ହେଁ ନିଶ୍ଚିତ ଭାବେ ଏକ ଭୟାବହ ଦୁର୍ଘଟଣାରୁ ପଥଚାରୀ ବର୍ତ୍ତିଯାଇଥିବା ଆଲୋଚନା ହେଉଛି କ୍ଷ ଖବର ପାଇ ରେଳ ସୁରକ୍ଷା ବଳ କର୍ମଚାରୀ ଓ ପୁଲିସ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରି ରାସ୍ତାରେ ଗମନାଗମନ ସ୍ୱାଭାବିକ କରିଥିଲେ । ଥାନାଧିକାରୀ ଷ୍ଟାଲିନ ବିଶ୍ୱାଳଙ୍କ ସୂଚନା ମତେ ଗାଡ଼ିରେ ରିଲିଆନସ କମ୍ପାନୀର ରାସନ ସାମଗ୍ରୀ ନେଇ ପୁରୀ ଅଭିମୁଖେ ଯାଉଥିଲା । ଏ ନେଇ ଆରପିଏଫ ଥାନାରେ ରେଳ ସମ୍ପତି ନଷ୍ଟ କରିବା ଅଭିଯୋଗରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଜଟଣୀ ଥାନାରେ ଖବର ଲେଖା ହେବା ପର୍ଯ୍ୟନ୍ତ ଗାଡିଟି ଅଟକ ଥିବା ଜଣା ଯାଇଛି । ତେବେ ଖାଲି ଏହି ଗାଡ଼ି ନୁହେଁ ବରଂ ପ୍ରତ୍ୟେକ ଦିନ ଘଟୁଥିବା ଏଭଳି ଘଟଣା ପାଇଁ ଦାୟୀ କିଏ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ

ପୁରୀ, (ସବ୍ୟୁ): ଜିଲ୍ଲା ସ୍ତରୀୟ ଇକୋ କ୍ଲବ୍ ପ୍ରକଳ୍ପ ପ୍ରଦର୍ଶନୀ " ପୁରୀ ସଦର ବ୍ଲକ୍ ର ରାମହରି ନୋଡାଲ ବିଦ୍ୟାପୀଠ, ଶାସନଦାମୋଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୁରୀ ଜିଲ୍ଲାର ପ୍ରତି ବ୍ଲକ୍ ରୁ ୫ ଟି ଲେଖାଏଁ ବଛା ବଛା ପ୍ରକଳ୍ପକୁ ନେଇ ମୋଟ୍ ୫୫ ଗୋଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ଏହାର ଉଦ୍ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶରତ ଚନ୍ଦ୍ର ମହାପାତ୍ର, ପୁରୀ ଯୋଗଦାନ କରିଥିଲେ ଓ ପିଲାମାନେ ଛାତ୍ରାବସ୍ଥାରୁ ବିଭିନ୍ନ ପ୍ରକଳ୍ପ ନିର୍ମାଣ କଲେ ଭବିଷ୍ୟତରେ ସେମାନଙ୍କ ମନରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବା ସହ ସେମାନେ ନିଜ ନିଜ ପ୍ରତିଭା ବଳରେ ନୂଆ ନୂଆ ସୃଷ୍ଟି କରି ଦେଶ ଓ ଜାତିକୁ ଗୌରବାନ୍ୱିତ କରିପାରିବେ ବୋଲି ମତପୋଷଣ କରିଥିଲେ । ସମ୍ମାନିତ ଅତିଥି ରୂପେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦାନ କରି ନିଜର ଓଜସ୍ୱୀ ବକ୍ତବ୍ୟ ଦ୍ୱାରା କୁନି ବୈଜ୍ଞାନିକ ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସେଣ୍ଟର୍ ଫର୍ ଏନ୍ ଭର୍ଣମେଣ୍ଟ ଷ୍ଟଡି ର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଭବମ୍ ପ୍ରଧାନ, ଉଦ୍ୟୋଗପତି ଦିବ୍ୟ ପ୍ରକାଶ ପଟ୍ଟନାୟକ, ଅଭିରାମ ନୋଡାଲ ବିଦ୍ୟାପୀଠ,କରମଳାର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ମହାପାତ୍ର , ଇକୋ କ୍ଲବ୍ ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ଗୌଧୁରୀ ଅଂଶଗ୍ରହଣ କରି ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ପାଇଁ ପ୍ରେରଣା ଦେଇଥିଲେ । ଏହାର ଉଦ୍ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦିବାକର ପାତ୍ର ଉପସ୍ଥିତ ରହି ପିଲାମାନଙ୍କ ପ୍ରକଳ୍ପ ଗୁଡ଼ିକୁ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ (ରାଷ୍ଟ୍ରୀୟ ଆବିଷ୍କାର ଯୋଜନା ମାଧ୍ୟମରେ) ଏକ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ତିନି ଗୋଟି ଉତ୍ତମ ପ୍ରକଳ୍ପ ଓ କୁଇଜ୍ ର ତିନି ଗୋଟି ବିଭାଗରୁ ମୋଟ୍ ୯ ଜଣଙ୍କୁ ରାଜ୍ୟ ସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ ପାଇଁ ପଠାଯାଇଥିଲା । କାର୍ଯ୍ୟକ୍ରମର ସଭାପତି ତଥା ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାମଗ୍ରିକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ରାମହରି ନୋଡାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବନ୍ଦିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପାରିବାରିକ କଳହ : ସ୍ତ୍ରୀଙ୍କ ଆତ୍ମହତ୍ୟା

ଅସ୍ତରଙ୍ଗ,(ସବ୍ୟୁ): ସ୍ୱାମୀ, ସ୍ତ୍ରୀ ଭିତରେ ପାରିବାରିକ କଳହକୁ ନେଇ ସ୍ତ୍ରୀ ଜଣଙ୍କ ଆତ୍ମହତ୍ୟା କରିଥିବା ଦେଖି ବାକୁ ମିଳିଛି । ପୁରୀ ଜିଲ୍ଲା ଗୋପ ବ୍ଲକ ଅଧୀନ ମୁରୁଡ଼ା ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁତ୍ର ଚିରଞ୍ଜିବି ସାହୁ (୩୨) ନିଜ ସ୍ତ୍ରୀ ଭଦ୍ରକ ଜିଲ୍ଲା ଚରମ୍ପା ଅଞ୍ଚଳ ଝିଲି ସାହୁ ଓ ୧୦ବର୍ଷର ଝିଅ ଓ ୬ବର୍ଷର ପୁଅକୁ ଧରି ଏକ ଜଳଖିଆ ଦୋକାନ କରି ଚଳୁଥିଲେ । ବୁଧବାର ସନ୍ଧ୍ୟାରେ କୌଣସି କଥାକୁ ନେଇ ସ୍ୱାମୀସ୍ତ୍ରୀ ଭିତରେ ପାଟିତୁଣ୍ଡ ହେବାରୁ ଚିରଞ୍ଜିବି ପନୀ ଝିଲିର ବେକକୁ ଧରି ଧକା ମାରି ଘରେ ପୁରାଇ ଦେଇଥିଲା । ଝିଲି ଘର ଭିତର କବାଟ ବନ୍ଦ କରି ଫଂଖାରେ ରଶି ଲଗାଇ ଆତ୍ମହତ୍ୟା କରିବା ପାଇଁ ପଛାଇ ଥିଲା । ବାହାରେ ପିଲା ଓ ସ୍ୱାମୀ କବାଟ ବାରମ୍ବାର ବାଡ଼େଇ ଡ଼ାକିବା ପରେ ନ ଖୋଲିବାରୁ ଘର ମାଲିକକୁ ଖବର ଦେଇଥିଲେ । ଘର ମାଲିକ ପହଞ୍ଚି ପୋଲିସକୁ ଖବର ଦେବା ପରେ ପୋଲିସ ପହଞ୍ଚି ଉପର ଆଜବେଷ୍ଟ ଭାଙ୍ଗି ଘର ଭିତରକୁ ଯାଇ ମୃତକକୁ ଦେଖିବା ସହ ଭିତର ପଟ ହୁକ ଖୋଲି ଥିଲେ । ସ୍ୱାମୀ ଚିରଞ୍ଜବୀ କୁ ପୋଲିସ ଥାନାକୁ ନେଇ ଅଟକ ରଖିବା ସହ ଝିଲି ସାହଙ୍କ ପରିବାରକୁ ଖବର ଦେଇଥିଲେ । ଗୁରୁବାର ଦିନ ପୁରୀରୁ ସାଇଣ୍ଟିଫିକ ଟିମ ଆସି ତଦନ୍ତ କରିଥିବା ବେଳେ,ମୃତକ ପରିବାର ମଧ ଆସିବା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ଗୋଷ୍ଠି ସ୍ୱାସ୍ଥକେନ୍ଦ୍ର କୁ ପଠାଇ ଅସ୍ତରଙ୍ଗ ପୋଲିସ କେଶ ନମ୍ବର ୨୩୯ ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖଛି ।

## ଆଦିତ୍ୟ ଆଲୁମିନା ରିଫାଇନେରୀ ଦ୍ୱାରା ଶିଶୁ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା, ଅନୁଭବାଧାରିତ ଶିକ୍ଷା ତଥା କୌଶଳ ଭିତ୍ତିକ ପ୍ରଶିକ୍ଷଣ ପ୍ରୋତ୍ସାହିତ କରିବା ଉଦେଶ୍ୟ ନେଇ ଆଦିତ୍ୟ ଆଲୁମିନା ରିଫାଇନେରୀ (ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍



ଲିମିଟେଡ୍– ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏକ ୟୁନିଟ୍) ପକ୍ଷରୁ ସ୍ଥାନୀୟ ପୋଡ଼ାପାଡି ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଶିଶୁ ଉତ୍ସବ ଆୟୋଜିତ ହୋଇଯାଇଅଛି। ପର୍ଶ୍ୱସ୍ଥ ୧୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ଦିନିକିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ୭୦୦ରୁ ଉର୍ଦ୍ଧ୍ୱ ଶିଶୁ ଯୋଗ ଦେଇ ଶିକ୍ଷା, ସୃଜନ ଓ ଅଭିଜ୍ଞାନମୂଳକ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଦିତ୍ୟ ଅଲୁମିନା ରିଫାଇନେରୀ ୟୁନିଟ୍ ମୁଖ୍ୟ ଓ ଅଧ୍ୟକ୍ଷ ଶ୍ରୀ ମଜହର ବେଗ୍ ଅଧିକାରୀ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ମଜହର ବେଗ୍ କହିଥିଲେ ଯେ,ଶିଶୁମାନେ ସମାଜର ଆଗାମୀ ଭବିଷ୍ୟତ । ସେମାନଙ୍କ ଶିକ୍ଷା, ସୃଜନଶୀଳତା ଏବଂ ସମଗ୍ରିକ ଉନ୍ନୟନ ପାଇଁ ଉପଯୁକ୍ତ ମଞ୍ଚ ସୃଷ୍ଟି କରିବା ଆମର ଦାୟିତ୍ୱ। ଏହି ଉତ୍ସବ ମାଧ୍ୟମରେ ପ୍ରତ୍ୟେକ ଶିଶୁର ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପ୍ରୟାସ, ଓ ସେମାନଙ୍କ ଉନ୍ନତ ଭବିଷ୍ୟତ ଗଢିବାରେ ଆମେ ଅଂଶୀଦାର ହେବାରେ ଗର୍ବିତ ବୋଲି ଶ୍ରୀ ବେଗ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୬ଟି ଶିକ୍ଷାମୂଳକ ଷ୍ଟଲ୍, କଳା, ବିଜ୍ଞାନ, ଗଣିତ, ପରିବେଶ, ଯୋଗ ଓ ସ୍ୱାସ୍ଥ୍ୟ, ଏବଂ ଶିକ୍ଷଣ ଭିତ୍ତିକ ସାମଗ୍ରୀ ତଥା ଶିଶୁମାନଙ୍କୁ ନୂଆ ଧାରଣା ଅନ୍ୱେଷଣ, କୌଶଳ ବିକାଶ ଏବଂ ପ୍ରତିଭା ପ୍ରଦର୍ଶନ ହୋଇଥିଲା। ଉକ୍ତ ଉତ୍ସବରେ ଆକର୍ଷଣୀୟ ବିଷୟବସ୍ତୁ "ଡମି ଡଲ୍ସ ଓ ଫୁଡ୍ କୋର୍ଟ୍" ପ୍ରଦର୍ଶିତ ହୋଇଥିଲା। ଯାହା ଶିଶୁମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଏବଂ ଉତ୍ସାହ ସୃଷ୍ଟି କରିଥିଲା। ଏହି ଅବସରରେ ଶିଶୁମାନଙ୍କୁ ସମ୍ମାନିତ ପାଇଁ ବିଭିନ୍ନ ପୁରସ୍କାର ଓ ସର୍ଟିଫିକେଟ୍ ବିତରଣ କରାଯାଇଛି।

## ଜଗତସିଂହପୁର ଜିଲ୍ଲା କାରାଗାରରେ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର (ସବ୍ୟୁ): ଜଗତସିଂହପୁର ଜିଲ୍ଲା କାରାଗାରରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କାରଗାରର ମୁଖ୍ୟ ଅଧିକ୍ଷକ ମଦନମୋହନ ମାରାଣ୍ଡୀଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କାରଗାର ମଙ୍ଗଳ ଉନ୍ନୟନ ଅଧିକାରୀ ସୁରେଶ କୁମାର ପ୍ରଧାନ, କାରଗାର ଚିକିତ୍ସକ ଡା. ଶକ୍ତି ପ୍ରସାଦ ହୋତା, ଫାର୍ମାସିଷ୍ଟ ନିରଞ୍ଜନ ମାର୍ଥା, ସହକାରୀ କାରାପାଳ ଦର୍ପ ଭଞ୍ଜନ ଭୋଇ, ରାଜ୍ୟ କାରଗାର ମହାସଂଘ ସଭାପତି ନାରାୟଣ ସାହୁ, ମୁଖ୍ୟ କାରାରକ୍ଷୀ ତପନ କୁମାର ମହାନ୍ତି, ବିପ୍ଳବ ବର୍ମା ପ୍ରମୁଖଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ସଭାରେ ସାମ୍ବିଧାନିକ ଆଇନ୍ ସଚେତନତା, ଶିକ୍ଷା, ଶୃଙ୍ଖଳା ଦ୍ୱାରା ସାମାଜିକ ପରିବର୍ତ୍ତନ ଆଣିବା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସନ୍ତେବାସୀମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ, ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସଫଳ ଅନ୍ତେବାସୀମାନଙ୍କୁ କାରଗାର ଅଧିକ୍ଷକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

## ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ସହିତ କାନାରା ବ୍ୟାଙ୍କର ବୁଝାମଣାପତ୍ର ସ୍ୱାକ୍ଷର

ଜଟଣୀ, (ସବ୍ୟୁ) : ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳ କର୍ମଚାରୀଙ୍କ ଦରମା ଆକାଉଣ୍ଟ



ପ୍ୟାକେଜ୍ ଅଧୀନରେ ଉନ୍ନତ ସୁବିଧା ପ୍ରଦାନ କରିବା ପାଇଁ କାନାରା ବ୍ୟାଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି । ଏହି ବୁଝାମଣା ପତ୍ର କର୍ମଚାରୀ କଲ୍ୟାଣ ଏବଂ ଆର୍ଥିକ ସୁବିଧାରେ ଉନ୍ନତି ଆଣିବା ପାଇଁ ସହାୟକ ହେବ । କାନାରା ବ୍ୟାଙ୍କ ସର୍କଲ୍ ଅଫିସ, ଭୁବନେଶ୍ୱରର ମହାପ୍ରବନ୍ଧକ ସୁମନ ଚକ୍ରବର୍ତ୍ତୀ ଏବଂ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର କାର୍ଯ୍ୟକାରୀ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ପ୍ରମୋଦ ବେହେରା ଆନୁଷ୍ଠାନିକ ଭାବରେ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି.କେ. ବେହେରା ଏବଂ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମାପନ ହୋଇଥିଲା। କାନାରା ବ୍ୟାଙ୍କର ବରିଷ୍ଠ ଅଧିକାରୀ ମାନଙ୍କ ମଧ୍ୟରେ ଅମ୍ବିକା ସିଂ, ଶରତ ଚନ୍ଦ୍ର ଭୋଇ, ଟି ଅକିଲା, ଶୋଭମୟ ହାଲଦାର, ଶେଖ ମେହବୁବ, ରୀତା ଦାସ, ଖଗେଶ୍ୱର ସାହୁ, ସସ୍ମିତା ମହାପାତ୍ର, ସୁରଜ କୁମାର ଦତ୍ତ ଏବଂ ସୁଶ୍ରୀ ଆଦ୍ୟାଶା ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ରେଳବାଇ ସ୍ୱୀକୃତିପ୍ରାପ୍ତ ଟ୍ରେଡ୍ ୟୁନିଅନର ପ୍ରତିନିଧି ମାନଙ୍କ ମଧ୍ୟରେ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସର ମଣ୍ଡଳ ସଂଯୋଜକ ଏସ୍.କେ. ଭଞ୍ଜ, ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନର ଅତିରିକ୍ତ ସାଧାରଣ ସମ୍ପାଦକ ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ଖୋର୍ଦ୍ଧା, (ସବ୍ୟୁ): ଜିଲ୍ଲା ପୁଲିସ ରେ ଇନ୍ସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ଏଥିରେ ୪ଗୋଟି ଥାନା ର ଅଧିକାରୀଙ୍କୁ ବଦଳି କରାଯାଇଥିବାବେଳେ ୨ଜଣ ନୂଆ ଅଧିକାରୀଙ୍କୁ ଦୁଇଟି ଥାନାରେ ନିଯୁକ୍ତି ଦିଆଯାଇଛି। ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ (ଡିପିଓ) କୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ସଦରଥାନା ଅଧିକାରୀ କାହ୍ନୁଚରଣ ସ୍ୱାଇଁଙ୍କ ନିଯୁକ୍ତି ଦିଆଯାଇଛି। ସେହିପରି ସଦର ଥାନା କୁ ନୂତନ ଅଧିକାରୀଭାବେ ଶିଳ୍ପାଂଚଳ ଥାନାରେ ଥିବା ଇନ୍ସପେକ୍ଟର ବାସୁଦେବ ଜୟସିଂଙ୍କୁ ନିଯୁକ୍ତି ଦିଆଯାଇଛି। ବୋଲଗଡ ଥାନା ଅଧିକାରୀ ସ୍ନିଗ୍ଧାମୟୀ ବାରଲଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ (ଡିପିଓ) କୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ସ୍ୱେସିଆଲ କ୍ରାଇମ ଓ ସାଇବର ୟୁନିଟ୍ ର ସୁକାନ୍ତ କୁମାର ଦଳେଇଙ୍କ ନୂତନ ଥାନା ଅଧିକାରୀଭାବେ ନିଯୁକ୍ତି ମିଳିଛି। ବାଘମାରୀ ଥାନା ଅଧିକାରୀ ସମ୍ଭୁନାଥ ନାୟକଙ୍କୁ ଥାନା ରୁ ଡିପିଓ କୁ ବଦଳି କରାଯାଇଥିବାବେଳେ ତାଙ୍କ ସ୍ଥାନରେ ନୂତନ ଥାନା ଅଧିକାରୀଭାବେ ସ୍ୱେସିଆଲ କ୍ରାଇମ ଓ ସାଇବର ୟୁନିଟ୍ ଇନ୍ସପେକ୍ଟର ସୁଚିତ୍ରା ଜେନା କୁ ଦାୟିତ୍ୱ ମିଳିଛି। ସେହିପରି ଆଦର୍ଶ ଥାନାରେ ଅତିରିକ୍ତ ଥାନା ଅଧିକାରୀଭାବେ ଶିଳ୍ପାଂଚଳ ଥାନାରେ ଥିବା ଇନ୍ସପେକ୍ଟର ଭାଗ୍ୟଶ୍ରୀ ବେହେରା ଏବଂ ଇନ୍ସପେକ୍ଟର ସୁନୀତା ବେହେରା ଡିପିଓ ସାଇବର କ୍ରାଇମ୍ ଆଣ୍ଡ ଇକନୋମିକ୍ ଅଫେନ୍ସ କୁ ଦାୟିତ୍ୱ ମିଳିଛି। ତେବେ ବଦଳି ହୋଇଥିବା ସମସ୍ତ ଇନ୍ସପେକ୍ଟର ନିଜ ନିଜ ସ୍ଥାନରେ ତୁରନ୍ତ ଯୋଗଦେବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ରହିଛି।

### ଏମ୍ସ ଭୁବନେଶ୍ୱରରେ ଜୀବନ ପରିବର୍ତ୍ତନକାରୀ ଅସ୍ତ୍ରୋପଚାର

## ଦୁଇ ଦଶନ୍ଧି ପରେ ଯୁବକଙ୍କ ଜୀବନରେ ଆସିଲା ଖୁସି

ଭୁବନେଶ୍ୱର,(ସବ୍ୟୁ) : ଏମ୍ସ ଭୁବନେଶ୍ୱର ଅର୍ଥୋପେଡିକ୍ ବିଭାଗ ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ ଚିକିତ୍ସା ସଫଳତା ଜଣେ ଯୁବକଙ୍କ ଜୀବନରେ ଅସରନ୍ତି ଖୁସି ଆଣିଦେଇଛ ।କେନ୍ଦ୍ରାପଡ଼ା ଜିଲ୍ଲାର ଜଣେ ୩୭ ବର୍ଷୀୟ ଯୁବକ ବିଶ୍ୱ ଭୂଷଣ ରାଉତ, ପ୍ରାୟ ୨୦ ବର୍ଷ ଧରି ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗରେ ପୀଡ଼ିତ ଥିଲେ । ପକ୍ଷରୁ ତାଙ୍କର ତିନୋଟି ଜଟିଳ ଅସ୍ତ୍ରୋପଚାର ପରେ, ସେ ଏକ ନୂତନ ଜୀବନ ଲାଭ କରିଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀ ରାଉତଙ୍କ ମେରୁଦଣ୍ଡ ଏବଂ ଉଭୟ ନିତମ୍ବ ସମ୍ପୂର୍ଣ୍ଣ ମିଶିବା ଭଳି ଅବସ୍ଥାରେ ଥିଲା । ଯାହା ଫଳରେ ତାଙ୍କ ଶୁଣ୍ଡି ବଙ୍କା ହୋଇଯାଇଥିଲା ଏବଂ ବେକରୁ ନିତମ୍ବ ପର୍ଯ୍ୟନ୍ତ ଅଚଳ ହୋଇଯାଇଥିଲା । ତାଙ୍କ ମେରୁଦଣ୍ଡ ଏବଂ ଜଙ୍ଘ ପ୍ରାୟ ୧୫୦-ଡିଗ୍ରୀ ବଙ୍କି ଯାଇଥିଲା । ତାଙ୍କ ମୁହଁ ପ୍ରାୟ ତାଙ୍କ ଜଙ୍ଘକୁ ଛୁଇଁସାରିଥିଲା । ଏପରି ଗୁରୁତର ଅବସ୍ଥା ତାଙ୍କ ଦୈନନ୍ଦିନ ଜୀବନକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା । ଚାଲିବା, ବସିବା ଏବଂ ଶୋଇବା ଅତ୍ୟନ୍ତ କଷ୍ଟକର କରିଦେଇଥିଲା, ଯାହାକି ତାଙ୍କ ଜୀବନକୁ ଦୁର୍ବିସହ କରିଥିଲା । ଅତ୍ୟନ୍ତ ଜଟିଳ ଅବସ୍ଥା ଏବଂ ଅପ୍ରତ୍ୟାଶିତ ଅସ୍ତ୍ରୋପଚାର ବିପଦ କାରଣରୁ ପକ୍ଷାଘାତର ଯଥେଷ୍ଟ ସମ୍ଭାବନା ଥିବାରୁ ଓଡ଼ିଶାର ଅନେକ ହସ୍ପିଟାଲ ଏବଂ ଭାରତର ଅନ୍ୟାନ୍ୟ ପ୍ରମୁଖ ପ୍ରତିଷ୍ଠାନ ତାଙ୍କ କେସ୍ ଗ୍ରହଣ କରିପାରିନଥିଲେ । ତାଙ୍କର ଆର୍ଥିକ ସଙ୍କଟ ଉଚ୍ଚମାନର ଘରୋଇ ସ୍ୱାସ୍ଥ୍ୟସେବା ପାଇବାକୁ ବାଧା ସୃଷ୍ଟି କରିଥିଲା ।

ତେବେ ଏମ୍ସ ଭୁବନେଶ୍ୱର ଅର୍ଥୋପେଡିକ୍ସ ବିଭାଗ ଓପିଡିକୁ ଏକ ଆଶା ନେଇ ଆସିଥିଲେ। ସେଠାରେ ବିଭାଗୀୟ ସହକାରୀ ପ୍ରଫେସର୍ ଡ. ଦୀପକ ନେରାଡି ବିଶ୍ୱଙ୍କୁ ପରୀକ୍ଷା ନିରୀକ୍ଷା ପରେ ଏହାକୁ ଏକ ଆହ୍ୱାନ ଭାବେ ଗ୍ରହଣ କଲେ । ଡ. ନେରାଡି ଏବଂ ଡ. ଗୁରୁଦୀପ ଦାସ ନ୍ୟୁରୋମନିଟରିଂ, ବୋନ୍ ସ୍କେଲପେଲ୍, ହାଇ-ସ୍ପିଡ୍ ବର୍ ଏବଂ ସର୍ଜିକାଲ୍ ମାଇକ୍ରୋସ୍କୋପ୍ ଭଳି ଉନ୍ନତ ଉପକରଣ ବ୍ୟବହାର କରି ଏହି ଜଟିଳ ଅସ୍ତ୍ରୋପଚାରକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ।

## ଏମକେସିଜିରେ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର

ବ୍ରହ୍ମପୁର, (ସବ୍ୟୁ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଆଶାକର୍ମୀଙ୍କୁ କର୍ମଚାରୀମାନେ ଦୁବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ହସ୍ପିଟାଲ ଅଧିକ୍ଷକଙ୍କୁ ଗଞ୍ଜାମ ଜିଲ୍ଲା ଆଶା କର୍ମୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଅଭିଯୋଗ ପ୍ରକାରେ, ଗର୍ଭବତୀଙ୍କୁ ଚିକିତ୍ସାରେ ସହଯୋଗ ପାଇଁ ଆଶାକର୍ମୀ ନିୟମିତ ଏମକେସିଜିକୁ ଆସୁଛନ୍ତି । ଏହି ସମୟରେ ସ୍ତ୍ରୀ-ପ୍ରସୂତି ବିଭାଗର ୫ମହଲାରେ ଥିବା ପିପିସିରେ ଆଶାମାନେ ଆବଶ୍ୟକ ନଥିପତ୍ର ଦାଖଲ ସମୟରେ ସେଠାରେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କ ଦ୍ୱାରା ଦୁର୍ବ୍ୟବହାରର ଶିକାର ହେଉଛନ୍ତି । ଏହା ସହ ୩ଦିନ ମେଡିକାଲରେ ରହିବା ପାଇଁ ଆଶା ପ୍ୟାକେଜ ବାବଦକୁ ୩ ଶହ ଟଙ୍କା ବି ସଠିକ୍ ଭାବେ ପ୍ରଦାନ କରୁ ନାହାନ୍ତି । ଏନେଇ ପୂର୍ବରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଆଶା କର୍ମୀ ସଂଗଠନ ଜଣାଇଥିଲା । ଏହାର ମାସକ ପରେ ପୁଣି ଗତ ୮ ତାରିଖରେ କିଛି ଆଶାକର୍ମୀ ସମାନ ଦୁର୍ବ୍ୟବହାର ର ଶିକାର ହୋଇଛନ୍ତି । ତେଣୁ ଏହାର ତଦନ୍ତ କରିବା ସହ ଆଶାକର୍ମୀଙ୍କୁ ଉତ୍ତମ ବ୍ୟବହାର ଦେଖାଇବାକୁ ସଂଘ ଦାବି କରିଛି । ଏନେଇ ଗୁରୁବାର ସଂଘ ପକ୍ଷରୁ ଏକ ଦାବିପତ୍ର ଏମକେସିସିଜି ଅକ୍ଷକ ଡା. ଦୁର୍ଗା ମାଧବ ଶତପଥଙ୍କୁ ପ୍ରଦାନ କରାଯାଇଛି । ତିନିଜଣ କର୍ମଚାରୀଙ୍କୁ କାରଣଦର୍ଶାଓ ନୋଟିସ କରାଯାଇଥିବା ହସ୍ପିଟାଲ ମେନେଜର ଶରତ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ଘରେ ଜିଏସ୍‌ଟି ଚଢାଉ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁରର ଜଣେ ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ଘରେ ଜିଏସଟି ବିଭାଗ ପକ୍ଷରୁ ଚଢଉ କରାଯାଇଛି। ଜ୍ୟୋତିନଗର ୫ମ ଲାଇନରେ ଥିବା ଅବସରପ୍ରାପ୍ତ ପୁଲିସ କର୍ମଚାରୀ ସନ୍ତୋଷ କୁମାର ଶତପଥିଙ୍କ ଘରେ ଏହି ଚଢଉ ହୋଇଛି। ସନ୍ତୋଷ ବିଭିନ୍ନ ବ୍ୟବସାୟରେ ଜଡିତ ରହିଛନ୍ତି। ତାଙ୍କର ପେଟ୍ରୋଲ ପମ୍ପ ସହ ଅନ୍ୟାନ୍ୟ ବ୍ୟବସାୟ ରହିଛଇ। ତେବେ ତାଙ୍କ ବିରୋଧରେ ଜିଏସଟି ଫାଙ୍କି ଅଭିଯୋଗ ହୋଇଥିବା ଶୁଣିବାକୁ ମିଳୁଛି। ଆଜି କେନ୍ଦ୍ରୀୟ ଜିଏସଟି ବିଭାଗର ଏକାଧିକ ଅଧିକାରୀ ଜ୍ୟୋତିନଗର ୫ମ ଲାଇନ ସ୍ଥିତ ସନ୍ତୋଷଙ୍କ ଘରକୁ ଯାଇ ତାଙ୍କୁ ପଚରାଉଚରା କରିବା ସହ ବିଭିନ୍ନ ପ୍ରକାର କାଗଜପତ୍ର ଯାଞ୍ଚ କରିଥିଲେ।

ଏହି ଚଢଉ ବିଷୟରେ ଜିଏସଟି ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ ଅନେକ ସମୟ ଯାଏଁ ସନ୍ତୋଷଙ୍କ ଘରେ ଚଢଉ ପରେ ଜିଏସଟି ଅଧିକାରୀମାନେ କିଛି କାଗଜପତ୍ର ଜବତ କରିଥିବା କୁହାଯାଉଛି ।

## ଟାଟା ଏସଇଜେଡ ପରିସରରେ ଓପିଟିସିଏଲ ପକ୍ଷରୁ ଗ୍ରୀଡ ସବଷ୍ଟେସନ ନିର୍ମାଣ ନେଇ ଭୂମିପୂଜା

ଛତ୍ରପୁର, (ସବ୍ୟୁ): ଗୋପାଳପୁର ଟାଟା ଏସଇଜେଡ(ଇଣ୍ଡଷ୍ଟ୍ରିଆଲ ପାର୍କ) ପରିସରରେ ଆଗାମି ଦିନରେ ଆସୁଥିବା ବିଭିନ୍ନ କମ୍ପାନୀ ମାନଙ୍କ ପାଇଁ ବିଦ୍ୟୁତ ସମସ୍ୟା ରହିବ ନାହିଁ । ଆଜି ଟାଟା ଇଣ୍ଡଷ୍ଟ୍ରିଆଲ ପାର୍କ ପରିସରରେ ଓପିଟିସିଏଲ ପକ୍ଷରୁ ସେଠାରେ ଏକ ସ୍ୱତନ୍ତ୍ର ଗ୍ରୀଡ ସବ ଷ୍ଟେସନ ନିର୍ମାଣ କରାଯିବା ନେଇ ଭୂମିପୂଜା କରାଯାଇଛି । ୨୨ ଏକର ଜାଗାରେ ୪୦୦/୨୨୦/୩୩ କେଭି ଜିଆଇଏସ ନିର୍ମାଣ ନେଇ ଭୂମିପୂଜା କରାଯାଇଛି ।



କାର୍ଯ୍ୟକ୍ରମରେ ଓପିଟିସିଏଲ ସିଏମଡି ଭାସ୍କର ଜ୍ୟୋତି ଶର୍ମା ଯୋଗଦେଇ ଗଞ୍ଜାମ ଜିଲାପାଳ ଭି. କିର୍ତି ଭାସନଙ୍କ ଉପସ୍ଥିତିରେ ଏହାର ଭୂମିପୂଜା କରିଥିଲେ । ଟାଟା ସେଜର ତିନି ହଜାର ଏକର ଜାଗା ରହିଥିବା ବେଳେ ପାଖାପାଖି ୭୫ ପ୍ରତିଶତ ୧୭ ଟି ବଡ ବଡ କମ୍ପାନୀ ରହିଛି । ଏହି ଟାଟା ଏସଇଜେଡ ପରିସରରେ ଆଗକୁ ମଧ୍ୟ ବହୁ ବଡ ବଡ କମ୍ପାନୀ ଆସିବେ ତେଣୁ ଏହି ଗ୍ରୀଡସବ୍ ଷ୍ଟେସନରୁ ସେମାନେ ବିଦ୍ୟୁତ ନେବେ । ଏହା ସହ ଅର୍ଥନୈତିକ ବିକାଶ ସହ ଅଂଚଳର ଜୀବିକା ବୃଦ୍ଧି ପାଇବ ବୋଲି ଜିଲାପାଳ କହିଥିଲେ । ଏହି ପ୍ରକଳ୍ପ ନିର୍ମାଣ ନେଇ ଶ୍ରୀଟେକ କାମ ନେଇଥିବା ବେଳେ ସେଠାରେ ୫ଶହ ଏମଭିଏର ୨ଟି ଓ ୧୦୦ ଏମଭିଏର ୨ଟି ସବ ଷ୍ଟେସନ ରହିବ ।

କେବଳ କମ୍ପାନୀକୁ ଏଠାରେ ବିଦୁତ ନେବେ ନାହିଁ ସ୍ଥାନୀୟ ଅଂଚଳକୁ ମଧ୍ୟ ବିଦ୍ୟୁତ ନେଇପାରିବେ ବୋଲି ଟାଟା ସେଜ୍ ଏମଡି ମଣିକାନ୍ତ ନାୟକ ସୂଚନା ଦେଇଛନ୍ତି । ପରେ ସିଏମଡି ଭାସ୍କର ଜ୍ୟୋତି ଶର୍ମା ଓ ଗଞ୍ଜାମ ଜିଲାପାଳ ଭି.କିର୍ତି ଭାସନ ଟାଟା ଏସଇଜେଡ୍ ପରିସରରେ ଥିବା ଦିପକ ଫର୍ଟିଲାଇଜର ସମେତ ବିଭିନ୍ନ କମ୍ପାନୀ ବୁଲି ସ୍ଥିତି ପରଖିଥିଲେ ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓପିଟିସିଏଲ ପ୍ରକଳ୍ପ ଅଧିକାରୀ ପ୍ରଦୀପ କୁମାର ଦାଶ, ଟିପିସିଓଡିଏଲ ସିଇଓ ଅମିତ କୁମାର ଗର୍ଗ, ଶ୍ରୀଟେକର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଗ୍ରୀଡ ସବ୍ ଷ୍ଟେସନ ହେଲେ କମ୍ପାନୀ ଗୁଡିକ ପାଇଁ ଆବଶ୍ୟକ ବିଦ୍ୟୁତ ସମସ୍ୟା ଉପଜିବ ନାହିଁ ।

## ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କ ବିପର୍ଯ୍ୟୟ ପରିଚାଳନା ଦକ୍ଷତା ତାଲିମ ଶିବିର

ବାରିପଦା, (ସବ୍ୟୁ): ବାରିପଦା ମୁର୍ଗାବାଡି ସ୍ଥିତ ପଞ୍ଚାୟତ ସଂସାଧନ କେନ୍ଦ୍ର ସଭା ଗୃହରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୁରଭଞ୍ଜ ଓ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀମାନଙ୍କ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶମନ ଦକ୍ଷତା ବିକାଶ ତାଲିମ ଶିବିର ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକଙ୍କ କରକମଳରେ ଉଦଘାଟିତ ହୋଇଥିବାବେଳେ ୧୦ ତାରିଖରେ ଉଦଯାପିତ ହୋଇଯାଇଛି । ପ୍ରାରମ୍ଭରେ ଜରୁରୀକାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ସ୍ୱାଗତ ଅଭିଭାଷଣ, ଅତିଥି ପରିଚୟ ପ୍ରଦାନ ସହିତ ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର



ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ପରେ ମୁଖ୍ୟଅତିଥି ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ କହିଥିଲେଯେ, ବିପର୍ଯ୍ୟୟ ପରିଚାଳନା ଏକ ସାମୁହିକ ପ୍ରୟାସ । ବିଗତ ଦିନରେ ଆମେ ଅନେକ ବିପର୍ଯ୍ୟୟର ସାମ୍ନା କରିଛନ୍ତି ଓ ଏସବୁର ସଫଳ ମୁକାବିଲାରେ ସ୍ଥାନୀୟ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜନ ସହଭାଗିତା ଏବଂ ସମସ୍ତ ବିଭାଗର ସହଯୋଗରେ ବ୍ଲକ, ପଞ୍ଚାୟତ ତଥା ଗ୍ରାମସ୍ତରୀୟ ଯୋଜନା ପ୍ରସ୍ତୁତ, ସଠିକ ଡାଟାବେସ ପ୍ରସ୍ତୁତ, ଯୋଜନାର ସଫଳ ରୂପାୟନ ମାଧ୍ୟମରେ ଏହି କାର୍ଯ୍ୟ ଅଧିକ ସକ୍ରିୟ ଓ ସଫଳ ହୋଇ ପାରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି ଦୁଇ ଦିନିଆ ପ୍ରଶିକ୍ଷଣ ଶିବିର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବ୍ଲକ ସ୍ତରରେ ବିପର୍ଯ୍ୟୟ ପରିଚାଳନାର ଗୁଣାତ୍ମକମାନ ବୃଦ୍ଧି କରିବ ବୋଲି କହିଥିଲେ । ଏହି ଅବସରରେ ଉଦଯାପନୀ ସଭାରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକଟର ଶ୍ରଦ୍ଧାସୁମନ ଯୋଗଦେଇ ଗ୍ରାମ୍ୟ ସ୍ତରରୁ ମାଇକ୍ରୋ ପ୍ଲାନ ପ୍ରସ୍ତୁତ, ଅସୁରକ୍ଷିତ ଗୋଷ୍ଠୀ ସମୂହର ଚିହ୍ନଟକରଣ, ବିପର୍ଯ୍ୟୟ ପରିଚାଳନାରେ ନୂତନ ଜ୍ଞାନକୌଶଳର ପ୍ରୟୋଗ, ଜନ ସହଭାଗିତା, ସଠିକ ଡାଟାବେସ ପ୍ରସ୍ତୁତ ସହିତ ଜିଲ୍ଲା ଜରୁରୀକାଳୀନ ବିଭାଗ ବିପର୍ଯ୍ୟୟ ପରିଚାଳନା କିପରି କରିଥାଏ, ଲୋକମାନଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନର ନିୟମାବଳୀ, ରିଲିଫ କୋଡ ଆଦି ସମ୍ପର୍କରେ ବ୍ୟାପକ ଭାବରେ ବୁଝାଇ ଥିଲେ । ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରର ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା ଓ ଜେଣ୍ଡର ସ୍ପେଶାଲିଷ୍ଟ ଆରଣ୍ୟକ ମିଶ୍ର ରିସୋର୍ସ ପରସନ ଭାବରେ ଯୋଗଦେଇ କନସେପଟ ଅଫ୍ ଡିଜାଷ୍ଟର, କମ୍ୟୁନିଟି ବେଷ୍ଡ ଡିଜାଷ୍ଟର ରିସ୍କରିଡPସନ, ଡିଜାଷ୍ଟର ମ୍ୟାନେଜମେଣ୍ଟ ଆକଟ, ବ୍ଲକ-ଗ୍ରାମ ପଞ୍ଚାୟତ- ଗ୍ରାମ୍ୟ ବିପର୍ଯ୍ୟୟ ପ୍ଲାନ ପ୍ରସ୍ତୁତି, ଜେଣ୍ଡର ଓ ସାମାଜିକ ଅନ୍ତର୍ଭୁକ୍ତିକରଣ, ଆଶ୍ରୟସ୍ଥଳୀ ପରିଚାଳନା, ଜିପିଡିପି ସହ ବିପର୍ଯ୍ୟୟ ପରିଚାଳନା ଯୋଜନାର ଏକୀକରଣ, ଲୋକଙ୍କ ଅଧିକାର, ଜିଲ୍ଲାରେ ସଙ୍ଗଠିତ ହେଉଥିବା ପ୍ରମୁଖ ବିପର୍ଯ୍ୟୟ ସମୂହର ପରିଚାଳନା, ସାମଗ୍ରିକ ବିପର୍ଯ୍ୟୟ ପରିଚାଳନାରେ ଗ୍ରାମ ପଞ୍ଚାୟତର ଭୂମିକା ଆଦି ବିଷୟ ଉପରେ ତାଲିମ ଦେଇଥିଲେ । ଉକ୍ତ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ୨୬ଟି ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଓ ବ୍ଲକ ନୋଡାଲ ଅଫିସର ଯୋଗ ଦେଇଥିଲେ । ଡିପିଓ ଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାନକ୍ରୟ ସଚେତନତା ପାଇଁ ଆରଏମସି ପକ୍ଷରୁ କୃଷକ ପ୍ରଚାର ରଥ ଶୁଭାରମ୍ଭ

ଭଞ୍ଜନଗର, (ସବ୍ୟୁ): ରାଜ୍ୟରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି । ଗଞ୍ଜାମ ଜିଲ୍ଲାରେ ଆସନ୍ତା ଡିସେମ୍ବର ୨୩ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୦୨୬ ଯାଏଁ ଚାଲିବ । ଏହି ଅବଧି ମଧ୍ୟରେ ଗଞ୍ଜାମ ଜିଲ୍ଲାର ଭଂଜନଗର ରାଜସ୍ୱ ଉପଖଣ୍ଡରେ ମଧ୍ୟ ବିଭିନ୍ନ ମଣ୍ଡିରେ ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରାଯିବ । ଚଳିତବର୍ଷ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଠାରୁ ଯେପରି ସୁରୁଖୁରୁରେ ଧାନକିଣା ଯିବ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଗୁରୁବାର ଏନେଇ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଏକ କୃଷକ ପ୍ରଚାର ରଥ ଶୁଭାରମ୍ଭ ହୋଇଛି ।

ଉପଜିଲ୍ଲାପାଳ ଉମା ଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଦୁଇଟି ରଥକୁ ଶୁଭାରମ୍ଭ କରିଛନ୍ତି । ଉକ୍ତ ପ୍ରଚାର ରଥ ଗୁଡ଼ିକ ଆଜି ଠାରୁ ଉପଖଣ୍ଡର ବିଭିନ୍ନ ଗ୍ରାମ ପରିକ୍ରମା କରି ଚଳିତ ବର୍ଷର ଧାନ କିଣା ବାବଦରେ ଚାଷୀମାନଙ୍କୁ ସଚେତନ କରିବ । ଚଳିତ ବର୍ଷ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଇନପୁଟ୍ ସହାୟତା ମିଶାଇ ୩୧୦୦ ଟଙ୍କା ପାଇବେ ସେନେଇ ପ୍ରଚାର ମାଧ୍ୟମରେ ଅବଗତ କରଯିବ । ଚାଷୀ ସରକାରଙ୍କ ନିକଟରେ ପଞ୍ଜିକୃତ କରିଥିବା ମୋବାଇଲ ନମ୍ବରରେ ଧାନ ବିକ୍ରି ସମ୍ବନ୍ଧରେ ତଥ୍ୟ ପାଇବେ । ଏଥିସହ ଚାଷୀମାନେ ଟୋଲ ଫ୍ରି ନମ୍ବର୧୯୬୭ କୁ କଲ୍ କରି ସମସ୍ତ ତଥ୍ୟ ହାସଲ କରିପାରିବେ ।

ଆଗାମୀ ଦିନରେ ଉପଖଣ୍ଡର ଜଗନ୍ନାଥପ୍ରସାଦ, ବେଲଗୁଣ୍ଠା, ବୁଗୁଡ଼ା, ଆସିକା ,ସୋରଡ଼ା, ଶେରଗଡ଼, ଧରାକୋଟ, ଭଞ୍ଜନଗର ବ୍ଲକରେ କୃଷକ ପ୍ରଚାର ରଥ ମାଧ୍ୟମରେ ଚାଷୀଙ୍କୁ ଏଫ୍ଏକ୍ୟୁ ଧାନ କିଣା ବାବଦରେ ସଚେତନତା କରାଯିବ ବୋଲି ଆରଏମସି ସଂପାଦକ ସୁମନ୍ତ କୁମାର ସାହୁ କହିଛନ୍ତି ।

## ଫୁଲବାଣୀରେ ବଡଦିନ ଓ ନବବର୍ଷ ପାଳନ ପାଇଁ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ

ଫୁଲବାଣୀ, (ସବ୍ୟୁ) : ଫୁଲବାଣୀ ସ୍ଥିତ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ) ଠାରେ ଜିଲ୍ଲାପାଳ ବେଦ ଭୂଷଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି । ଆସନ୍ତା ବଡଦିନ ଓ ଇଂରାଜୀ ନବବର୍ଷ ସମୟରେ ଜିଲ୍ଲାରେ ଶାନ୍ତି, ସଦଭାବନା ଓ ଶୃଙ୍ଖଳା ରକ୍ଷା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଓ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ବୈଠକରେ ବିଭିନ୍ନ ଧାର୍ମିକ ସଙ୍ଗଠନ ମାନଙ୍କ ପ୍ରତିନିଧିମାନେ ବଡଦିନ ପାଳନ ସମୟରେ ହେଉଥିବା ସମସ୍ୟା ଓ ଆବଶ୍ୟକ ସୁବିଧା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । ଜିଲ୍ଲାପାଳ ଏହାର ସମାଧାନ ଓ ସମସ୍ତଙ୍କ ସହଯୋଗରେ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟିର ଆଶ୍ୱାସନ ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ହରିଶ ବି.ସି., ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣିତା ଦାସ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡା ଉପଖଣ୍ଡ ପୋଲିସ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଜିଲ୍ଲାର ଓ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀ, ଧାର୍ମିକ ସଂଗଠନର ପ୍ରମୁଖ, ଲୋକପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ପ୍ରଶାସନ ଆଶା ବ୍ୟକ୍ତ କରିଛି ଯେ ସମସ୍ତଙ୍କ ମଧ୍ୟରେ ସହଯୋଗ ଓ ସଦଭାବ ରହିଥିଲେ ଆସନ୍ତା ପର୍ବଗୁଡିକ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହେବେ ।

## ଡ୍ରିମ୍‌ସ ନର୍ସିଂ ସ୍କୁଲ ପକ୍ଷରୁ କୁକୁର କାମୁଡାଜନିତ ପ୍ରାଥମିକ ଚିକିତ୍ସା କର୍ମଶାଳା



କଟକ, (ସ୍ୱପ୍ର): ଡ୍ରିମ୍‌ସ ସ୍କୁଲ ଅଫ ନର୍ସିଂ ପକ୍ଷରୁ ବୁଲା କୁକୁର ଓ ଅନ୍ୟ ପଶୁ କାମୁଡାଜନିତ ପ୍ରାଥମିକ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି । ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କର୍ମଶାଳାକୁ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଉଦଘାଟନ କରି କର୍ମଶାଳାର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଭକ୍ତ ଚରଣ ପ୍ରଧାନ ବୁଲା କୁକୁରଙ୍କ ବଂଶ ବୃଦ୍ଧିକୁ ରୋକିବା ନିମନ୍ତେ ବନ୍ଧ୍ୟାକରଣ ଓ ସତର୍କତା ଉପରେ ସରକାରୀସ୍ତରରେ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ସୂଚନା ଦେଇଥିଲେ । ବିଶେଷଜ୍ଞ ବକ୍ତା ଡ୍ରିମ୍‌ସ ମେଡିକାଲ କଲେଜ ହସ୍‌ପିଟାଲ କମ୍ୟୁନିଟୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟ ବୁଲା କୁକୁର ଓ ଅନ୍ୟ ପଶୁ ଆକ୍ରମଣ ଠାରୁ କିଭଳି ଦୂରେଇ ରହିବ ଓ କୁକୁର କାମୁଡା ଓ ଯଥା ସମୟରେ ଚିକିତ୍ସିତ ନହେଲେ ଆକ୍ରାନ୍ତ ବ୍ୟକ୍ତି କିଭଳି ଜଳାତଙ୍କ ଭଳି ଦୂରାରୋଗ୍ୟ ବ୍ୟାଧିର ଶୀକାର ହୋଇ ଶେଷରେ ମୃତ୍ୟୁ ମୁଖରେ ପଡେ ଏବଂ କୁକୁର କାମୁଡାର ପ୍ରାଥମିକ ଚିକିତ୍ସା ପଦ୍ଧତି ଓ ପରବର୍ତ୍ତୀ ଯନି ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ପ୍ରଥିମା ପ୍ରକାଶମ୍ ପ୍ରାରମ୍ଭିକ ସୂଚନା ଓ ସହକାରୀ ପ୍ରାଧ୍ୟାପିକା ରିମି ସରକାର ଓ ଶିବା ଅନୀଥା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ସଚେତନତା ପୋଷ୍ଟର ଅତିଥିମାନେ ଉନ୍ମୋଚନ କରିଥିଲେ । ସହକାରୀ ଡିନ୍‌ଏନ୍ ପ୍ରେମଲତା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୬ ଦିବସୀୟ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ



ବାରିପଦା, (ସବ୍ୟୁ): ଭାରତ ସରକାରଙ୍କ ନିର୍ଦ୍ଦେଶ ତଥା ଓଡ଼ିଶା ସରକାର ଏବଂ ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ଆଦେଶ କ୍ରମେ ଲିଙ୍ଗ ଭିତ୍ତିକ ହିଂସା ବିରୋଧରେ ସଚେତନତା କାର୍ଯ୍ୟକ୍ରମ ନଭେମ୍ବର ୨୫ ତାରିଖ ଠାରୁ ଆରମ୍ଭ ହୋଇ ଚଳିତ ୧୦ ଡିସେମ୍ବର ୨୦୨୫ ରେ ଉଦଯାପନୀ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝି ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ, ପ୍ରୋଗ୍ରାମ ଅଫିସର୍, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ଜିଲ୍ଲା ମହିଳା ସଶକ୍ତିକରଣ କେନ୍ଦ୍ରର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ । ତାଙ୍କ ସମେତ ସଖୀ ଓ୍ୱାନ୍ ଷ୍ଟପ ସେଣ୍ଟର, ଶକ୍ତି ସଦନ ଏବଂ ପରିବାର ପରାମର୍ଶ କେନ୍ଦ୍ରର କର୍ମଚାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଏହି କାର୍ଯକ୍ରମ ବିଗତ ୧୬ ଦିନ ଧରି ଚାଲିଥିଲା । ଏହି ଅବସରରେ ପ୍ରବନ୍ଧ (ଲିଙ୍ଗ ଭିତ୍ତିକ ହିଂସା) ପ୍ରତିଯୋଗିତାରେ ମନୋନୀତ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ପୁରସ୍କୃତ କରିଥିଲେ ।

## ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ

ଛତ୍ରପୁର, (ସବ୍ୟୁ): ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ । ଦୁର୍ଘଟଣାରେ ଆହତ ହୋଇଥିବା ବାପା ପୁଅଙ୍କୁ ମେଡିକାଲ ପଠାଇଛନ୍ତି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଛକ ଜାତୀୟ ରାଜପଥରେ । ଛତ୍ରପୁର ବିଧାୟକ କୃଷ୍ଣ ନାୟକ ଛତ୍ରପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ । ଏହି ସମୟରେ ଗୋଟିଏ ବାଇକରେ ଛତ୍ରପୁରରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବାପା ଓ ପୁଅ ଦୁର୍ଘଟଣା ହୋଇ ଗୋବିନ୍ଦପୁର ଛକ ଜାତୀୟ ରାଜପଥ ରାସ୍ତା କଡ଼ରେ ପଡ଼ିଥିଲେ । ଏହାକୁ ଦେଖି ବିଧାୟକ ନିଜେ ଗାଡ଼ିରୁ ଓହ୍ଲାଇ ପଡ଼ିଥିଲେ । ନିକଟରେ ଥିବା ଜାତୀୟ ରାଜପଥ ପେଟ୍ରୋଲିଂ ଗାଡ଼ିରେ ଆହତ ବାପା ଓ ପୁଅଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ । ଉଭୟ ବାପା ଓ ପୁଅଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ହୋଇଥିବା ଜଣାପଡ଼ିଛି । ତେବେ ବିଧାୟକଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମାନବ ଅଧିକାର ଦିବସ

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରା ଜଜ୍ ଅଶାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଜିଲ୍ଲା କୋର୍ଟ ପରିସର ସ୍ଥିତ ଯୁଡିସିଆଲ୍ ଏକାଡେମୀ କୋଠରୀରେ ମାନବ ଅଧିକାର ଦିବସ ପାଳନ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଆୟୁଷ୍ମାନ



ମହନ୍ତ, କମର୍ସିୟାଲ୍ କୋର୍ଟ ବିଚାରପତି ଅସିତ ସିଂ, ଜିଲ୍ଲାପାଳ ଭି କୀର୍ତ୍ତିଭାସନ୍, ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସମେତ ଗଞ୍ଜାମ ବାର ଆସୋସିଏସନ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମାନବିକ ଅଧିକାର ଓ ଏନେଇ ପ୍ରଚଳିତ ଆଇନଗତ ଦିଗ ପ୍ରତି ଗୁରୁତ୍ୱାରୋପ କରି ବିଶେଷ କରି ସମାଜର ମହିଳା, ଆର୍ଥିକ ଅନଗ୍ରସର, ଶିଶୁ, ନାବାଳକ, ନାବାଳିକା, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନତାଙ୍କ ଅଧିକାର ନେଇ ଆଲୋଚନା କରାଯାଇଥିଲେ । କାର୍ଯ୍ୟକ୍ରମକୁ ଆଇନସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକ ପରିଚାଳନା କରିଥିବାବେଳେ ବହୁ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସର୍ବଭାରତୀୟ ଟି-୨୦ କ୍ରିକେଟର ଦ୍ୱିତୀୟ ଦିନ

# ଭୁବନେଶ୍ୱର ଓ ରାଉରକେଲା ବିଜୟୀ

ବାରିପଦା, (ସବ୍ୟୁ): ସ୍ଥାନୀୟ ପ୍ରଫୁଲ୍ଲନଗର ସ୍ଥିତ ଲେଟକଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସର୍ବଭାରତୀୟ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୨ୟ ଦିନର ୧ମ ମ୍ୟାଚରେ ଟିସିସି, ଭୁବନେଶ୍ୱର ୫ ଉଇକେଟରେ ବାରିପଦାର ଡିଆରକେ ଟିମକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଡିଆରକେ ୨୦ ଓଭରରେ ୮ ଉଇକେଟ ହରାଇ ୧୫୮ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୪୪, ଅଭିଜ୍ଞାନ ମହାନ୍ତି ୨୮, ଜୟକୁମାର ୨୨ ଓ ଉପେନ୍ଦ୍ର ନାୟକ ୨୧ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା ୩ଟି ଓ ରାମଚନ୍ଦ୍ର ବେହେରା ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଭୁବନେଶ୍ୱର ୧୭. ୪ ଓଭରରେ ୫ ଉଇକେଟ ହରାଇ ୧୫୯ ରନ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ୬୦, ବିନୟ ପାଇକରାୟ ୩୫ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାନସ ଧଳ ୨ଟି ଉଇକେଟ ଅକ୍ତିଆର କରିଥିଲେ । ରାମଚନ୍ଦ୍ର ବେହେରା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ମୁଖ୍ୟ ଅତିଥିଭାବେ ଯୋଗଦେଇ ଯୁବ ସମାଜସେବୀ ରାକେଶ ସିଂହ ଓ କ୍ରୀଡା ସଙ୍ଗଠକ ତଥା ସିନେ ପ୍ରଯୋଜକ ସଂଜୀବ ଦ୍ୱିବେଦୀ ଏହି ମ୍ୟାଚକୁ ଉଦଘାଟନ କରିବା ସହ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ଉପ ସଭାପତି ଦାମୋଦର କରଣ,




ସମ୍ପାଦକ ଦୀପକ କୁମାର ଦାଶ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ ଉପସ୍ଥିତ ଥିଲେ । ୨ୟ ମ୍ୟାଚରେ ରାଉରକେଲା ୪ ଉଇକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଥିଲା ।

ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ଓ୍ୱରିୟାର୍ସ ୧୯ ଓଭରରେ ୭ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲେ । ଉତ୍ତରରେ ରାଉରକେଲା ୧୭. ୩ ଓଭରରେ ୬ ଉଇକେଟ ହରାଇ ୧୯୧ ରନ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ବିଭାସ ସାଓ ୫୧, ଏମ. ପାଣ୍ଡେ ୪୭ ଓ ଅମନ ଯାଦବ ୩୫ ରନ କରିଥିବା ବେଳେ ବିପକ୍ଷ ଦଳର ଗିରି ପ୍ରସାଦ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଗୌତମ ସୁନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଅତିଥି ଭାବେ ଯୋଗଦେଇ ସମାଜସେବୀକା ଦୀପା ରାଉତରାୟ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ସମରପ୍ରୀତ ପ୍ରଧାନ, ବିଶ୍ୱମ୍ଭର ମହାକୁଡ଼ ଓ ଇନ୍ଦ୍ରଜିତ ପ୍ରସାଦ ଖେଳ ପରିଚାଳନା କରିଥିବା ବେଳେ ସୌରଜିତ ସାହୁ ସ୍କୋରିଂରେ ସହାୟତା କରିଥିଲେ । ସୁରେଶ ସାଣ୍ଡିଲ, ବୁବୁ ସିହ୍ନା ଓ ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ । ଶୁକ୍ରବାର ଦିନ ୧ମ ମ୍ୟାଚ କୋଲକାତାର ଏଲଆରଏସ ଟିମ ଓ ବିଶାଖାପାଟନମର ଇଷ୍ଟ କୋଷ୍ଟ ରେଲେଓ୍ୱ ମଧ୍ୟରେ ଏବଂ ୨ୟ ମ୍ୟାଚ ସମ୍ବଲପୁରର ଏମଏମସିସି ଟିମ ଓ ଖଡ଼କପୁରର ସେର୍ସା ଟିମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କ୍ୟାରିୟର୍ କାଉନସେଲିଂ ସେଲ୍ ଦ୍ୱାରା ଛତୁ ଉତ୍ପାଦନ ଏବଂ ଚାଷ ପ୍ରଣାଳୀ ଶୀର୍ଷକ ଏକ ସପ୍ତାହ ବ୍ୟାପୀ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥି ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ଶତପଥୀ ଏହି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କର କ୍ୟାରିୟର୍ ଗଠନରେ ସହାୟକ ହେବ ଏବଂ ଏହା ସେମାନଙ୍କୁ କୃଷି ଉଦ୍ୟୋଗୀତା ଓ ସ୍ୱନିର୍ଭରଶୀଳତା ଦିଗରେ ପ୍ରୋତ୍ସାହିତ କରିବ ବୋଲି କହିବା ସହିତ ଏହି ପ୍ରକାରର ଦକ୍ଷତା ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକମାନଙ୍କୁ ରୋଜଗାର ଯୋଗ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓୟୁଏଟିର ପ୍ଲାଣ୍ଟ ପାଥୋଲୋଜିର ପୂର୍ବତନ ପ୍ରଫେସର ପ୍ର. କେ.ବି. ମହାପାତ୍ର କହିଥିଲେ ଯେ ଛତୁ ଚାଷ ଏକ ଲାଭଜନକ ଓ କମ୍ ଖର୍ଚ୍ଚରେ ହେଉଥିବା କୃଷି ବ୍ୟବସାୟ ଯାହାକୁ ଯୁବପିଢ଼ି ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବେ ।

ଏହି ପ୍ରକାରର ପ୍ରଶିକ୍ଷଣ ବିଶ୍ୱବିଦ୍ୟାଳୟର ଏକ ଅଗ୍ରଣୀ ଉଦ୍ୟମ ଏବଂ ଏହା ଓଡ଼ିଶାରେ ଛତୁ ଚାଷକୁ ପ୍ରୋତ୍ସାହିତ କରିବ ସହ ଯୁବକମାନଙ୍କୁ ନୂଆ ରୋଜଗାରର ମାର୍ଗ ଦେଖାଇବ । ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ସଂଯୋଜକ ପ୍ରଫେସର ଇନ୍ଦ୍ରଜିତ ନାଏକ, କାର୍ଯ୍ୟକ୍ରମ ସଂଯୋଜକ ତଥା କ୍ୟାରିୟର୍ କାଉନସେଲିଂ ସେଲ୍ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ପ୍ରମୁଖ ଛତୁ ଚାଷ ସମ୍ପର୍କରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନର ବିଭିନ୍ନ ବିଭାଗର ୪୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।

# ସଡକ ଦୁର୍ଘଟଣାରେ ଦୁଇ କଲେଜ ଛାତ୍ରଙ୍କ ମୃତ୍ୟୁ



ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ରାମନାଗୁଡା ଥାନା ପାଲୁପାଇ ନିକଟରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଗୁରୁବାର ଦିନ ସକାଳ ପ୍ରାୟ ୧୦ ସମୟରେ ବାଇକ୍ ଏବଂ ଘରୋଇ ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇଜଣ ଯୁକ୍ତ ଦୁଇ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତକ ଦୁଇ ଛାତ୍ର ହେଲେ ଗୁଡାରି ସୌରା ସାହିର ଦେବେନ୍ଦ୍ର ଶବର (୨୧) ଏବଂ ଗୁଡାରି ବଡଗୁଡାର ବିଷ୍ଣୁ ଶବର (୨୧)। ଉଭୟ ବାଙ୍କୀଲି ପଞ୍ଚାୟତ ଅଧୀନରେ ଥିବା ବାଡ଼ିସୋଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ପ୍ରଥମ ବର୍ଷରେ ଶିକ୍ଷା ଅଧ୍ୟୟନ କରୁଥିଲେ। ସବୁଦିନ ଭଳି ଉଭୟେ ଓଆର ୦୭ ଏକ୍ସ ୯୬୧୭ ନମ୍ବର ବିଶିଷ୍ଟ ନିଜ ବାଇକ୍ ଯୋଗେ ଗୁଡାରୀରୁ କଲେଜ୍ ଯାଉଥିଲେ। ଏହି ସମୟରେ ଲାଞ୍ଜିଗଡ଼-ମୁନିଗୁଡା ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା 'କାମଧେନୁ' ନାମକ ଓଆର ୦୭ ଆର ୮୦୪୪ ନମ୍ବର ବିଶିଷ୍ଟ ଘରୋଇ ବସ୍ ସହିତ ପାଲୁପାଇ ନିକଟସ୍ଥ ବୁଲାଣିରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟ ଛାତ୍ରଙ୍କୁ ତୁରନ୍ତ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏହି ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଗ୍ରାମବାସୀ ଓ ଛାତ୍ରମାନେ ମୃତ୍ୟୁ ଛାତ୍ରଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ୩୨୬ ନମ୍ବର ଜାତୀୟ ରାଜପଥକୁ ଟାୟାର ଜାଳି ଅବରୋଧ କରିଥିଲେ । ଫଳରେ ବ୍ରହ୍ମପୁର, ପାରଳାଖେମୁଣ୍ଡି, ରାୟଗଡା ଓ ମୁନିଗୁଡାକୁ ସଂଯୋଗ କରୁଥିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା । ଘଟଣାସ୍ଥଳରେ ଏସଡିପିଓ ବାବୁଲି ନାୟକ, ମାଜିଷ୍ଟ୍ରେଟ ଭାବେ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଥାନା ଅଧିକାରୀ ସୁନିତା ବେହେରା, ସେକେଣ୍ଡ ଅଫିସର ବାବୁଲା ପ୍ରଧାନଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଉଦ୍ୟମ ଜାରି ରଖିଥିଲେ । ଖବର ଲେଖାଯିବା ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ରାମନାଗୁଡ଼ା ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ୪୨ ବର୍ଷ ପରେ ସିବିଆଇ ମାଲଖାନାରୁ ବାହାରିଲେ ଶ୍ରୀଗୋପାଳଜୀଙ୍କ ମୂର୍ତ୍ତି

ସୋନପୁର, (ସବ୍ୟୁ): ସୋନପୁର ଶ୍ରୀ ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ୧୨ ଗୋଟି ପ୍ରାଚୀନ ମୂର୍ତ୍ତି ଜବତ ହେବା ଘଟଣାକୁ ୪୨ ବର୍ଷ ପରେ ସିବିଆଇ ମାଲଖାନାରୁ ବାହାରିଛନ୍ତି । ଏହି ସବୁ ପ୍ରାଚୀନ ମୂର୍ତ୍ତି ୧୯୯୩ରେ ଦିଲ୍ଲୀରୁ ସିବିଆଇ ଜବତ କରିଥିଲେ ମଧ୍ୟ ଗୋପାଳଜୀ ମନ୍ଦିରକୁ ଏହି ମୂର୍ତ୍ତି ନ ଫେରି ବିଭିନ୍ନ ମାମଲା ଯୋଗୁଁ ସିବିଆଇ ମାଲଖାନାରେ ପଡି ରହିଥିଲା । ୧୯୮୩ ମସିହାରେ ରାଜବାଟୀ ସମ୍ମୁଖ ବଡ ଗୋପାଳଜୀ ମନ୍ଦିରରୁ ୧୨ ଗୋଟି ପ୍ରାଚୀନ ମୂର୍ତ୍ତି ଚୋରି ହୋଇଥିଲା । ଚୋରି ଘଟଣାକୁ ଦୀର୍ଘ ୪୨ ବର୍ଷ ବିତି ଯାଇଥିଲେ ମଧ୍ୟ ବଡ ଗୋପାଳଜୀ ମନ୍ଦିରର ୧୨ଟି ମୂର୍ତ୍ତି ବସିଥିବା ସେହି ସ୍ଥାନ ସବୁ ଆଜି ବି ଖାଁ ଖାଁ ଲାଗୁଥିଲା । ଏପରିକି ୭ ଅଗଷ୍ଟ ୨୦୦୯ ରେ ଗୋପାଳଜୀ ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟକୁ ମୂର୍ତ୍ତି ଫେରାଇ, ପୂର୍ବ ସ୍ଥାନରେ ପୁନଃ ସ୍ଥାପିତ କରି ପୂଜା ବିଧି କରିବା ପାଇଁ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟ ସ୍ପଷ୍ଟ ଭାବେ ନିର୍ଦ୍ଦେଶ ଦେଇଥିଲେ । ହେଲେ ଆଜି ଯାଏଁ ସେହି ୧୨ଟି ବିଭିନ୍ନ ଧାତୁର ଦୁର୍ଲଭ ପିତ୍ତଳ ମୂର୍ତ୍ତି ସିବିଆଇ ମାଲଖାନାରେ ପଡ଼ି ରହିଥିଲେ । ଏପଟେ ସୋନପୁରରେ ଭକ୍ତଙ୍କ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା ।

ସୋନପୁର ଚୌହାନ ବଂଶର କୂଳ ଦେବତା ବଡ ଗୋପାଜୀ ମନ୍ଦିରକୁ ଦୀର୍ଘ ୪୨ ବର୍ଷ ପରେ ପିତ୍ତଳ ପ୍ରତିମୂର୍ତ୍ତି ଫେରୁଛନ୍ତି । ଝଲସି ଉଠିବ ପ୍ରଭୁଙ୍କ ସିଂହାସନ। ମହାରାଜ ମଦନ ମୋହନ ସିଂଦେଓ ଭାଇ ସନ୍ନ୍ୟାସୀ ବଂଶୀ ଗୋପାଳ ସିଂଦେଓ ଭାଇ ଭାଗରେ ଗୋପାଜୀ ମନ୍ଦିର ଓ ପୁରୀର ରାମଜୀ ମଠ ପ୍ରତିଷ୍ଠା ଲାଭ କରିଥିଲା । ଏହି ଗୋପାଳଜୀ ମନ୍ଦିରରେ ଅଶୀ ଦଶକ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଚାଲିଥିଲା । ୧୯୮୩ ମସିହାରେ ଦୁର୍ବୃତ୍ତମାନେ ୧୨ ଟି ମୂଲ୍ୟବାନ ମୂର୍ତ୍ତି ଚୋରି କରିଥିଲେ । ପରେ ୧୦ ଅକ୍ଟୋବର ୧୯୯୩ରେ ଦିଲ୍ଲୀ ଚାନ୍ଦିନି ଚୌକର ଫତେପୁରୀ ନିକଟରୁ ସିବିଆଇ ଦ୍ୱାରା ଜବତ ହୋଇଥିଲା। ଗୋପାଳଜୀ ମନ୍ଦିରରୁ ଚୋରି ହୋଇଥିବା ସମସ୍ତ ୧୨ଟି ମୂର୍ତ୍ତି । ଏହି ମୂର୍ତ୍ତି ଜବତ କରିଥିଲେ ସିବିଆଇ ଡିଏସପି ମାହାର ସିଂହ। ଏଥିରେ ଏକାଧିକ ଲୋକମାନଙ୍କ ସଂପୃକ୍ତି ରହିଥିବା ନେଇ ଏକ ମାମଲା ରୁଜୁ ହୋଇଥିଲାଛ । ଏହି ଘଟଣା ନେଇ ଭୁବନେଶ୍ୱର ସ୍ୱତନ୍ତ୍ର ସିଜେଏମ୍ ସିବିଆଇ କୋର୍ଟରେ ଗତ ୪ ଅଗଷ୍ଟ ୨୦୦୯ ରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା । ୭ ଅଗଷ୍ଟ ୨୦୦୯ ରେ ଚୂଡାନ୍ତ ରାୟ ଶୁଣାଇ କୋର୍ଟ ଶୁଣାଣି କରିଥିଲେ । ଏହି ମୂର୍ତ୍ତି ସବୁ ବଡ ଗୋପାଳଜୀ (ବାହାର) ମନ୍ଦିରକୁ ଫେରାଇ ପୁନଃ ସ୍ଥାପନ ପାଇଁ କୋର୍ଟ ପରାମର୍ଶ ଦେଇଥିଲେ । ଏହା ସତ୍ତ୍ୱେ ସୋନପୁରକୁ ଫେରି ପାରି ନ ଥିଲା ଏହି ପୁରାତନ କିର୍ତ୍ତୀରାଜି । ଏଥି ପାଇଁ ଆଇନଗତ ପ୍ରତିବନ୍ଧକ ରହିଥିଲା । ଭୁବନେଶ୍ୱର ସ୍ଥିତ ଖୋର୍ଦ୍ଧା ଏଡିଜେ-୩ ଙ୍କ କୋର୍ଟ ରାୟ ପରେ ମୂର୍ତ୍ତି ଫେରିବାର ନେଇ ଆଶା ଉଜ୍ଜୀବିତ ହୋଇଥିଲା । ଗତ କିଛି ମାସ ହେଲା ବିଭିନ୍ନ ପତ୍ରିକାରେ ନିରନ୍ତର ବ୍ୟବଧାନରେ ଏହି ସମ୍ପର୍କ ଖବର ପରିବେଷଣ କରାଯାଉଥିଲା । ଦୀର୍ଘଦିନ ଧରି ମୂଲ୍ୟବାନ ମୂର୍ତ୍ତି ଫେରିବା ସମ୍ଭବ ହୋଇ ନ ଥିବାରୁ ଭକ୍ତମାନଙ୍କ ମଧ୍ୟରେ ନୈରାଶ୍ୟଜନକ ଭାବ ରହିଥିଲା । କିନ୍ତୁ ଏହି ପ୍ରସଙ୍ଗକୁ ବିଭିନ୍ନ ମିଡ଼ିଆଙ୍କ ଖବର ଓ ଜିଲ୍ଲା ପ୍ରଶାସନ, କୋର୍ଟର ଉଚ୍ଚ ପଦବୀ ଅଧିକାରୀଙ୍କ ପ୍ରଚେଷ୍ଟା ହିଁ ଉଜ୍ଜୀବୀତ କରିଥିଲା । ବର୍ତ୍ତମାନ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ସ୍ୱତନ୍ତ୍ର ଦୃଷ୍ଟି ଦେବାରୁ ଏବଂ ଉପ ଜିଲ୍ଲାପାଳ ଡ. ସୌମ୍ୟାରୂପା ରଥଙ୍କ ପ୍ରଚେଷ୍ଟା ଯୋଗୁଁ ସମ୍ବେଦନଶୀଳ ଓ ସୋନପୁର ଐତିହାସିକ ମୂକସାକ୍ଷୀ ଥିବା ୧୨ଟି ମୂର୍ତ୍ତି ମାଲଖାନାରୁ ବାହାରିଲା । ଏହି ସମ୍ପର୍କରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼. ନୃପରାଜ ସାହୁ କହିଛନ୍ତି ବିଗତ ସପ୍ତାହରେ ଏହି ମାମଲା ନେଇ ଶୁଣାଣି ହୋଇଥିଲା। ଆମର ଆଇନ ସମ୍ମତ ଥିବାରୁ ଅପିଲ କୋର୍ଟ ଶୁଣିଲେ । ମାଲିକାନା ଥିବାରୁ ମୂର୍ତ୍ତିମାନେ ହସ୍ତାନ୍ତର ହେବ । ବଡ ଗୋପାଳଜୀ ମନ୍ଦିରରେ ମୂର୍ତ୍ତି ମାନେ ସ୍ଥାପନା ହେବ । ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ କଡା ସୁରକ୍ଷା ଓ ସିସିଟିଭି ବ୍ୟବସ୍ଥା କରାଯିବ । ଆଗାମୀ ଦିନରେ ପୂର୍ବ ପରି ପୂଜାର୍ଚ୍ଚନା କରାଯିବ ବୋଲି କହିଛନ୍ତି । ଶ୍ରୀ ଗୋପାଳଜୀ ମହାପ୍ରଭୁ ଜିଲ୍ଲାର ଅସ୍ମିତାର ପ୍ରତୀକ ଅଟନ୍ତି। ଦୀର୍ଘ ୪୨ ବର୍ଷ ପୂର୍ବରୁ ଯେଉଁ ଅସ୍ମିତା ହଜି ଯାଇଥିଲା ସୁବର୍ଣ୍ଣପୁର ର ଲୋକ ପ୍ରିୟ ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କ ବଳିଷ୍ଠ ନେତୃ, ଦୃଢ଼ ଇଚ୍ଛାଶକ୍ତି ଓ ଶ୍ରୀ ଗୋପାଳଜୀ ଙ୍କ ଆର୍ଶିବାଦ ମା ସୁରେଶ୍ୱରୀଙ୍କ ଶକ୍ତି ଓ ସୋନପୁର ଶକ୍ତି ପୀଠର ଶକ୍ତିର ପ୍ରଭାବରେ କୋର୍ଟର ସମସ୍ତ ମାନ୍ୟବର ବିଚାରପତିଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ସମସ୍ତ ଶୁଭେଚ୍ଛୁଙ୍କ ସମନ୍ୱୟରେ ଜିଲ୍ଲା ପ୍ରଶାସନ ମୁଖ୍ୟ ଡ଼. ସାହୁ ତାଙ୍କ ମୁଖିଆ ପଦବୀକୁ ସାକାର କରି ପାରିଛନ୍ତି । ସହର ଓ ଜିଲ୍ଲା ବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଓ ସଂପୃକ୍ତ ବିଚାର ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ସୋନପୁରର ଇତିହାସରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ନିଶ୍ଚିତ ।



# ୧୨ରୁ ନଟରାଜ କଳା ପରିଷଦ ପକ୍ଷରୁ ନାଟକ ମହୋତ୍ସବ

ବଲାଙ୍ଗିର,(ସବ୍ୟୁ): ନଟରାଜ କଳା ପରିଷଦ ଦ୍ୱାରା ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ସାଂସ୍କୃତିକ, କଳା ଏବଂ ପୁରୁଣା ଲୋକକଥାକୁ ନେଇ ନାଟକ ୩ ଦିନ ଧରି ପୁରୁଣା ମଞ୍ଚରେ ଆୟୋଜିତ ହେବ । ୧୨ ଡିସେମ୍ବର ଶୁକ୍ରବାର ୧୪ ଡିସେମ୍ବର ରବିବାର ଦିନ ପର୍ଯ୍ୟନ୍ତ ଧରି ନାଟକ ଆୟୋଜିତ ହେବ । ପ୍ରଥମ ନାଟକ ବା, ଯାଦୁବାଲା ଦ୍ୱିତୀୟ ଏବଂ ସନ୍ଧ୍ୟାରେ ଉଦ୍ଘାଟନ ଓ ମଞ୍ଚ ପୂଜା ଓ ସାଂସ୍କୃତିକ କୋସଲି ଗର୍ବ ଗୌରବ ନାଟକ ସମ୍ମାନ ଓ ସ୍ମରଣିକା ଆୟୋଜିତ ହେବ ଏବଂ ସ୍ମରଣିକା ତାଣ୍ଡବ ଉନ୍ମୋଚିତ ହେବ । ଏହି ନାଟକ ଉତ୍ସବ ସ୍ୱର୍ଗତ ସୁବାଷ ପୁଝାରୀଙ୍କ ସ୍ମୃତିରେ କୋଶଳ ଗୌରବ ନାଟକ ସମ୍ମାନ ଅବଦୁଲ ଜମାଲ ଖାନଙ୍କୁ ସମ୍ମାନିତ କରାଯିବ । ଦ୍ୱିତୀୟ ଦିନରେ ସ୍ୱର୍ଗତ ଲଳିତ ନାୟକଙ୍କ ସ୍ମୃତିରେ ଡା. ରୁଦ୍ର ନାରାୟଣ ପଟେଲଙ୍କୁ ସମ୍ମାନିତ କରାଯିବ । ତୃତୀୟ ସନ୍ଧ୍ୟାରେ ସ୍ୱର୍ଗତ ଜ୍ୟୋତି ରଂଜନ ପାଣିଗ୍ରାହୀଙ୍କ ସ୍ମୃତିରେ ଯୁବ କଳାକାର ନଟରାଜ ସମ୍ମାନ ଦିଆଯିବ । ଏହି ଉତ୍ସବ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ଏବଂ ନଟରାଜ କଳାପରିଷଦର କଳାକାରମାନଙ୍କୁ ନେଇ ଦୀର୍ଘ ଏକ ମାସରୁ ଉର୍ଦ୍ଧ୍ୱ ହେବ ଆଖଡା ଶାଳ ହୋଇଥିଲା । ସଂପାଦକ ପ୍ରହଲ୍ଲାଦ ଦର୍ଜି ଏବଂ ଡ. ଶ୍ରୀ ମିଶ୍ର ଅଧ୍ୟକ୍ଷ, ସଭାପତି ହରିନାରାୟଣ ପୁଜାରୀ, ପ୍ରଶାନ୍ତ ଖମାରୀ ଏବଂ ସତ୍ୟବ୍ରତ ଦାଶ ସୂଚନା ପ୍ରଦାନ କରିଛନ୍ତି ।

# ଗୁରୁ ପୁତ୍ର ଦିଗାସ୍ମୀ ଗମାଙ୍ଗଙ୍କ ଦେହାନ୍ତ



ରାୟଗଡା,(ସବ୍ୟୁ): ଗୁରୁ ପୁତ୍ର ଦିଗାସ୍ମୀ ଗମାଙ୍ଗଙ୍କ ଦେହାନ୍ତଛ ୧୯୩୬ ମସିହାରେ 'ଶବର' ସଂପ୍ରଦାୟ ସଂସ୍କାର ଆଣିବା ପାଇଁ ସୌରା ଲିପିର ଉଦ୍ଭାବକ ସୌରା ପଣ୍ଡିତ ସ୍ୱର୍ଗତ ମାଙ୍ଗାଇ ଗମାଙ୍ଗଙ୍କ କନିଷ୍ଠ ପୁତ୍ର ଦିଗାସ୍ମୀ ଗମାଙ୍ଗଙ୍କ ଗତ ରାତିରେ ପଦ୍ମପୁର ବ୍ଲକ ମରିଚଗୁଡା ସ୍ଥିତ ନିଜ ବାସ ଭବନରେ ଦେହାନ୍ତ ହୋଇଛି। ସ୍ୱର୍ଗତ ଦିଗାସ୍ମୀ ଗମାଙ୍ଗ ବହୁ ଦିନ ଧରି ମଧୁମେହ ରୋଗରେ ପିଡୀତ ଥିଲେ ଦିନ ପୂର୍ବରୁ ବ୍ରହ୍ମପୁର ମେଡିକାଲ କଲେଜରୁ ଚିକିତ୍ସିତ ହୋଇ ଫେରିଥିଲେ। ଦିଗାସ୍ମୀ ଗମାଙ୍ଗ ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଇନ୍ଦୁପୁର ପଞ୍ଚାୟତର ଆମ୍ବାବାଡି ସ୍ଥିତ ଅପର୍ ପ୍ରାଇମେରୀ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ସେ ଜଣେ ଅତି ମିଷ୍ଟଭାଷୀ,ସରଳ ନିଷ୍କପଟ ମଣିଷ ଥିଲେ। ବାପାଙ୍କ ଦେହାନ୍ତ ପରେ ସୌରା ଲିପି ଓ ଭାଷାର ପ୍ରଚାର ପ୍ରସାର ପାଇଁ ଅହରହ ସଂଗ୍ରାମ ଜାରି ରଖିଥିଲେଛ ଶବର ସମାଜର ପ୍ରତ୍ୟେକ ସଭା ସମିତିରେ ନିଜ ମାତୃଭାଷା ସୌରା ଭାଷାକୁ ବଞ୍ଚାଇ ରଖିବାକୁ ହେଲେ ଆମର ଆଗାମୀ ପୀଢ଼ିମାନେ ଲିପି ଓ ଭାଷାକୁ ଆପଣେଇବାକୁ ପଡ଼ିବ ବୋଲି ସର୍ବଦା ଉପଦେଶ ଦେଉଥିଲେ। ତାଙ୍କ ଅକାଳ ବିୟୋଗରେ ଶବର ଜାତି ଓ ସମାଜର ଅପୂରଣୀୟ କ୍ଷତି ଘଟିଛି। ମୃତ୍ୟୁ ବେଳକୁ ତାଙ୍କର ଧର୍ମପତ୍ନୀ, ଦୁଇ ପୁଅ ଏବଂ ଗୋଟିଏ ଝିଅ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣିବା ପରେ ସମସ୍ତ ଶବର ସମ୍ପ୍ରଦାୟର ସଭାପତି ଠାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ପ୍ରକାଶଥାଉକି ୧୯୩୬ ମସିହାରେ 'ଶବର' ସଂପ୍ରଦାୟ ମଧ୍ୟରେ ସଂସ୍କାର ଆଣିବାକୁ ଶବର ପଣ୍ଡିତ ମଙ୍ଗେଇ ଗମାଙ୍ଗ ସେରା ଅକ୍ଷର ମାଳା ତିଆରି କରିଥିଲେ। ଶବର ଜାତିର ଆରାଧ୍ୟ ଦେବତା ଦାରୁବ୍ରହ୍ମଙ୍କୁ ସ୍ମରଣ କରିବା ପରେ ମାତାର ବନମ ପାହାଡରେ ଥିବା ପଥରରେ ପ୍ରସ୍ଫୁଟିତ ଓଁ ମଧ୍ୟରେ ୨୪ଟି ବର୍ଣ୍ଣ ୯ଟି ସଂଖ୍ୟା ସ୍ପଷ୍ଟ ରୂପେ ଉଲ୍ଲେଖ ହୋଇଥିଲେ। ସେରା ଭାଷାର ପ୍ରଚାର, ପ୍ରସାର ପାଇଁ ମଙ୍ଗେଇ ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ସମସ୍ତ ଆଦିବାସୀ ଅଞ୍ଚଳରେ ୨୫ଟି ଉପକେନ୍ଦ୍ର, ସେରା ଭାଷା ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ଏଥି ସହ ସେରା ଭାଷା ସଂପର୍କିତ ପୁସ୍ତକ, ବର୍ଣ୍ଣମାଳା ଶିକ୍ଷା ପୁସ୍ତକ ଛାପିବା ପାଇଁ ଗୁଣପୁର ବ୍ଲକର ଡମ୍ବସରାରେ ମଙ୍ଗେଇଙ୍କ ଦ୍ୱାରା ପ୍ରତିଷ୍ଠା କରିଥିଲେ ମାତାର୍ ବନମ୍ ପ୍ରେସ୍ ଯାହା ଏବେ ବନ୍ଦ ହୋଇ ପଡିଛି। ସେରା ଭାଷାର ଉଦ୍ଭାବନ ସହ ସମାଜ ସଂସ୍କାର ପଦକ୍ଷେପ ପାଇଁ ୧୯୭୯ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମଙ୍ଗେଇଙ୍କୁ 'ଶବର ପଣ୍ଡିତ' ଉପାଧିରେ ଭୂଷିତ କରାଯାଇଥିଲା।

# ଫ୍ରେଣ୍ଡସ କ୍ଲବ ପକ୍ଷରୁ ପ୍ରସ୍ତୁତି ବୈଠକ



ବଲାଙ୍ଗିର,(ସବ୍ୟୁ): ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଫ୍ରେଣ୍ଡସ କ୍ଲବ ପକ୍ଷରୁ ଆଗାମୀ ଦିନରେ ହେବାକୁ ଥିବା ତୃତୀୟ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟକୁ ନେଇ ସ୍ଥାନୀୟ ହୋଟେଲ ଏସଜେ ରିଜେନସି ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସଭାପତି ଲୋଟସ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସହ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ । ଏଥର ରାଜ୍ୟର ନାମ କରା ଫୁଟବଲ ଟିମ ଭାଗ ନେବେ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଥିଲା । ବୈଠକରେ ନରସିଂହ ସ୍ୱାମୀ ନାଇଡୁ, ବୁଦ୍ଧିରାଜ ବିଶ୍ୱାଳ, ପ୍ରଦୀପ ପାତ୍ର, ସୁନୀଲ ବିଶ୍ୱାଳ, ଶରତ ନନ୍ଦ, ମନୋଜ ମିଶ୍ର, ରଂଜିତ ବେହେରା, ମଧୁ ବନଛୋର,ପବିତ୍ର ଖୁଣ୍ଟିଆ, ଲକ୍ଷ୍ମୀନାରାୟଣ ସ୍ୱାଇଁ,ସୁଦର୍ଶନ ସେଠ, ବିକାଶ ସାହୁ, ମୁନା ପାଳ,ରାମ ନାଏକ, ବିଦ୍ୟା ସାହୁ, ବିକାଶ ସା, ସଂଜୀବ ସାହୁ, ଗୋବିନ୍ଦ ଶତପଥି, ସୋମନାଥ ମିଶ୍ର ସହ ବହୁ ସଦସ୍ୟ ଉପସ୍ଥିତ ରହି ନିଜ ମତାମତ ରଖିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର ଧନ୍ୟବାଦ ଦେଇଥିଲେ।

# ନୂଆପଡ଼ା ଏନଏସିରେ ପୌର ପ୍ରଶାସନର ଶିବିର

ନୂଆପଡ଼ା,(ସବ୍ୟୁ): ପ୍ରଶାସନକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ଗୁରୁବାର ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ୱାର୍ଡ ନମ୍ବର- ୭ ପରସାଗୁଡ଼ା ଠାରେ ୱାର୍ଡ଼ ରେ ପୌର ପ୍ରଶାସନ ଶିବିର ଅନୁଷ୍ଠିତ ହୋଇଥିଲା । ୱାର୍ଡବାସୀଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନର ବ୍ୟବସ୍ଥା କରାଯାଇଥିଲା। ଶିବିରରେ ପ୍ରାୟ ୬୫ ଜଣଙ୍କ ଅଭିଯୋଗ ଶୁଣାଣୀ ହୋଇଥଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ର କାର୍ଯ୍ୟାଦେଶ ଦୁଇ ଜଣ ହିତାଧୀକାରୀ ଧନୀରାମ ସାହୁ ଓ ଘୁନେଶ୍ୱର ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ଉପରୋକ୍ତ ଶିବିର ପ୍ରତି ବୁଧବାର ଦିନ କ୍ରମାଗତ ପାଳିରେ ଏନଏସି ର ସମସ୍ତ ୱାର୍ଡ଼ରେ ସପ୍ତାହକୁ ଗୋଟିଏ ଦିନ ଆୟୋଜିତ ହେବ। ଉପରୋକ୍ତ ଶିବିରରେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀନିବାସ ମିର୍ଦ୍ଧା,ଏଇ ରୋସନ କୁମାର ପ୍ରଧାନ, ଟେକ୍ସ ଦରୋଗା ପ୍ରତାପ ବାଗ, ଏମଆଇଏସ ଶରତ ଜାନି, ଡ଼ବ୍ଲୁଏସ ଅଚ୍ୟୁତ କୁମାର ଜେନା, ୱାର୍ଡ଼ ଅଫିସର୍ ପ୍ରେମାନନ୍ଦ ଗଉଡ଼, ଟେକ୍ସ କଲେକ୍ଟର ଗିରିଶ ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

# ପାଳ ବୋଝେଇ କଣ୍ଟେନରରେ ଅଗ୍ନିକାଣ୍ଡ




ଅମ୍ବାଭୋନା,(ସବ୍ୟୁ): ଗୁରୁବାର ପାଖାପାଖି ଦିନ ୨ଟା ସମୟରେ ଛତିଶଗଡ଼ ବରମକେଲାରୁ ଓଡିଶାର ବଉଳସିଂହା ସ୍ଥିତ ବି.ପି.ସି.ଏଲ୍ ଡିପୋ କୁ ପାଳ ବୋଝେଇ ହୋଇ ଆସୁଥିବା ସିଜି ୧୩ ବିଏଫ ୩୨୭୦ ନମ୍ବରର କଣ୍ଟେନର ଗାଡ଼ି ପ୍ରକାଶପୁର ଖେଳପଡିଆ ନିକଟରେ ହଠାତ୍ ବିଦ୍ୟୁତ ତାର ସଂସ୍ପର୍ଶ ହେବାରୁ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। କଣ୍ଟେନର ଉଚ୍ଚତା ଅଧିକ ଥିବାରୁ ରାସ୍ତା ଉପରେ ଥିବା ବିଦ୍ୟୁତ ତାରକୁ ସ୍ପର୍ଶ କରିଥିବା ବେଳେ ଅଗ୍ନିକାଣ୍ଡ ଆକସ୍ମିକ ଭାବେ ଆରମ୍ଭ ହୋଇଥିଲା। ଏଥିପରେ କଣ୍ଟେନର ଭିତରେ ସ୍ଥାପିତ ସମସ୍ତ ପାଳ ପୂର୍ଣ୍ଣରୂପେ ଜଳି ନଷ୍ଟ ହୋଇଯାଇଛି।

ଘଟଣା ପରେ ପ୍ରକାଶପୁର ନିକଟରେ ଥିବା କେଦାର ନାମକ ବ୍ୟକ୍ତି ନିଜ ଘରୁ ପାଇପ ସାହାଯ୍ୟରେ ପାଣି ସ୍ପ୍ରେ କରି ଅଗ୍ନି ନିୟନ୍ତ୍ରଣ ପାଇଁ ପ୍ରୟାସ କରିଥିଲେ, କିନ୍ତୁ ପାଳକୁ ବଞ୍ଚାଇବା ସମ୍ଭବ ହୋଇନଥିଲା। ଅଗ୍ନିର ତୀବ୍ରତା ଦେଖି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଥିଲେ। ପରେ ଅମ୍ବାଭୋନା ଅଗ୍ନିଶମ ବାହିନୀ ଘଟଣାସ୍ଥଳକୁ ପହଞ୍ଚି ଘଣ୍ଟାଏ ରୁ ଅଧିକ ପ୍ରୟାସ ପରେ ଅଗ୍ନିକୁ ପୂର୍ଣ୍ଣ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିଲା । ସୌଭାଗ୍ୟବଶତଃ, ଚାଳକ ସୁରକ୍ଷିତ ଅଛନ୍ତି ଏବଂ କଣ୍ଟେନର ଗାଡ଼ି ମଧ୍ୟ ବଡ଼ ଅଘଟଣରୁ ରକ୍ଷାପ୍ରାପ୍ତ ହୋଇଛି। ସ୍ଥାନୀୟ ଜନସାଧାରଣଙ୍କ କହିବାନୁସାରେ ଛତିଶଗଡ଼କୁ ସଂଯୋଗ କରୁଥିବା ଏହି ରାସ୍ତା ଟି ସଂକୀର୍ଣ୍ଣ ଓ ଭଲ ରାସ୍ତା ନ ଥିବାରୁ ଅଧିକ ବୋଝେଇ ବିଶିଷ୍ଟ କଣ୍ଟେନର ହେଉ କିମ୍ବା ଟ୍ରଲର ଗାଡ଼ି ଯିବା ଆସିବା ପାଇଁ ନିରାପଦ ନୁହେଁ ।

# ଯୋଗ ଶିକ୍ଷକ ଓ କ୍ରୀଡ଼ା ପ୍ରଶିକ୍ଷକ ନିଯୁକ୍ତି ନେଇ ବୈଠକ

ଝାରସୁଗୁଡ଼ା,(ସବ୍ୟୁ): ଜିଲ୍ଲାର ପିଏମ୍ ଶ୍ରୀ ବିଦ୍ୟାଳୟ ଗୁଡିକରେ କ୍ରୀଡ଼ା ପ୍ରଶିକ୍ଷକ ଓ ଯୋଗ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲା କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କ୍ରୀଡ଼ା କମିଟି ବୈଠକରେ କ୍ରୀଡ଼ା ପ୍ରଶିକ୍ଷକ ଓ ଯୋଗ ଶିକ୍ଷକ ନିଯୁକ୍ତି ବିଷୟରେ ଆଲୋଚନା ହୋଇଥିଲା । ସରକାରୀ ଗାଇଡଲାଇନ୍ ଅନୁଯାୟୀ କ୍ରୀଡ଼ା ପ୍ରଶିକ୍ଷକ ଓ ଯୋଗ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ଚହ୍ୱାଣ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଜୁନାଗଡ଼ ପେକ୍ସ ପକ୍ଷରୁ ଧାନ ମଣ୍ଡି ଉଦ୍‌ଘାଟିତ

ଜୁନାଗଡ଼(ସବ୍ୟୁ)କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆର୍.ଏମ୍.ସି ପରିସରରେ ଗୁରୁବାର ଜୁନାଗଡ଼ ପେକ୍ସ ଦ୍ୱାରା ଧାନ କ୍ରୟ ମଣ୍ଡି ଉଦ୍ ଘାଟିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ପେକ୍ସ ସଭାପତି ସୁଧାଂଶୁ ଶେଖର ବରାଡ଼ ଯୋଗଦାନ କରି ମଣ୍ଡିର ଉଦ୍ ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପେକ୍ସ ନିର୍ଦ୍ଦେଶକ ଅଜାମ୍ବିଳ ପୁଝାରି, ସନ୍ତୋଷ କୁମାର ସିଂହ ଦେଓ, ଏବଂ ଆର. ଏମ. ସି ସଦସ୍ୟ ଦୁର୍ଗା ପ୍ରସାଦ ନାଏକ, ଧାନ କ୍ରୟ କେନ୍ଦ୍ର ର ସଂଯୋଜକ ସୁଶ୍ରୀତା ରାଉତ , ଧାନ କ୍ରୟ ଅଧିକାରୀ ଯଦୁମଣି ଭାଟି ପ୍ରମୁଖ ଉପସ୍ଥିତ ଥିଲେ। କୃଷକମାନେ କିପରି ଭାବେ ସୁବିଧାରେ ଧାନ ବିକ୍ରୟ କରିପାରିବେ ସେ ସଂପର୍କରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନେ ସୂଚନା ଦେବା ସହ ପେକ୍ସ ପକ୍ଷରୁ ଆବଶ୍ୟକୀୟ ସହଯୋଗ ଦେବାକୁ ପ୍ରତିଶୃତି ଦିଆଯାଇଥିଲା ।

# ତୃତୀୟ ଦିବସରେ କୁଚବେହାର ଟ୍ରଫି କ୍ରିକେଟ ଓଡିଶା ବନାମ କର୍ଣ୍ଣାଟକ

ବଲାଙ୍ଗିର,(ସବ୍ୟୁ): ଓଡିଶା କ୍ରିକେଟ ଏସୋସିଏସନ ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଓଡିଶା ବନାମ କର୍ଣ୍ଣାଟକ ୪ ଦିବସୀୟ କୁଚ ବେହାର ଟ୍ରଫି କ୍ରିକେଟର ତୃତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ବୁଧବାରର ଅସାମପ୍ତ ସ୍କୋର ୩ ୱିକେଟ ବିନିମୟରେ ୪୧୨ ରନ୍ ରୁ ଆରମ୍ଭ କରି କର୍ଣ୍ଣାଟକ ଦଳ ସମୁଦାୟ ୪୬୯ ରନ୍ ୮ ୱିକେଟ ବିନିମୟରେ ସଂଗ୍ରହ କରି ତାର ପ୍ରଥମ ଇନିଂସ୍ ସମାପ୍ତି ଘୋଷଣା କରିଥିଲା । ଓଡିଶା ଦଳ ତରଫରୁ ପ୍ରୀୟାଂଶୁ ମହାନ୍ତି ୪ ଗୋଟି ଓ ସୟେଦ ଟଫେଲ ଅହମଦ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୨୯୯ ରନ୍ ର ପଛରେ ଥିବା ଓଡିଶା ଦଳ ୨ୟ ଇନିଂସ ରେ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୭ ୱିକେଟ ହରାଇ ୨୧୧ ରନ୍ ସଂଗ୍ରହ କରିଛି । କର୍ଣ୍ଣାଟକ ଦଳ ତରଫରୁ ସଫଳ ବୋଲର ଭାବରେ ରଥମ ବି.ଆର୍ ସର୍ବାଧିକ ୪ ଗୋଟି ୱିକେଟ ନେଇଥିଲେ । ଆସନ୍ତା କାଲି ୪ର୍ଥ ତଥା ଅନ୍ତିମ ଦିବସ ର ଖେଳ ସକାଳ ୯ଘଣ୍ଟାରୁ ଆରମ୍ଭ ହେବ ବୋଲି ସଂଘ ସୁତ୍ରରୁ ପ୍ରକାଶ । କ୍ରୀଡ଼ା ସଂସଦର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ ।

# ସମ୍ବଲପୁର ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ପିଡିଡିଆରଡିଏ ସମ୍ମିଳନୀ କକ୍ଷ ଠାରେ ସମ୍ବଲପୁର ଲୋକ ମହୋତ୍ସବ-୨୦୨୬ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଗତ ମହୋତ୍ସବ ଅପେକ୍ଷା ଚଳିତ ବର୍ଷ ଭଲ ଭାବେ ମହୋତ୍ସବ ପରିଚାଳନା କରିବାକୁ ବିଭିନ୍ନ କମିଟିର ଆବାହକ ଓ ସହ-ଆବାହକ ମାନଙ୍କୁ ଆହ୍ୱାନ ଦେଇଥିଲେ । ତୁରନ୍ତ ସାଂସ୍କୃତିକ ଦଳ ଚୂଡାନ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସଂଯୋଜକ ଦୀପକ କୁମାର ପଣ୍ଡା ସମସ୍ତଙ୍କୁ ଶୁଭେଚ୍ଛା ଓ ସ୍ୱାଗତ ଜଣାଇବା ସହ ପରସ୍ପର ମଧ୍ୟରେ ସମନ୍ୱୟ, ଶ୍ରଦ୍ଧା ଓ ସମ୍ମାନ ରଖି କାମ କଲେ ମହୋତ୍ସବ ସଫଳ ହେବ ବୋଲି କହିଥିଲେ । ଉପଦେଷ୍ଟା ମଣ୍ଡଳୀର ଫଣିଭୂଷଣ ମିଶ୍ର, ପ୍ରଫୁଲ୍ଲ ହୋତା, ମିଳନ ମହାରଣା, ସୁଧୀର ବହିଦାର ଓ ରାମଦାସ ପଣ୍ଡା ପ୍ରମୁଖ ମହୋତ୍ସବର ବିଭିନ୍ନ ଦିଗ ଓ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ନୋଡାଲ ଅଧିକାରୀ ତଥା ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ଯୋଗ ଦେଇ ତୁରନ୍ତ ଏକ ହ୍ୱାଟସ୍ ଆପ୍ ଗ୍ରୁପ କରିବା ସହ ସୂଚନା ଓ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ସାଂସ୍କୃତିକ ଅଧିକାରୀ ଅମୃତ ବେହେରା ବିଭିନ୍ନ ଉପସମିତି ଦାୟିତ୍ୱରେ ଥିବା ଅଧିକାରୀ ନାମ ଘୋଷଣା କରିଥିଲେ । ଆସନ୍ତା ୧୬ତାରିଖ ସୁଦ୍ଧା ବିଭିନ୍ନ ଉପସମିତି ଆବାହକ ମାନେ ରୂପରେଖ ପ୍ରସ୍ତୁତ କରିବା ସହ ଆବଶ୍ୟକ ବଜେଟ୍ ସମ୍ପର୍କରେ ଜଣାଇବାକୁ କହିଥିଲେ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଶୋକ ଭୋଇ ଓ ସୁଧାଂଶୁ ଭୋଇ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ ପାତ୍ର, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସମେତ ଲୋକ ମହୋତ୍ସବ-୨୦୨୬ର ବିଭିନ୍ନ ଉପସମିତିର ଆବାହକ ଓ ଉପ-ଆବାହକମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ । ସୂଚନାଯୋଗ୍ୟ, ଓଡିଶା ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ୨୮ତମ ଲୋକ ମହୋତ୍ସବ ଆୟୋଜିତ ହେବ । ଏହା ସ୍ଥାନୀୟ ପିଏଚ୍‌ଡି ପଡିଆ ଠାରେ ଜାନୁଆରୀ ୪ରୁ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ସ୍ଥିର କରାଯାଇଛି।

# କାଲାମ ଇଣ୍ଟରନ୍ୟାସନାଲ ସ୍କୁଲରେ ବିଜ୍ଞାନ ମେଳା



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ କାଲାମ ଇଣ୍ଟରନ୍ୟାସନାଲ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ସ୍କୁଲ ର ପ୍ରତିଷ୍ଠାତା ପୀତବାସ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏବିଇଓ ସୁବାସ ଚନ୍ଦ୍ର ମାଝୀ ଓ ସ୍ଥାନୀୟ ସରପଞ୍ଚ ତୁଷାରକାନ୍ତ କୁମ୍ଭିକା ଯୋଗ ଦେଇଥିଲେ। ବିଜ୍ଞାନ ମେଳାରେ ମୋଟ ୬୪ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଖୁବ ସୁନ୍ଦର ଭାବେ ପ୍ରକଳ୍ପ ଗୁଡିକ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ବୋରିଗୁମ୍ମାର ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଶୋକ କୁମାର ପଣ୍ଡା, ବାଣୀଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟାପିକା ଆକାଂକ୍ଷା ନାୟକ ଯୋଗ ଦେଇଥିଲେ। ମୋଟ ଛଅ ଗୋଟି ବିଷୟ ଉପରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଛଅ ଗୋଟି ବିଷୟରେ ଶ୍ରେଷ୍ଠ ଛଅ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଜ୍ଞାନ ମେଳାକୁ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଆସି ପ୍ରକଳ୍ପ ଗୁଡିକ ବୁଲି ଦେଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍କୁଲ ଅଧ୍ୟକ୍ଷା ଜୟଶ୍ରୀ ପରିଡା, ସମ୍ପାଦକ ମହେଶ ଛାଟୋଇ,ସମ୍ପାଦକ ପଦ୍ମଲୋଚନ ରାଉତ,କାଲାମ ସ୍କୁଲ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।


# ପାଣିରେ ଭିଜିଲା ଚାଷୀର ଧାନ



ସମ୍ବଲପୁର,(ସବ୍ୟୁ): ପାନୀୟ ଜଳ ଯୋଗାଣ ସଂସ୍ଥାର ଖାମଖିଆଲି ମନୋଭାବ ଯୋଗୁଁ ଜଣେ ଚାଷୀଙ୍କ ଧାନ ସମ୍ପୂର୍ଣ୍ଣ ଭାବେ ଭିଜି ନଷ୍ଟ ହୋଇଛି । ଏନେଇ ସଂପୃକ୍ତ ଚାଷୀ ଜଣକ ଧନୁପାଲି ଥାନା ଏବଂ ୱାଟକୋ ଅଫିସରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ ସଂପୃକ୍ତ ସଂସ୍ଥାର ଅଧିକାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଭତରା ହସ୍ପିଟାଲ ରୋଡ ନିକଟରେ କୁବେର ଭୁଲ୍ଲାଙ୍କ ଧାନ ଖଳା ରହିଛି । ସେ ଚଳିତବର୍ଷ ପ୍ରାୟ ୧୬ଏକର ଜମିରେ ଚାଷ କରିଥିଲେ । ଧାନ ଅମଳ କରି ଖଳାରେ ଶୁଖାଇବା ସହ କିଛି ବସ୍ତାରେ ମଧ୍ୟ ବାନ୍ଧି ରଖିଥିଲେ । ଟୋକନ ଆସିଥିବାରୁ ଆସନ୍ତା ୧୯ତାରିଖରେ ଧାନ ବିକ୍ରି କରିବାକୁ ମନସ୍ଥ କରିଥିଲେ । ତେବେ ୱାଟକୋ ଅଧିନରେ କାର୍ଯ୍ୟ କରୁଥିବା ଶିବଶକ୍ତି ଠିକା ସଂସ୍ଥା ଗତ ୧୦ତାରିଖରେ ଏହି ଅଞ୍ଚଳରେ ପାଣି ପାଇପ୍ ଚାବି ମରାମତି କରିଥିଲା । ତେବେ ସେଥିରୁ ପାଣି ଲିକେଜ୍ ହୋଇ ପାଖରେ ଥିବା କୁବେରଙ୍କ ଧାନଖଳା ପାଣିରେ ବୁଡି ରହିଥିଲା । ଆଣ୍ଠୁଏ ଆଣ୍ଠୁଏ ପାଣି ଜମିଥିବା ବେଳେ ଚାଷୀ ଜଣକ ଏହା ଦେଖି ଗୁରୁବାର ସକାଳେ ପାଣି ଭିତରୁ କିଛି ଧାନ ବସ୍ତା ଉଦ୍ଧାର କରିଥିଲେ । ପ୍ରାୟ ୭୦୦ବସ୍ତାର ଧାନ ଓଦା ହୋଇ ଯାଇଥିବା ବେଳେ ସେ ବେଶ ଚିନ୍ତାରେ ପଡି ଯାଇଛନ୍ତି । ତାଙ୍କର ପ୍ରାୟ ୧୦ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଛି । ଅଳକ୍ଷମ ସୁନାର ଫସଲ ଆଜି ଆଗରେ ନଷ୍ଟ ହେଉଥିବା ବେଳେ ବର୍ଷକର ପରିଶ୍ରମ ବୃଥା ହୋଇଛି । ଅନ୍ୟପଟେ ପାଣି ପାଇପ ମରାମତି କରୁଥିବା ଠିକା ସଂସ୍ଥା ନିଜ ମୁଣ୍ଡ ଉପରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛି । ଏଭଳିସ୍ଥଳେ କ୍ଷତିଗ୍ରସ୍ତ ଚାଷୀ ଜଣକ କିଭଳି ଧାନ ବିକ୍ରି କରି ତାର ଋଣ ସୁଝିବ ଓ ପରିବାର ପ୍ରତିପୋଷଣ କରିବ ସେ ନେଇ ଅନ୍ଧାରରେ ପଡି ଯାଇଛନ୍ତି । ଏଭଳିସ୍ଥଳେ ତାଙ୍କୁ କ୍ଷତିପୂରଣ ଦେବା ସହ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ବ୍ୟବସ୍ଥା କରାଗଲେ ସେ ଉପକୃତ ହେବେ ବୋଲି କହିଛନ୍ତି । ସମ୍ବଲପୁର ସହରରେ ପାନୀୟ ଜଳର ଘୋର ଅଭାବ ରହିଛି । ସହରର ପ୍ରତ୍ୟେକ ଅଞ୍ଚଳକୁ ପିଏଚ୍ଡି ପକ୍ଷରୁ ପାଣି ପହଞ୍ଚି ପାରୁନାହିଁ । କିନ୍ତୁ ଏଭଳି ଭାବେ ଅନେକ ସ୍ଥାନରେ ଅଯଥାରେ ପାଣି ନଷ୍ଟ ହେଉଛି । ଏହାକୁ ସଠିକ୍ ରୋକା ଗଲେ ପାନୀୟ ଜଳ ସମସ୍ୟାର ସୁଧାର ହୋଇ ପାରିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ଦାଦନ ଶ୍ରମିକଙ୍କୁ ହତ୍ୟା ଅଭିଯୋଗ : ନ୍ୟାୟ ଦାବିରେ ଲଖନା ଥାନା ଘେରାଉ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ପୁରୁଣା ଲଖନା ବାସିନ୍ଦା ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କୁ ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ ଝରିନି ଗ୍ରାମର ଦାଦନ ସର୍ଦ୍ଦାର ଅଭମାନ ଖାନ ଅନ୍ୟ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟାଇବାକୁ ନେବାର ଥିଲା । କିନ୍ତୁ ତାଙ୍କ ମୃତ ଦେହ କଣ୍ଟାବାଞ୍ଜି – ତୁରେକେଲା ମଝି ରେଳ ଲାଇନ ଧାରରେ ମିଳିଥିଲା । ଏହାର ପ୍ରତିବାଦରେ ଅନୁସୂଚିତ ଜାତି ଓ ଜନଜାତି ମିଳିତ ମଞ୍ଚ ପକ୍ଷରୁ ମୃତ୍ୟୁ ଦାଦନ ଶ୍ରମିକ ବାଞ୍ଛାନିଧି କୈବର୍ତ୍ତଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଓ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ ଦଣ୍ଡ ଦେବାକୁ ଦାବି କରି ଲଖନା ଥାନା ଘେରାଉ କରିଥିଲେ। ତୁରେକେଲା ବ୍ଲକ ଝିରନିର ଶ୍ରମିକ ଦଲାଲ ଅଭମାନ ଖାନର ସହଯୋଗୀ ଲଖନାର ରାଜୁ ସୁନାନୀ ଗତ ୩ ତାରିଖ ୩୦ ହଜାର ଟଙ୍କା ଅଗ୍ରିମ ଦେଇ ବାଞ୍ଛାନିଧିଙ୍କୁ ନେଇଥିଲା । କିନ୍ତୁ ୪ ତାରିଖ ନିଖୋଜ ହୋଇଯାଇଥିଲା । ୭ ତାରିଖ ତୁରେକେଲା ଥାନା ମହୁଲବାହାଲି ନିକଟରେ ଟ୍ରେନ ଧାରରେ ତାଙ୍କ ମୁଣ୍ଡ ଗଣ୍ଡି ଅଲଗା ପଡ଼ିଥିବା ଅବସ୍ଥାରେ ରେ ମିଳିଥିଲା ଶବକୁ କଣ୍ଟାବାଞ୍ଜି ରେଲୱେ ପୁଲିସ ଜବତ କରି ପରିବାରଙ୍କୁ ସୂଚନା ଦେଇଥିଲେ। । ଏହା ହତ୍ୟା ଘଟଣା ବୋଲି ପରିବାର ଲୋକେ ଅଭିଯୋଗ କରୁଛନ୍ତି ।



ପୁରୁଣା ଲଖନା ଗ୍ରାମବାସୀ, ଗରିବ ସେନା, ଆଦିବାସୀ ମହାସଂଘ ପକ୍ଷରୁ ହତ୍ୟା ଦାବି ନେଇ ଥାନା ଘେରାଉ କରାଯାଇଥିଲା ଦାଦନ ସର୍ଦ୍ଦାରକୁ ଆଇନ ଅନୁଯାୟୀ ଗିରଫ ଓ ତା ବିରୁଦ୍ଧରେ ମାମଲା ରୁଜୁ କରାଯାଉ ତଥା ମୃତ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ଦାବିରେ ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝୀ ଓ ଗରିବସେନା ସଭାପତି ରବି ମଙ୍ଗରାଜ, ମାନବାଧିକାର ସଂଯୋଜକ ଗଦାଧର ମାଝି, ଅର୍ଜୁନ ମାଝି ପ୍ରମୁଖ ନେତୃତ୍ୱରେ ଶତାଧିକ ପୁରୁଷ ମହିଳା ପୁରୁଣା ଲଖନା ଗ୍ରାମବାସୀ ପ୍ରାୟ ୧ ଘଣ୍ଟା କାଳ ଲଖନା ପୋଲିସ୍ ଷ୍ଟେସନ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣା ସ୍ଥଳରେ ନୂଆପଡା ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ ପହଞ୍ଚି ତଦନ୍ତ କରି ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନକାରୀ ଧାରଣାରୁ ଓହରିଥିଲେ । ଏ ଅବସର ରେ ଏସଡିପିଓ ଖିରେଶ୍ୱର ସାହୁ, ଲଖନା ଥାନା ଆଇଆଇସି ରଞ୍ଜନ କୁମାର୍ ନାୟକ, କୋମନା ଆଇଆଇସି ରଶ୍ମିତା ପ୍ରଧାନ,ଦୟାନିଧି ଦଳପତି ପ୍ରମୁଖ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନର୍ସିଂ କଲେଜ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସମଲେଶ୍ୱରୀ ନର୍ସିଂ କଲେଜର ଏକ ଛାତ୍ରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଯାଇଛି । ଖବର ପାଇ ସଦର ଥାନା ପୋଲିସ ମୃତଦେହକୁ ଜବତ କରିଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲା ବଡଭନ୍ଧୁ ଗ୍ରାମର ଲୋକେଶ ଟୁଡୁ(୨୩) ଆଇଟିଆଇ ଶିକ୍ଷା ଗ୍ରହଣ ପରେ କୌଣସି ନିଯୁକ୍ତି ନପାଇ ଘରେ ବସି ରହିଥିଲେ । ଚଳିତବର୍ଷ ସେ ସମଲେଶ୍ୱରୀ ନର୍ସିଂ କଲେଜରେ ନାମ ଲେଖାଇ ପାଠ ପଢୁଥିଲେ । ଗତ ୮ତାରିଖ ସକାଳେ ସେ କଲେଜ ପରିସରରୁ ନିଖୋଜ ହୋଇ ଯାଇଥିଲେ । ବହୁ ଖୋଜାଖୋଜି ପରେ ଛାତ୍ରଙ୍କ କୌଣସି ସନ୍ଧାନ ନମିଳିବାରୁ କଲେଜ କର୍ତ୍ତୃପକ୍ଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ସଂପୃକ୍ତ ଛାତ୍ରଙ୍କ ମୃତଦେହ କେନଘାଟି କ୍ରସର ରୋଡ ନିକଟ ଏକ ବିଲରୁ ଉଦ୍ଧାର କରାଯାଇଛି । ମୃତ ଶରୀରଟି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟରୁ ମିଳିଛି । ବିଦ୍ୟୁତ୍ ଆଘାତରୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି । ଏହା ଏକ ଆତ୍ମହତ୍ୟା ଘଟଣା ହୋଇଥିବା ବେଳେ କିଭଳି ଛାତ୍ର ଜଣକ କଲେଜରୁ ବାହାରକୁ ଆସି ଆତ୍ମହତ୍ୟା କଲେ ସେ ନେଇ ନାନାଦି ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଛି । ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଉପରୁ ପରଦା ହଟିବ ବୋଲି ଜଣାପଡିଛି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ଝାରସୁଗୁଡ଼ା,(ସବ୍ୟୁ) : ସ୍ଥାନୀୟ ମନମୋହନ ସ୍କୁଲ ଖେଳ ପଡିଆ ଠାରେ ଗତ ଡିସେମ୍ବର ୭ ତାରିଖରୁ ଆରମ୍ଭ ହୋଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା–୨୦୨୫ ଉଦଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀ ମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରିବା ସାଙ୍ଗକୁ ଆଧୁନିକ କୃଷି ଯନ୍ତ୍ରପାତିର ବ୍ୟବହାର ସହ ମିଶ୍ରିତ ଫସଲର ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ୍ ଉପଯୋଗ ଓ ପରିଚାଳନା, ଉନ୍ନତ ମାନର ଯାନ୍ତ୍ରିକ କରଣ ସୁବିଧା ଓ ସୁଯୋଗ ନେବା ଉପସ୍ଥିତ ଚାଷୀଙ୍କୁ ପାଇଁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର, ଝାରସୁଗୁଡା ମୁଖ୍ୟ ସମୀର ରଞ୍ଜନ ଦାସ ଯୋଗଦେଇ ଦିନକୁ ଦିନ ଚାଷ ଜମିର ପରିମାଣ ସୀମିତ ହେଉଥିବା ବେଳେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ଉଚିତ ବଜାର ସଂଯୋଗୀକରଣ ମାଧମରେ ଚାଷୀ ମାନେ ନିଜ ଆୟକୁ ବହୁଗୁଣିତ କରିବାକୁ ପରାମର୍ଶ ଦେଇଥିଲେ ।

କୃଷି ଯନ୍ତ୍ରପାତି ମେଳାରେ ୧୫ ଟି ଷ୍ଟଲ୍ ଖୋଲା ଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ସହିତ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ପ୍ରଦାନ କରାଯାଇଥିଲା । କୃଷି ଏବଂ ଆନୁସଙ୍ଗିକ ବିଭାଗ ତଥା ପଶୁପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତ୍ୟେକ ବ୍ଲକର ଜଣେ ଲେଖାଏଁ ଚାଷୀଙ୍କୁ ଏହି ସମ୍ମାନିତ କରାଯାଇଥିଲା । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବ୍ଲକ କୃଷି ଅଧିକାରୀ ଅମ୍ରିତ ଲୁଗୁନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡକାୟତିକୁ ଉଦ୍ୟମକୁ ପଣ୍ଡ କଲା ପୋଲିସ

ରାଜଗଙ୍ଗପୁର,(ସବ୍ୟୁ): ପୋଲିସ ୧୦ ତାରିଖ ରାତିରେ ପାଳି ଦାୟିତ୍ୱ କାଳୀନ ସମୟରେ ଲିପ୍ଲୋଇ ଅସ୍ଥାୟୀ ବିସର୍ଜନ ପୋଖରୀ ନିକଟରେ ପ୍ରାୟୋଜିତ ଡକାୟିତି ଯୋଜନାକୁ ବଞ୍ଚାଇବାରେ ସଫଳ ହୋଇଛନ୍ତି। ବିଶ୍ୱସନୀୟ ସୂଚନା ଆଧାରରେ, ପୋଲିସ ଦଳକୁ ଦେଖି ପଳାଇବାକୁ ଚେଷ୍ଟା କରୁଥିବା ପାଖ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ସମୟରେ, ସ୍ୱତନ୍ତ୍ର ସାକ୍ଷୀମାନଙ୍କ ସମ୍ମୁଖରେ ଏକ ଦେଶୀ ତିଆରି ଗୁଳି ବାନ୍ଧୁକ, ଛୁରୀ, ଲୋହାର ରଡ୍, ମୋବାଇଲ ଫୋନ, ମାସ୍କ, ମାଚିସ୍ ବକ୍ସ, ଅଧ ଜଳିଥିବା ସିଗାରେଟ୍ ଏବଂ ଲଙ୍କାଗୁଣ୍ଡ ପ୍ୟାକେଟ୍ ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତିମାନେ ସଜ୍ଜନ ଜି ପେଟ୍ରୋଲ ପମ୍ପରେ ଡକାୟିତି କରିବା ପାଇଁ ଏକତ୍ରିତ ହୋଇଥିବା କଥା ସ୍ୱୀକାର କରିଛନ୍ତି। ଏନେଇ ରାଜଗଙ୍ଗପୁର ପୋଲିସ ଷ୍ଟେସନ କେସ ନଂ–୬୫୬, ତା. ୧୧.୧୨.୨୦୨୫, ଧାରା ୩୧୦(୪)/୩୧୦(୫) ଅନୁଆୟୀ ମାମଲା ରୁଜୁ ହୋଇଥିବା ଜଣା ପଡିଛି ।

## ତରଭା ମାହେଶ୍ୱରୀ କ୍ରିକେଟ
## ସେମିରେ ମୁରସିଂହ ଦଳ

ତରଭା,(ସବ୍ୟୁ): ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଙ୍ଗଠନ ତରଫରୁ ପାଞ୍ଚ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ଦିବସର ଖେଳରେ ପ୍ରଥମ ମ୍ୟାଚ୍ ହେପି ୧୧ ଓ ସାଣ୍ଡ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା । ହେପି ୧୧ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ମୁରସିଂ ବିଜୟୀ ହୋଇ ସେମିଫାଇନାଲ କୁ ପ୍ରବେଶ କରିଥିଲା । ଏ ଉପଲକ୍ଷେ ସଙ୍ଗଠନର ସଭାପତି ପ୍ରଦୀପ ମେହେରଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଶିକ୍ଷା ନିରୀକ୍ଷକ ଦୁର୍ଯ୍ୟୋଧନ ରାଉତ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ । ମହେଶ ଆଚାରି ଓ ମାନଭଞ୍ଜନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦ୍ୱିତୀୟ ଦିବସର ଖେଳକୁ ଉଦଘାଟନ ସହ ଖେଳାଳଙ୍କ ସହ ପରିଚିତ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆଗାମୀ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଜାତୀୟ ମାତୃଭାଷା ଦିବସ ପାଳିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦେବେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗର ଅଧ୍ୟାପକ ଡ. ଶ୍ରୀବନ୍ତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେ ଏହି ଅବସରରେ କହିଥିଲେ ଯେ, ମାତୃଭାଷା ବିନା ସମସ୍ତ ଭାଷା ମୂଲ୍ୟହୀନ ଅଟେ । ନିହାରିକା ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ମାତୃଭାଷା ଆମ ପାଇଁ କେତେ ମୂଲ୍ୟବାନ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ମହାପାତ୍ର ଅତିଥି ପରିଚୟ ଓ ମଳୟା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକ ମାଟ୍ରିକ ଛାତ୍ର ବୃତ୍ତି ଓ ମାଟ୍ରିକ ପରବର୍ତ୍ତୀ ଛାତ୍ର ବୃତ୍ତି ଉପରେ ଆଲୋଚନା

ବୌଦ୍ଧ,(ସବ୍ୟୁ): ବୌଦ୍ଧ ସଦରମହକୁମା ସ୍ଥିତ ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଓ ମାଟ୍ରିକ ପରବର୍ତୀ ଛାତ୍ରବୃତ୍ତି ବିଷୟରେ ଆଲୋଚନା ହୋଇଥିଲା । ଏଥିରେ ଜିଲ୍ଲା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସୌମ ରଞ୍ଜନ ରାୟ ସଭାପତିତ୍ୱ କରିଥିଲେ । ଜିଲ୍ଲାର ଛାତ୍ରଛାତ୍ରୀ ମାନେ ଛାତ୍ରବୃତ୍ତି ପାଇବା ପାଇଁ ବୌଦ୍ଧର କଲେଜର ସମସ୍ତ ଅଧାପକ, ଉଚ୍ଚ ବିଦ୍ୟାଳୟର ସମସ୍ତ ପ୍ରଧାନ ଶିକ୍ଷକ ମାନଙ୍କୁ ଛାତ୍ରବୃତ୍ତି ପାଇବା ପାଇଁ ଶତ ପ୍ରତିଶତ କରିବା ପାଇଁ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ ଓ ଆଗାମୀ ଦିନରେ ଆମ ବୌଦ୍ଧ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ ମାନେ ଛାତ୍ରବୃତ୍ତିରୁ କେହି ଯେମିତି ବଂଚିତ ହେବେ ନାହିଁ ବୋଲି ପ୍ରକାଶ କରିଥିଲେ । ଜିଲ୍ଲା ସଂଯୋଜକ ନିରଞ୍ଜନ ବାଘ, ବାପୁନ କୁମାର ସାହୁ, ବିରେନ କୁମାର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ମାନବ ଅଧିକାର ଦିବସ ପାଳିତ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ପଂଚାୟତ ମହାବିଦ୍ୟାଳୟ ଠାରେ ମାନବ ଅଧିକାର ଦିବସ ପାଳନ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ର ଅଧକ୍ଷ ପ୍ରତାପ କୁମାର ପାତ୍ରଙ୍କଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ । ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅଖିଲ କୁମାର ପଶ୍ଚିମକବାଟ, ମୁଖ୍ୟ ଦଣ୍ଡାଧିଶକାରୀ ନିରଂଜନ ପାତ୍ର, ଦେୱାନୀ କୋର୍ଟ ରେଜିଷ୍ଟ୍ରାର ଜୟ ପ୍ରକାଶ ନାଏକ, ବରିଷ୍ଠ ଦେୱାନୀ ବିଚାରପତି ଅନୂଶୀଳା ରୋୟ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନନ୍ଦା ସାହୁ ଉପଖଣ୍ଡିୟ ବିଚାର ବିଭାଗୀୟ ବିଚାରପତି ନିରଞ୍ଜନ ପାତ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୁସ୍ମିତା ପ୍ରୀୟଦର୍ଶିନୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ନିରାଳି ସାମନ୍ତରାୟ, ଉପସ୍ଥିତ ଥିଲେ। ଏହା ସହ ବରିଷ୍ଠ ଓକିଲ ନବ କୁମାର ମିଶ୍ର, ତାରେଣୀ ମହାପାତ୍ର, ଧୁରୀଣ କୁମାର ଦେହୁରୀ, ସାନ୍ତନୁ ମହାପାତ୍ର,ବୌଦ୍ଧ ପଂଚାୟତ କଲେଜର ବରିଷ୍ଠ ଅଧ୍ୟାପକ ମୁକ୍ତି ସାହୁ ଜିଲ୍ଲା ପୁଲିସ ବିଭାଗର ଅଧିକାରୀ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ହାତୀ ସୁରକ୍ଷା ସମ୍ପର୍କିତ ସଚେତନତା ଶିବିର
# ପ୍ରକୃତିର ସୁରକ୍ଷା ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ

ଖପ୍ରାଖୋଲ,(ସବ୍ୟୁ):ଖପ୍ରାଖୋଲ ବ୍ଲକ ସାହାଜପଣି ପଞ୍ଚାୟତ ବାଘଡ଼ିଆ ଗାଁ ରେ ଫୁଲକିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ହାତୀ ସୁରକ୍ଷା ସଂପର୍କିତ ସଚେତନତା ଶିବିର ଗୁରୁବାର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ବେହେରାଙ୍କ ଅଧକ୍ଷତା ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ମୁଖ୍ୟ ବକ୍ତା ରୂପେ ଏସି ଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ସମ୍ମାନୀତ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ ମାଝୀ, ତେଲେନପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାଶ,ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦ, ବେନ୍ଦେର ବନପାଳ ତପି ରାମ କୁମ୍ଭାର, ପରିବେଶ କର୍ମୀ ଡ: ଅଭୟ ତ୍ରିପାଠୀ, ସୁଧାକର ଦାଶ ଯୋଗଦେଇଥିଲେ। ଏହି ଅବସରରେ ହାତୀ ର ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ପ୍ରଦାନ ସହିତ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ କରିବାକୁ କହିଥିଲେ। ଏହି ଅବସରରେ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟତ୍ରୀ, ବନବିଭାଗ କର୍ମଚାରୀ,ଏସ ଏଚ ଜି ମହିଳା, ଗ୍ରାମ ବାସୀ ଉପସ୍ଥିତ ଥିଲେ। ଶିକ୍ଷକ ଗୋପି କୃଷ୍ଣ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ ଧକ୍କାରେ ମୃତ୍ୟୁ ଘଟଣା
# ଥାନା ଆଗରେ ଧାରଣା ପରେ ଅଭିଯୁକ୍ତ ଗିରଫ




କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ଡାଲଗୁମା ଗ୍ରାମର ଜଣେ ଚାଷୀ ଅଶୋକ ଚଣ୍ଡି ଓ ତାଙ୍କ ସମ୍ପର୍କୀୟ କାକା ନରସିଂହ ଚଣ୍ଡି ଗତ ୩ ତାରିଖ ସନ୍ଧ୍ୟାରେ ଫୁଟବଲ ପଡିଆ ନିକଟରେ ଥିବା ତାଙ୍କ ଖଳା ନିକଟରେ ନିଆଁ ପୋଉଥିବା ବେଳେ ସେହି ଗ୍ରାମର ଯୁବକ ରାହୁଲ ଧରୁଆ ଏକ ବାଇକରେ ଦ୍ରୁତ ଗତିରେ ଆସି ଉଭୟଙ୍କୁ ଧକ୍କା ଦେଇଥିଲା। ଏହି ଘଟଣାରେ ଗୁରୁତର ଅଶୋକ ଚିକିତ୍ସାଧୀନ ଅବସ୍ଥାରେ ଭବାନୀପାଟଣା ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାର ପକ୍ଷରୁ କୋକସରା ପୁଲିସକୁ ଏନେଇ ଲିଖିତ ଅଭିଯୋଗ ପରେ କୋକସରା ପୋଲିସ ୪ ତାରିଖ ପହଞ୍ଚି ବାଇକ ଜବତ କରି ଅଭିଯୁକ୍ତ ରାହୁଲ ଧରୁଆକୁ ଗିରଫ କରି ଥାନାରେ ବେଲ ବଣ୍ଡରେ ଛାଡି ଦେଇଥିଲେ। ଏହି ଘଟଣାକୁ ନେଇ ମୃତକଙ୍କ ଦୁଇ ପୁଅ ସମେତ ପରିବାର ଓ ସଂପର୍କୀୟମାନେ ପୁଲିସର କାର୍ଯ୍ୟାନୁଷ୍ଠାନରେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ମଧ୍ୟାହ୍ନରୁ ଥାନା ସମ୍ମୁଖରେ ଧାରଣା ଦେବାସହ ଅଭିଯୁକ୍ତକୁ ଗିରଫ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ଘଟଣା ପରେ କୋକସରା ପୋଲିସ ପକ୍ଷରୁ ଦୁର୍ଘଟଣା ଘଟାଇଥିବା ଯୁବକକୁ ପୁଣିଥରେ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଯୁବକ କୋର୍ଟ ଚାଲାଣ ପରେ ପରିବାର ଲୋକେ ଧାରଣାରୁ ଓହରିଥିବା ସୂଚନା ମିଳିଛି ।

## ଶାନ୍ତିଲତା ନାୟକଙ୍କ ପରଲୋକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଲାଡ ଗ୍ରାମର ଶାନ୍ତିଲତା ନାୟକ(୭୨)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ଧାର୍ମିକ, ପରୋପକାରୀ, ମିଷ୍ଟଭାଷୀ ମହିଳା ଥିଲେ । କୁଚିଣ୍ଡା ଅଞ୍ଚଳର ବିଭିନ୍ନ ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ସହ ପ୍ରତ୍ୟକ୍ଷ ଜଡିତ ରହିଥିଲେ । ଗତ କିଛି ଦିନ ହେବ ହୃଦ୍‌ଜନିତ ରୋଗରେ ପୀଡିତ ହୋଇ କଟକରେ ଚିକିତ୍ସାଧିନ ଥିବାବେଳେ ତାଙ୍କର ଗୁରୁବାର ଅପରାହ୍ଣ ୧ଟାରେ ପରଲୋକ ଘଟିଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ମରଶରୀର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ମୃତ୍ୟୁ ଶର୍ଯ୍ୟା ନିକଟରେ ସ୍ୱାମୀ ହରିପ୍ରସାଦ ନାୟକ, ୫ଝିଅ, ଜ୍ୱାଇଁ, ନାତିନାତୁଣୀ ଓ ଜ୍ଞାତିକୁଟୁମ୍ବ ଉପସ୍ଥିତ ଥିଲେ । ହରିପ୍ରସାଦ ସେହି ଅଞ୍ଚଳର ଜଣେ ବଡ ଚାଷୀ ସହ ପ୍ରତିଷ୍ଠିତ ବ୍ୟକ୍ତି ଅଟନ୍ତି ।

## ବୌଦ୍ଧ ଧନୁଯାତ୍ରାର ଦ୍ୱିତୀୟ ସନ୍ଧ୍ୟା
# ପରିବେଷିତ ହେଲା ନାଟକ ସନ୍ଥବାମୀ ଯୁଗେ ଯୁଗେ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଗତ ମଙ୍ଗଳବାର ଠାରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟ୍ୟୋତ୍ସବର ଗୁରୁବାର ଦିନ ଥିଲା ଦ୍ୱିତୀୟ ସନ୍ଧ୍ୟା । ସ୍ଥାନୀୟ କଳାକାରଙ୍କୁ ନେଇ ନାଟକ ଆରମ୍ଭ ପୂର୍ବରୁ ଏକ ନୃତ୍ୟ ନାଟିକା ପୁନର ମିଳନ ପରିବେଷିତ ହୋଇଥିଲା । ଦ୍ୱିତୀୟ ସନ୍ଧ୍ୟାରେ ନାଟକ ପରିବେଷଣ ହୋଇଥିଲା ସନ୍ଥବାସୀ ଯୁଗେ ଯୁଗେ ।ଏହି ନାଟକରେ ବଳରାମ ଜନ୍ମ ଠାରୁ ଆରମ୍ଭ ହୋଇ କୃଷ୍ଣ ଜନ୍ମ , ନନ୍ଦ ଉତ୍ସବ, ପୁତନା ବଧ ସହ କୃଷ୍ଣଙ୍କ ଅନ୍ନପ୍ରାସନ ସହ ଶକଟାଶୁର ବଧ ପର୍ଯ୍ୟନ୍ତ ପରିବେଷିତ ହୋଇଥିଲା । ଏହି ନାଟ୍ୟୋତ୍ସବରେ ସମସ୍ତ ନାଟକ ଗୁଡିକ ବୌଦ୍ଧ ଜିଲ୍ଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଓ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା



ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି । ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗା ମାନଙ୍କରେ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ନାଟକରେ କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର,ଦେବକୀ ହରିଶଙ୍କର ମେହେର, ଉଗ୍ରେସନ ରୁଦ୍ରଭାନୁ ଭୋଇ, ପୁତନା ବିଶ୍ୱରଞ୍ଜନ ସାହୁ, କୃଷ୍ଣ ଭୂମିକାରେ କ୍ରିଷ୍ଣା ମେହେର ଅଭିନୟ କରିଥିଲେ । ଶୀତୁଆ ସନ୍ଧ୍ୟାରେ ନାଟକ ଦେଖିବା ପାଇ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି । ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର ଓ ସଂପାଦକ ପଙ୍କଜ ମେହେରଙ୍କଓ ନାଟ୍ୟ ପରିଷଦର ସମସ୍ତ ସଦସ୍ୟ ତତ୍ତ୍ୱବଧାନରେ ଏହି ଯାତ୍ରା ପରିଚାଳନା ହେଉଅଛି । ତୃତୀୟ ରଜନୀରେ ନାଟକ ମଥୁରାର କଳଚାନ୍ଦ ଗୋପରେ ବଢୁଛି ମଞ୍ଚସ୍ଥ ହେବ ବୋଲି ଅନୁଷ୍ଠାନର ସଂପାଦକ ପଙ୍କଜ ମେହେର ପ୍ରକାଶ କରିଅଛନ୍ତି ।

## ପଦ୍ମପୁର ଲୋକ ମହୋତ୍ସବ ସାଂସ୍କୃତିକ ପର୍ବ
# ଦ୍ୱିତୀୟ ଦିନରେ ଦୁଲକିଲା ମଞ୍ଚ

ପଦ୍ମପୁର,(ସବ୍ୟୁ): ସ୍ଥାନୀୟ ଅଶୋକ ଖେଳ ପଡିଆ ଠାରେ ଟାଉନ କ୍ଲବ, ପଦ୍ମପୁର ଦ୍ୱାରା ଆୟୋଜିତ ପଞ୍ଚମ ପଦ୍ମପୁର ଲୋକ ମହୋତ୍ସବ ଆଜି ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମପୁର ଉପ–ଜିଲ୍ଲାପାଳ ସ୍ନେହା ଅରୋଗୁଳା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାଣ୍ଡ ଶବର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଦ୍ମପୁର ଭାରପ୍ରାପ୍ତ ଥାନା ଅଧିକାରୀ ମମତା ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଧିବଦ୍ଧ ଭାବରେ ଲୋକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାର ସାଂସ୍କୃତିକ ପର୍ବକୁ ଶୁଭାରମ୍ଭ କରିଛନ୍ତି। ତେବେ କଳା ଓ ସଂସ୍କୃତିର ଏହି ଅଞ୍ଚଳରେ ସାଂସ୍କୃତିକ କଳାର ଆଦାନ ପ୍ରଦାନ ପାଇଁ ଏପରି ଏକ ମହାକୁମ୍ଭର ଆୟୋଜିତ ହେବା ବହୁତ ସୁନ୍ଦର ପ୍ରୟାସ ବୋଲି ଅତିଥି ମାନେ କହିଥିଲେ । ଆଗକୁ ଏହି ମହୋତ୍ସବ ଆହୁରି ବିକଶିତ ଆଉ ବିଶାଳ ହେଉ ବୋଲି ଶୁଭେଚ୍ଛା ଦେଇଥିଲେ। କ୍ଲବର ସଭାପତି ପ୍ରିତେଶ କୁମାର ବହିଦାର ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଆବାହକ ଅଶୋକ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ସମସ୍ତ ଅତିଥି ମା ସମଲେଶ୍ୱରୀ ଓ ବାବା ନୃସିଂହନାଥ ଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଦୀପ ପ୍ରଜ୍ୱଳନ କରିଥିବା ବେଳେ କଣ୍ଠଶିଳ୍ପୀ ପ୍ରତ୍ୟୁଷ ମିଶ୍ର ଓ ସୁପ୍ରିୟା ଶର୍ମା ପ୍ରଥମେ ଏକ ଲୋକ ଗୀତରୁ ସନ୍ଧ୍ୟା ଆରମ୍ଭ କରିଥିଲେ। ସୁଶ୍ରୀ ପ୍ରତିକ୍ଷା ଓ ଗଣେଶ ମେହେର ଏବଂ ପ୍ରାଚୀ ପାଣିଗ୍ରାହୀ ଓ ମନିଷ ରଥ ମଞ୍ଚ ଉଦଘୋଷକ ଦାୟିତ୍ୱ ତୁଲାଇ ଥିବା ବେଳେ ପଦ୍ମପୁର ସଙ୍ଗୀତ ସମିତିର କଳାକାର ମାନଙ୍କ ଦ୍ୱାରା ରମେଶ



ଗୁର୍ଲ୍ଲାଙ୍କ ତତ୍ତ୍ୱାବଧାନରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ରାଜେଶ ଗୁର୍ଲ୍ଲାଙ୍କ ସଂଯୋଜନାରେ ସଙ୍ଗୀତ ସମିତିର କଳାକାର ମାନଙ୍କ ଦ୍ୱାରା ବାଦ୍ୟ ସଂଚାଳନ ହୋଇଥିଲା।

ପଦ୍ମପୁର କନ୍ୟାଶ୍ରାମର ଲୋକ ନୃତ୍ୟ, ୱାଇନର ଶିକ୍ଷାନୁଷ୍ଠାନର କାନ୍ତରା ନୃତ୍ୟ, ନବପ୍ରଭାତ ଆଶ୍ରମର ଲୋକ ନୃତ୍ୟ, ମହୁଲପାଲି ର ଘୁଡକା ନାଚ, ଭେଡେନ ଛୁମକୁ ଚୁମା କଳା ପରିଷଦର ଲୋକ ନୃତ୍ୟ ପ୍ରଦର୍ଶିତ ହୋଇଥିବା ବେଳେ କୁନି କୁନି ପିଲା ଙ୍କୁ ନେଇ ଏକ ସମ୍ବଲପୁରୀ ଫେସନ ଶୋ କାର୍ଯ୍ୟକ୍ରମ ପରିବେଷଣ ସହ ବୋଉଳି କଳା ପରିଷଦ ବୌଦ୍ଧ, ପାଇକ ଆଖଡ଼ା, ଖୋର୍ଦ୍ଧା ନିଜର କଳା ମାଧ୍ୟମ ରେ ଦର୍ଶକଙ୍କୁ ବେଶ ମୁଗ୍ଧ କରିଥିଲା। ତେବେ ଜିତେନ୍ଦ୍ରିୟ ଗୁରୁଙ୍କୁ ସାହିତ୍ୟ ସାଧନାରେ ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସେହିପରି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ରଙ୍ଗୋଲି ଓ ଝୋଟି ପ୍ରତିଯୋଗିତା ମାନଙ୍କରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ ସହ ବିଚାରକ ଦାୟିତ୍ୱ ତୁଲାଇ ଥିବା ମିତାଲି ସିଂ, ଦୁର୍ଗାଶିଷ ପଟ୍ଟନାୟକ ଓ ସରିତା ଦୋରାଙ୍କୁ ସମ୍ମାନିତ କରାଯାଇଥିଲା । ତେବେ ଉପସ୍ଥିତ ସମସ୍ତ ଦର୍ଶକଙ୍କ ସହ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ମାନଙ୍କୁ ମହୋତ୍ସବ ପର୍ବରେ ଯୋଡି ହୋଇଥିବା ପାଇଁ କ୍ଲବର ସମ୍ପାଦକ ଇଂ କୁନାଲ ପାଣିଗ୍ରାହୀ କୃତଜ୍ଞତା ଓ ଧନ୍ୟବାଦ ଜଣାଇ ଥିଲେ।

### ଅର୍ଜ୍ଜୁନ-ବିଷାଦଯୋଗଃ

ଅର୍ଜ୍ଜୁନ ଉବାଚ

**ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।**
**ଅପି ତ୍ରୈ ଲୋକ୍ୟରାଜସ୍ୟ ହେତୋଃ କିନ୍ନୁ ମହୀକୃତେ ।। ୩୫।।**

ହେ ମଧୁସୂଦନ ! ଘ୍ନତଃ (ଅସ୍ମାନ୍ ମାରୟତଃ) ଅପି ଏତାନ୍ ତ୍ରୈଲୋକ୍ୟରାଜସ୍ୟ ଅପି ହେତୋଃ (ପ୍ରାପ୍ତ୍ୟର୍ଥଂ) ହନ୍ତୁଂ ନ ଗଚ୍ଛାମି, ମହୀକୃତେ (ପୃଥିବୀ ନିମିତ୍ତଂ) କିଂ ନୁ ? ।। ୩୫ ।।

**(ଶ୍ରୀମଦ୍‌ଭଗବଦ୍ ଗୀତା ୧/୩୫)**

# ରାଜ୍ୟ ଶାସନର ଦେଢ଼ ବର୍ଷ ମାତ୍ର

**ରା**ଜ୍ୟରେ ଗତ ବର୍ଷ ଜୁନ୍ ୧୨ ତାରିଖରେ ନୂତନ ବିଜେପି ସରକାର କ୍ଷମତାସୀନ ହୋଇଥିଲା । ଚଳିତ ଡିସେମ୍ବର ୧୨(୨୦୨୫)ରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଦେଢ଼ ବର୍ଷ ଅତିକ୍ରମ କରିବାକୁ ଯାଉଛି । ପାଞ୍ଚ ବର୍ଷ ମଧ୍ୟରୁ ଦେଢ଼ ବର୍ଷ ବା ବର୍ଷେ ଛଅ ମାସର ଶାସନକୁ ରାସ୍ତାକୁ ଆଣି ଆଗେଇ ନେବା ଏକ ପ୍ରକାର ଦୂରୁହ କାର୍ଯ୍ୟ ବୋଲି ମନେ ହୋଇଥାଏ । ସରକାରୀ କଳ ବିଷୟରେ ଜ୍ଞାନ ହାସଲ କରି ଅନୁଧ୍ୟାନ କରାଯିବ । ତା'ପରେ ଯାଇ କାର୍ଯ୍ୟାରମ୍ଭ ହେବ । ତେଣୁ ଭଲ ଭାବରେ ରାଜ୍ୟର ହିତ ଦୃଷ୍ଟିରୁ କୌଣସି କାର୍ଯ୍ୟ ଆରମ୍ଭ କରି ଶେଷ କରିବାକୁ ପାଞ୍ଚ ବର୍ଷର ସମୟ ଯଥେଷ୍ଟ ନୁହେଁ, ବରଂ ଏଥିପାଇଁ ଅନ୍ତତଃ ଆଉ ପାଞ୍ଚ ବର୍ଷ ଅର୍ଥାତ୍ ଦଶ ବର୍ଷ ସମୟ ଲାଗିପାରେ । ମାତ୍ର ରାମରାଜ୍ୟର ପରିକଳ୍ପନା କରାଗଲେ ତତୋଧିକ ସମୟ ହିଁ ଆବଶ୍ୟକ ବୋଲି ବିଚାର କରିବାକୁ ହେବ । ବିଭିନ୍ନ ରାଜ୍ୟକୁ ନେଇ ଗଠିତ ଭାରତ ପରି ଏକ ଉପ ମହାଦେଶ, ଯେଉଁଠି ବିଭିନ୍ନ ଭାଷା, ସଂସ୍କୃତି ଓ ଜୀବନଯାପନ ପ୍ରଣାଳୀ ଭିନ୍ନ ଭିନ୍ନ, ସେଠାରେ କୌଣସି ଏକ ରାଜନୀତିକ ଦଳ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ କ୍ଷମତାସୀନ ହୋଇ ଶାସନ କରିବା ଆୟସସାଧ୍ୟ । ଭାରତରେ ଗାନ୍ଧିଜୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ଇଂରେଜମାନଙ୍କ ବିରୋଧରେ ଅହିଂସା ଆନ୍ଦୋଳନ ଚଳାଇ ଭାରତକୁ ସ୍ୱାଧୀନ କେବଳ କରି ନଥିଲେ, ସମଗ୍ର ବିଶ୍ୱରେ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ମଧ୍ୟ ସୃଷ୍ଟି କରିଥିଲେ । କିନ୍ତୁ ସ୍ୱାଧୀନତା ଲାଭ ପରେ କଂଗ୍ରେସ ଏକ ରାଜନୀତିକ ଦଳ ଭାବେ ପ୍ରତ୍ୟକ୍ଷ ରାଜନୀତିରେ ଭୋଟ ପାଇଁ ପ୍ରତିଦ୍ୱନ୍ଦ୍ୱିତା ନ କରୁ ବୋଲି ଗାନ୍ଧିଜୀ ଚାହିଁଥିଲେ । ସେ ଚାହିଁଥିଲେ ଯେ, ସ୍ୱାଧୀନତା ପରେ କଂଗ୍ରେସ ଏକ ସେବାଦଳ ଭାବେ କାର୍ଯ୍ୟ କରୁ । କଂଗ୍ରେସ ଏକ ସେବାଦଳ ଭାବେ କାର୍ଯ୍ୟ ନ କରି ବରଂ ଏକ ରାଜନୀତିକ ଦଳ ଭାବେ କାର୍ଯ୍ୟ କରି ଆସିଥିଲା । ଜାତିର ପିତା ଗାନ୍ଧିଜୀଙ୍କ କଥାକୁ କେହି ଶୁଣୁ ନଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ବରଂ ଏକ ସେବା ଦଳ ପରି ଆଜି ପର୍ଯ୍ୟନ୍ତ କାର୍ଯ୍ୟ କରିଆସୁଛି ।

କଂଗ୍ରେସ ଦଳ ସ୍ୱାଧୀନ ଭାରତରେ ପ୍ରାୟ ୫୪ ବର୍ଷ ପର୍ଯ୍ୟନ୍ତ କ୍ଷମତାସୀନ ହୋଇଥିଲା । ସେହି ପ୍ରଭାବରୁ ଓଡ଼ିଶାରେ ମଧ୍ୟ କଂଗ୍ରେସ ଦଳ ୩୦ ବର୍ଷ କାଳ କ୍ଷମତାସୀନ ହୋଇ ଆପଣାର ଆଧିପତ୍ୟ ଜାରି ରଖିଥିଲା । ଷାଠିଏ ଦଶକରେ କଂଗ୍ରେସ ଦଳର ଆଧିପତ୍ୟ ଉପରେ ଅଙ୍କୁଶ ଲାଗିଥିଲା ଏବଂ ଅନ୍ୟାନ୍ୟ ରାଜନୀତିକ ଦଳ ସମେତ ଆଞ୍ଚଳିକ ଦଳଗୁଡ଼ିକ କ୍ରମଶଃ ପ୍ରଭାବ ବିସ୍ତାର କରିଥିଲେ । ଓଡ଼ିଶାରେ ମଧ୍ୟ ସେହିପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ୧୯୬୭ରୁ ସର୍ବାଧିକ ଚାରିବର୍ଷ କାଳ ସ୍ୱତନ୍ତ୍ର ଓ ଜନ କଂଗ୍ରେସ ଦଳର ମିଳିତ ସରକାର ଚାଲିଥିଲା । ପ୍ରାକ୍ ସ୍ୱାଧୀନତା କାଳରେ ଆରମ୍ଭରୁ ଓଡ଼ିଶାରେ ୧୯୩୭ରେ କୃଷ୍ଣଚନ୍ଦ୍ର ଗଜପତି (ପାରଳା ମହାରାଜା)ଙ୍କ ନେତୃତ୍ୱରେ ପ୍ରଥମ ଅଣକଂଗ୍ରେସ ମିଳିତ ସରକାର ଗଠିତ ହୋଇଥିଲା । ପରେ ମଧ୍ୟ ଓଡ଼ିଶାରେ ବିଭିନ୍ନ ସମୟରେ ମିଳିତ ସରକାର ଗଠିତ ହୋଇଛି, ପୁଣି ଭାଙ୍ଗିଛି ।

ସେ ଯାହା ହେଉ, ଦୀର୍ଘ ୨୪ ବର୍ଷ କାଳ ଓଡ଼ିଶାରେ ଶାସନ କରି ନବୀନ ପଟ୍ଟନାୟକ ଏକ ଦୃଷ୍ଟାନ୍ତ ସୃଷ୍ଟି କରିଥିବା ସତ୍ତ୍ୱେ, କେତେଜଣଙ୍କ ଉପରେ ନିର୍ଭର କରି ସେ ଶାସନ କରି ନ ପାରିବାରୁ ଦୀର୍ଘ ୨୪ ବର୍ଷ ପରେ ତାଙ୍କର ବିଜୁ ଜନତା ଦଳ ଆଉ କ୍ଷମତାସୀନ ହୋଇପାରି ନଥିଲା । ଯଦିଓ ମାତ୍ର ଏଗାର ବର୍ଷ ପାଇଁ ବିଜେପି ସହଯୋଗରେ ଓଡ଼ିଶାରେ ମିଳିତ ସରକାର ଗଠିତ ହୋଇଥିଲା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସରକାର ଚାଲିଥିଲା । ବିଜେପି ଦଳର ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ନବୀନ ପଟ୍ଟନାୟକଙ୍କ ଶାସନରେ କୌଣସି ହସ୍ତକ୍ଷେପ କରୁନଥିଲେ । ଏଗାର ବର୍ଷ ପରେ ୨୦୦୦ ମସିହାରୁ ଆରମ୍ଭ ହୋଇଥିବା ଏହି ବିଜେଡ଼ି-ବିଜେପି ମେଣ୍ଟରେ ଫାଟ ସୃଷ୍ଟି ହୋଇଥିଲା ଏବଂ ବିଜେପି ମଧ୍ୟ ଏହି ମେଣ୍ଟ ସରକାରରୁ ଓହରି ଆସିଥିଲା । ଫଳରେ ଅବଶିଷ୍ଟ ବର୍ଷ କେତେଟା ପାଇଁ ୨୦୨୪ ପର୍ଯ୍ୟନ୍ତ ବିଜେଡ଼ି କ୍ଷମତାସୀନ ହୋଇ ରହିଥିଲା ।

ଦୁର୍ଭାଗ୍ୟବଶତଃ ବିଜୁ ଜନତା ଦଳ ବା ବିଜେଡ଼ିରେ ନବୀନବାବୁ ନେତା ହୋଇଥିଲେ ମଧ୍ୟ ଦଳୀୟ କନ୍ଦଳ ସେ କ୍ଷମତାଚ୍ୟୁତ ହେବା ପରେ ଅଧିକ ମାତ୍ରାରେ ଦେଖାଯାଇଥିଲା । ନବୀନଙ୍କ ବ୍ୟକ୍ତିଗତ ସଚିବ ଥିବା ଭି.କେ. ପାଣ୍ଡିଆନ ନବୀନଙ୍କ ନାମରେ ଶାସନ କରି ବଦନାମ ହୋଇଥିଲେ ଏବଂ ନବୀନ କ୍ଷମତାଚ୍ୟୁତ ହେବା ପରେ ମଧ୍ୟ ବିଜେଡ଼ି ଦଳକୁ ପରୋକ୍ଷରେ ସେ ନିୟନ୍ତ୍ରଣ କରୁଥିବାରୁ ବଡ଼ ବିରୋଧୀ ଦଳ ଭାବେ ବିଜେଡ଼ିର ଗଡ଼ ଏବେ ଭାଙ୍ଗି ପଡ଼ିବାର ସମ୍ଭାବନା ଦେଖାଦେଇଛି । କଂଗ୍ରେସ ଦଳର ନେତୃତ୍ୱ ବିରୋଧରେ ଓଡ଼ିଶାର ଗୋଟାଏ ଗୋଷ୍ଠୀ ଏବେ ବିଦ୍ରୋହ ଆରମ୍ଭ କରିଦେଲାଣି । ଭବିଷ୍ୟତରେ ଏହି ଦଳ ରାଜ୍ୟରେ ସଙ୍କଟ ଦେଇ ଗତି କରିବା କିଛି ବିଚିତ୍ର ନୁହେଁ ।

ଏପରି ସ୍ଥଳେ ମୋହନ ଚରଣ ମାଝୀଙ୍କ ବିଜେପି ସରକାରଙ୍କ ଉପରେ ଓଡ଼ିଶାର ଲୋକେ ଖୁବ୍ ଭରସା ରଖିଛନ୍ତି । ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭ ଦୃଷ୍ଟି ମଧ୍ୟ ଓଡ଼ିଶା ଉପରେ ରହିଛି । ଦେଢ଼ ବର୍ଷର ବିଜେପି ଶାସନ କାଳରେ କୌଣସି ସଙ୍କଟ ସୃଷ୍ଟି ହୋଇନାହିଁ । ତେଣୁ ଆଉ ସାଢ଼େ ତିନିବର୍ଷର ଶାସନ କାଳ ମଧ୍ୟରେ 'ସମୃଦ୍ଧ ଓଡ଼ିଶା ଓ ୨୦୩୬' ପାଇଁ ଏବେଠାରୁ ତତ୍ପରତା ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଛି । ଏହା ଏକ ଶୁଭ ସୂଚନା ପରି ମନେ ହେଉଛି ।

# ଆମ ପ୍ରିୟ ଲୋକମୁଖ୍ୟମନ୍ତ୍ରୀ

## (ବିଜେପି ସରକାରଙ୍କ ଦେଢ଼ବର୍ଷ ପୂର୍ତ୍ତି ଉପଲକ୍ଷେ...)



ପୂର୍ଣ୍ଣଚନ୍ଦ୍ର ମଲ୍ଲିକ

**ରା**ମାୟଣରେ ପୁରୁଷୋତ୍ତମ ଶ୍ରୀରାମଙ୍କୁ ଶ୍ରେଷ୍ଠ ରାଜା ବୋଲି କୁହାଯାଇଛି । ମହାଭାରତର ଶାନ୍ତି ପର୍ବରେ ପିତାମହ ଭୀଷ୍ମ ରାଜା ଧର୍ମଶୀଳ, ପ୍ରାଜ୍ଞ, ସାଧୁ ଓ ସାହସୀ ହେବା ଆବଶ୍ୟକ ବୋଲି କହିଛନ୍ତି । ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ତାଙ୍କର 'ଦ ରିପବ୍ଲିକ' ଗ୍ରନ୍ଥରେ ରାଜାଙ୍କୁ 'ଫିଲୋସଫର୍ କିଙ୍ଗ' ବୋଲି ବର୍ଣ୍ଣନା କରିଛନ୍ତି । ରାଜାଙ୍କର ମୁଖ୍ୟ ଆୟୁଧ ହେଲା ଲୋକସମ୍ପର୍କ ଓ ଲୋକ କଲ୍ୟାଣ । ଓଡ଼ିଶାର ସୌଭାଗ୍ୟ ଯେ ଏବେ ଆମ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ଭଳି ଜଣେ ମହାନ ମୁଖ୍ୟମନ୍ତ୍ରୀ ମିଳିଛନ୍ତି ଓ ରାଜ୍ୟକୁ ଠିକଣା ଢଙ୍ଗରେ ପରିଚାଳିତ କରିବାକୁ ସେ ଖୁବ୍ ପ୍ରଯତ୍ନ କରୁଛନ୍ତି ।

ଇଂରେଜମାନେ ଏ ଦେଶରେ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ମାତୃଭାଷାରେ ଶିକ୍ଷା ଦେବାପାଇଁ ଆରମ୍ଭ କରିଥିଲେ । ଭାରତୀୟମାନଙ୍କୁ ଜ୍ଞାନୀ, ଗୁଣୀ କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା । ମାତୃଭାଷା ମାଧ୍ୟମରେ ଲୋକମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ କରି ଇଂରେଜ ଶାସନକୁ ସ୍ଥାୟୀ କରିବା ତାଙ୍କର ପ୍ରଚ୍ଛନ୍ନ ଉଦ୍ଦେଶ୍ୟଥିଲା । ମୋହନ ଚରଣ ମାଝି ମୁଖ୍ୟମନ୍ତ୍ରୀ ହେବାପରେ ପ୍ରଥମ ଦିନରୁ ଲୋକମାନଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିବା ଉପରେ ଗୁରୁତ୍ୱ ଦେଇ ତାଙ୍କ କଥା ଶୁଣିବା ପାଇଁ ପ୍ରୟାସ କରିଛନ୍ତି । ତାଙ୍କ ଭାଷାରେ ସେମାନଙ୍କ ସହ ଆଳାପ କରି ତାଙ୍କ ହୃଦୟ ଜିତିଛନ୍ତି । ସେହିପରି ଜଗନ୍ନାଥପ୍ରାଣ ଓଡ଼ିଆମାନଙ୍କର ଆରାଧ୍ୟ ଦେବତାଙ୍କ ଦର୍ଶନ ପାଇଁ ଚାରିଦ୍ୱାର ଖୋଲି ଏବଂ ମହାପ୍ରଭୁଙ୍କର ସେବା ଲାଗି ପାଞ୍ଚଶହ କୋଟି ଟଙ୍କାର କର୍ପସ ଫଣ୍ଡ ଗଢ଼ି ନିଜ ଶ୍ରେଷ୍ଠତ୍ୱର ପ୍ରତିଷ୍ଠା କରିଛନ୍ତି । ଦୀର୍ଘ ଚବିଶ ବର୍ଷର ଶାସନ କାଳରେ ଓଡ଼ିଶା ଜଣେ ମୁକ ଓ ଅଦୃଶ୍ୟ ବିକୃତ ଓଡ଼ିଆ ଉଚ୍ଚାରଣକାରୀ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଓଡ଼ିଆମାନେ ଜଣେ ଆପଣାର ଓ ମନକଥା ଶୁଣିଲା ଭଳି ମୁଖ୍ୟମନ୍ତ୍ରୀ ପାଇଛନ୍ତି । ଅନ୍ୟ ଭାଷାରେ କହିଲେ ଏହାଦ୍ୱାରା ମୁଖ୍ୟମନ୍ତ୍ରୀ ଓଡ଼ିଆ ଅସ୍ମିତାର ପ୍ରତିନିଧି ପାଲଟି ଯାଉଛନ୍ତି । 'କଥା ଦେଇ କଥା ରଖିଲେ' ସ୍ଲୋଗାନ, 'ବିକଶିତ ଓଡ଼ିଶା' ଗଠନ ପାଇଁ ଭାରତୀୟ ଜନତା ପାର୍ଟି ପ୍ରକାଶିତ ସଂକଳ୍ପ ପତ୍ର ବା ନିର୍ବାଚନ ଇସ୍ତାହାରର



ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ

କର୍ଯ୍ୟାନ୍ୱୟନ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତାକୁ ପ୍ରମାଣ କରିଛି । ସେଇଭଳି ଓଡ଼ିଶାର ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କର ଚତୁର୍ଥ ପାଳି ପାଇଁ ସଭାପତି ପଦବୀ ଗ୍ରହଣ ଦିନ ହିଁ 'ପାର୍ଟି ସରକାରଙ୍କ ପଛରେ ଖୁଣ୍ଟ ଭଳି ଛିଡାହେବ' ବୋଲି ଘୋଷଣା କରି ମୁଖ୍ୟମନ୍ତ୍ରୀଙ୍କୁ ଅଧିକ ଶକ୍ତିଶାଳୀ କରିଛନ୍ତି । ବିଜେପି ସରକାର ତାଙ୍କର ଲକ୍ଷ୍ୟ ପୁରଣ ଦିଗରେ ଅଗ୍ରସର ହେଉଛନ୍ତି । ସୁଶାସନ, ଶିଳ୍ପାନ୍ୱୟନ, ନିଯୁକ୍ତି, ବିଭିନ୍ନ ଜନକଲ୍ୟାଣ ଯୋଜନା ବିଶେଷ କରି ସୁଭଦ୍ରା ଭଳି ବଡ଼ ବଜେଟର ଯୋଜନା କାର୍ଯ୍ୟକାରୀ କରି ମୁଖ୍ୟମନ୍ତ୍ରୀ ଦେଢ଼ ବର୍ଷ ଭିତରେ ଇତିହାସ ସୃଷ୍ଟି କରିଛନ୍ତି ।

ନୂତନ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ସରକାର ୬ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ନିବେଶ ମାଧ୍ୟମରେ ୨୭୦ରୁ ଅଧିକ ଶିଳ୍ପ ପ୍ରତିଷ୍ଠା ଜରିଆରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ନିଯୁକ୍ତି ପାଇଁ ବ୍ୟବସ୍ଥା କରିଛନ୍ତି । ଆଗରୁ ଏକ ଶିଳ୍ପର ଗ୍ରାଉଣ୍ଡିଂ ପାଇଁ ୩ରୁ ୪ ଶହ ଦିନ ଲାଗୁଥିବା ବେଳେ ଏବେ ୧୬୫ ଦିନ ଲାଗୁଛି । ୩୦ଟି ଜିଲ୍ଲାରୁ ଏବେ ୨୭ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ସମ୍ଭବ ହେବାକୁ ଯାଉଛି । ସବୁ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରି ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସରକାର ନୂତନ କୀର୍ତ୍ତି ସ୍ଥାପନ କରିବାକୁ ଯାଉଛନ୍ତି ।

ଦିଲ୍ଲୀ ଢାଞ୍ଚାରେ ରାଜଧାନୀ ଭୁବନେଶ୍ୱରରେ ସବୁ ଜିଲ୍ଲା ପାଇଁ ଅତିଥି ଭବନ ନିର୍ମାଣ ଭଳି ସମ୍ପୂର୍ଣ୍ଣ ନୂଆ ଯୋଜନା ଜନପଥ କଡ଼ରେ ଆରମ୍ଭ କରିବାକୁ ସରକାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନୁସୂଚିତ ଜନଜାତିର ଅଧାରୁ ପାଠ ଛାଡୁଥିବା ପିଲାଙ୍କୁ ପାଠ ପଢା ଜାରି ରଖିବାକୁ ଆର୍ଥିକ ଅନୁଦାନ ଦେବାକୁ ଓଡ଼ିଶାର ସର୍ବଶ୍ରେଷ୍ଠ ଶହୀଦ ପରିବାର, ନିଜର ଚାରିପୁଅ, ଜ୍ୱାଇଁ, ନାତି ଓ ନିଜେ ଆତ୍ମବଳି ଦେଇଥିବା ଆମର ଶହୀଦ ମାଧୋ ସିଂଙ୍କ ନାମରେ ଯୋଜନା କାର୍ଯ୍ୟକାରୀ କରି ବୀର ଆଦିବାସୀ ଶହିଦଙ୍କୁ ସମ୍ମାନିତ କରିଛନ୍ତି । ପୂଜ୍ୟପୂଜା ଉଦ୍ଦେଶ୍ୟରେ ସବୁ ଓଡ଼ିଆ ମହାମନିଷୀମାନଙ୍କର ଜନ୍ମ ସ୍ଥାନରେ ସେମାନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଓ ସ୍ମାରକୀ ନିର୍ମାଣ କାର୍ଯ୍ୟକାରୀ କରିବାର ଅଭିନବ ଯୋଜନା ସେ ମଧ୍ୟ କରିଛନ୍ତି ।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବେ ସରକାରଙ୍କ ବିଭିନ୍ନ ଯୋଜନାର କର୍ଯ୍ୟାନ୍ୱୟନ କ୍ଷେତ୍ରରେ ପୂର୍ବତନ ସରକାରଙ୍କର 'ଆଉଟ୍ ସୋର୍ସିଂ' କିପରି ବାଧକ ସାଜିଛି ତା'ର ଉଲ୍ଲେଖ କରିଛନ୍ତି । ସେହିପରି ପୂର୍ବତନ ସରକାରଙ୍କର କୁଶାସନ ଭିତରେ ବିଭିନ୍ନ ସରକାରୀ ବିଭାଗକୁ ଟ୍ରଷ୍ଟ ଆଇନ ଓ ୧୮୬୦ର ସୋସାଇଟି ପଞ୍ଜିକରଣ ଆଇନ ଜରିଆରେ ଦୁର୍ନୀତି କରିବା ପାଇଁ ଯେଉଁ ସିଙ୍ଗଲ ଉଇଣ୍ଡୋ ବ୍ୟବସ୍ଥା କରି ଯାଇଛନ୍ତି ତାହା ଏବର ସରକାରଙ୍କ ପଥରେ କଣ୍ଟା ହୋଇ ଛିଡ଼ା ହୋଇଛି । କିନ୍ତୁ ମୋହନ ସରକାର ସକଳ ପ୍ରତିକୂଳ ବ୍ୟବସ୍ଥା ସତ୍ତ୍ୱେ ବିଚକ୍ଷଣତାର ସହ ଆଗକୁ ଅଗ୍ରସର ହେଉଛନ୍ତି ଓ ଆଗାମୀ ଦିନରେ ସରକାର ସ୍ୱତନ୍ତ୍ର ଓଡ଼ିଶା ଗଠନର ଶହେ ବର୍ଷ ପୂରଣ ପୂର୍ବରୁ ବିକଶିତ ଓଡ଼ିଶା ଗଠନ ପାଇଁ ଯେଉଁ ମାର୍ଗଦର୍ଶିକା ପ୍ରସ୍ତୁତ କରିଛନ୍ତି ତାହା ତାଙ୍କୁ ସଫଳତାର ଶୀର୍ଷାରୋହଣ କରିବାରେ ଯେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

**(ଲେଖକ ଜଣେ ଶିକ୍ଷାବିତ୍ ଓ ରାଜନୈତିକ ବିଶ୍ଳେଷକ)**
**ସୂର୍ଯ୍ୟ ନିଳୟ, ଜଗନ୍ନାଥ ବିହାର, ଭୁବନେଶ୍ୱର, ମୋ:୯୩୩୭୧୨୦୨୫୫**

# ବିକାଶର ମାନଦଣ୍ଡ କେବଳ ଜିଡ଼ିପି ନୁହେଁ



ମାନସ କୁମାର କର

**ଆ**ର୍ଥିକ ପ୍ରଗତି ଏବଂ ବିକାଶର ମାନଦଣ୍ଡ ଉପରେ ବିତର୍କ ଦୀର୍ଘଦିନ ଧରି ଚାଲିଛି । ପ୍ରତ୍ୟେକ ଯୁଗରେ, ସମାଜଗୁଡ଼ିକ ସେମାନଙ୍କର ବିକାଶର ମୂଲ୍ୟାଙ୍କନ ପାଇଁ ବିଭିନ୍ନ ସୂଚକାଙ୍କ ବ୍ୟବହାର କରିଛନ୍ତି । ତଥାପି, ଆଧୁନିକ ସମୟରେ ମୋଟ ଘରୋଇ ଉତ୍ପାଦ (ଜିଡ଼ିପି) ଦେଶର ପ୍ରଗତିର ପ୍ରାଥମିକ ମାପକାଠି ପାଲଟିଥିବାରୁ, ଆର୍ଥିକ ଆଲୋଚନା ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ସୀମିତ ହୋଇଯାଇଛି । ଏହା ସତ୍ୟ ଯେ ଜିଡ଼ିପି ଏକ ଦେଶର ଉତ୍ପାଦକତା, ଆୟ ଏବଂ ବ୍ୟବହାର ସ୍ତରକୁ ପ୍ରତିଫଳିତ କରେ, କିନ୍ତୁ ଏହା କ'ଣ ପ୍ରକୃତରେ ଦେଶର ପ୍ରଗତିକୁ ପ୍ରତିଫଳିତ କରେ? ବୃଦ୍ଧି ପାଉଥିବା ଆର୍ଥିକ ସଂଖ୍ୟା କେବଳ ସମାଜର ସାମଗ୍ରିକ ପ୍ରଗତିକୁ ପ୍ରତିଫଳିତ କରିପାରିବ କି ? ଏହି ପ୍ରଶ୍ନ ବିଶ୍ୱବ୍ୟାପୀ ପ୍ରତିଧ୍ୱନିତ ହେଉଛି ଏବଂ ଭାରତରେ ଏହା ଉପରେ ବିତର୍କ ଆରମ୍ଭ ହୋଇସାରିଛି ।

ଜିଡ଼ିପି ହେଉଛି ଗୋଟିଏ ଦେଶ ମଧ୍ୟରେ କିଛି ସମୟ ମଧ୍ୟରେ ଉତ୍ପାଦିତ ସାମଗ୍ରୀ ଏବଂ ସେବାର ମୋଟ ମୂଲ୍ୟର ହିସାବ । ଏହା ଆର୍ଥିକ କାର୍ଯ୍ୟକଳାପର ଏକ ପରିମାଣାତ୍ମକ ଚିତ୍ର ପ୍ରଦାନ କରେ । କିନ୍ତୁ ଏହା ସେହି ସମାଜର ଗୁଣାତ୍ମକ ପ୍ରଗତି ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସମାନତା, ପରିବେଶ ସନ୍ତୁଳନ ଏବଂ ନାଗରିକଙ୍କ ମାନସିକ ସନ୍ତୋଷର କୌଣସି ସିଧାସଳଖ ମାପ ପ୍ରଦାନ କରେ ନାହିଁ । ଏହି କାରଣରୁ, ବିକଶିତ ଦେଶଗୁଡ଼ିକରେ ମଧ୍ୟ ଏହି ପ୍ରଶ୍ନ ବାରମ୍ବାର ଉଠାଯାଉଛି: କେବଳ (ଜିଡ଼ିପି) ଅଭିବୃଦ୍ଧି ଦ୍ୱାରା ଦେଶର ପ୍ରକୃତ ପ୍ରଗତି ବିଚାର କରାଯାଇପାରିବ କି ? ବିକାଶର ମାନଦଣ୍ଡ କେବଳ ଆର୍ଥିକ ସମୃଦ୍ଧି ପର୍ଯ୍ୟନ୍ତ ସୀମିତ ନ ହୋଇ ମାନବିକ ମୂଲ୍ୟବୋଧ ଏବଂ ସାମାଜିକ କଲ୍ୟାଣର ବ୍ୟାପକ ପରିପ୍ରେକ୍ଷୀରେ ଦେଖାଯିବା ଅତ୍ୟନ୍ତ ଜରୁରୀ । ଭାରତ ଏକ ବିଶାଳ ଏବଂ ବିବିଧ ଦେଶ, ଯେଉଁଠାରେ ଆର୍ଥିକ ଅଭିବୃଦ୍ଧି ସହିତ, ସାମାଜିକ ନ୍ୟାୟ, ସାଂସ୍କୃତିକ ସନ୍ତୁଳନ ଏବଂ ପରିବେଶ ସୁରକ୍ଷା ଭଳି ଦିଗଗୁଡ଼ିକ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଯଦି କୌଣସି ରାଜ୍ୟର (ଜିଡ଼ିପି)ବୃଦ୍ଧି ପାଉଛି କିନ୍ତୁ ଶିକ୍ଷା ସ୍ତର କମ୍ ଅଛି, ସ୍ୱାସ୍ଥ୍ୟ ସେବା ଦୁର୍ବଳ ଅଛି, ବେକାରୀ ବ୍ୟାପକ ଭାବରେ ବୃଦ୍ଧି ପାଉଛି ଏବଂ ମହିଳାମାନେ ଅସୁରକ୍ଷିତ, ତେବେ କ'ଣ ସେହି ରାଜ୍ୟକୁ ପ୍ରକୃତରେ ବିକଶିତ ବୋଲି କୁହାଯାଇପାରିବ ? ଉତ୍ତର ନିସନ୍ଦେହରେ ନା ।

ବିକାଶର ପ୍ରକୃତ ଅର୍ଥ ହେଉଛି ମାନବ ଜୀବନର ଗୁଣବତ୍ତାରେ ସାମଗ୍ରିକ ଉନ୍ନତି । ଏହା କେବଳ ଆୟ ବୃଦ୍ଧି ନୁହେଁ, ବରଂ କଲ୍ୟାଣ, ସୁଯୋଗର ସମାନତା, ପରିବେଶ ସୁରକ୍ଷା ଏବଂ ସାମାଜିକ ସମନ୍ୱୟକୁ ମଧ୍ୟ ବୁଝାଏ । ଏହି କାରଣରୁ ଅନେକ ଅର୍ଥନୀତିଜ୍ଞ (ଜିଡ଼ିପି) ପାଇଁ ବିକଳ୍ପ ସୂଚକର ପ୍ରସ୍ତାବ ଦେଇଛନ୍ତି । ଉଦାହରଣସ୍ୱରୂପ, ଜାତିସଂଘର ମାନବ ବିକାଶ ସୂଚକାଙ୍କ (ଏଚଡ଼ିଆଇ) ଏକ ଦେଶର ପ୍ରଗତିକୁ ଶିକ୍ଷା ଏବଂ ଆୟର ମିଳିତ ସେଟ୍ ଉପରେ ଆଧାର କରି ମାପ କରେଛ ସେହିପରି, ଭୁଟାନର ମୋଟ ଜାତୀୟ ସୂଚକାଙ୍କ ଗୁରୁତ୍ୱାରୋପ କରେ ଯେ ନାଗରିକଙ୍କ ଖୁସି, ମାନସିକ ଶାନ୍ତି ଏବଂ ସାମାଜିକ ସଂହତି ପ୍ରଗତିର ଗୁରୁତ୍ୱପୂର୍ଣ୍ଣ ଉପାଦାନ ଯେପରି ଆର୍ଥିକ କାରଣଛ ଭାରତୀୟ ଅର୍ଥନୈତିକ ନୀତି ପାଇଁ (ଜିଡ଼ିପି) ସହିତ ଅନ୍ୟାନ୍ୟ ମାନବ ସୂଚକଗୁଡ଼ିକ ପ୍ରତି ସମାନ ଧ୍ୟାନ ଦେବାର ସମୟ ଆସିଛି । ସମାଜର ଶେଷ ବ୍ୟକ୍ତି ଉନ୍ନତି ଲାଭ ଅନୁଭବ ନ କରିବା ପର୍ଯ୍ୟନ୍ତ ସେଠାକାର ବିକାଶ ଅସମ୍ପୂର୍ଣ୍ଣ ବୋଲି ଭାବିବା ଉଚିତ । (ଜିଡ଼ିପି)ଗଣନା ପରିବେଶଗତ କ୍ଷତି ପାଇଁ ହିସାବ କରେ ନାହିଁ । ଯଦିଓ ଏକ ଶିଳ୍ପ ଜଙ୍ଗଲ ଆବରଣ ନଷ୍ଟ କରେ, ନଦୀ ପ୍ରଦୂଷିତ କରେ, କିମ୍ବା ବାୟୁକୁ ବିଷାକ୍ତ କରେ, ତଥାପି ଏହାର ଉତ୍ପାଦନ ବୃଦ୍ଧି ପାଇବ, ଯାହା ଫଳରେ (ଜିଡ଼ିପି)ବୃଦ୍ଧି ପାଇବ । କିନ୍ତୁ ଏହା କ'ଣ ପ୍ରକୃତରେ ବିକାଶ? ଏହା ଏକ ଭ୍ରମାତ୍ମକ ସମୃଦ୍ଧିର ରୂପ, ଯେଉଁଥିରେ ବର୍ତ୍ତମାନର ବିକାଶ ଭବିଷ୍ୟତର ବଞ୍ଚିବାର ମୂଲ୍ୟରେ କିଣାଯାଏ । ତେଣୁ, (ଜିଡ଼ିପି)ସହିତ ସବୁଜ (ଜିଡ଼ିପି)ଧାରଣାକୁ ଗ୍ରହଣ କରିବା ଏବେ ଅତ୍ୟାବଶ୍ୟକ, ଯାହା ପରିବେଶଗତ ସନ୍ତୁଳନ ଏବଂ ପ୍ରାକୃତିକ ସମ୍ପଦର ସ୍ଥିତିର ମଧ୍ୟ ମୂଲ୍ୟାଙ୍କନ କରେ ।

ସାମାଜିକ ଦୃଷ୍ଟିକୋଣରୁ ମଧ୍ୟ (ଜିଡ଼ିପି)ଅଭିବୃଦ୍ଧି ସଂଖ୍ୟା ପ୍ରାୟତଃ ଭ୍ରମାତ୍ମକ ହୋଇଥାଏ । ଯଦି କୌଣସି ଦେଶ ଅଧିକ ଉନ୍ନତି ଉପଭୋଗ କରୁଛି, କିନ୍ତୁ ଏହାର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି, ସ୍ୱାସ୍ଥ୍ୟସେବା ସୁବିଧା ଉପଲବ୍ଧ ନାହିଁ, ମହିଳାଙ୍କ ଅଂଶଗ୍ରହଣ ସୀମିତ ଅଛି, ଏବଂ ଯୁବ ବେକାରୀ ବୃଦ୍ଧି ପାଉଛି, ତେବେ ଏପରି ପରିସ୍ଥିତିରେ ଆର୍ଥିକ ଅଭିବୃଦ୍ଧି ସାମାଜିକ ଅସ୍ଥିରତାକୁ ଜନ୍ମ ଦିଏ । ପ୍ରଗତି ମୂଲ୍ୟାଙ୍କନରେ ପାରିବାରିକ ମୂଲ୍ୟବୋଧ, ସମ୍ପ୍ରଦାୟ ସହଯୋଗ ଏବଂ ନାଗରିକ ଦାୟିତ୍ୱ ଭଳି ସାମାଜିକ ପୁଞ୍ଜି ଅନ୍ତର୍ଭୁକ୍ତ ହେବା ଅତ୍ୟନ୍ତ ଜରୁରୀ । କୌଣସି ଦେଶର ପ୍ରଗତି ଆଉ କେବଳ ଭୌତିକ ସମୃଦ୍ଧି ଦ୍ୱାରା ମାପ କରାଯିବା ଉଚିତ ନୁହେଁ, ବରଂ ମାନବିକ ଦୃଷ୍ଟିକୋଣରୁ ମାପ କରାଯିବା ଉଚିତ ।

ଏହା ମଧ୍ୟ ସତ୍ୟ ଯେ (ଜିଡ଼ିପି)ଏକ ଅତ୍ୟାବଶ୍ୟକ ସୂଚକ କାରଣ ଏହା ବିନା ଆର୍ଥିକ ଯୋଜନା ଅସମ୍ଭବ । ଏହି ସଂଖ୍ୟାଗୁଡ଼ିକ ସରକାର, ନୀତି ଏବଂ ବଜେଟର ମୂଳଦୁଆ । ତଥାପି, ଏହି ମୂଳଦୁଆ କେବଳ ଗୋଟିଏ ଦିଗକୁ ପ୍ରତିନିଧିତ୍ୱ କରେ । ଯଦି ସାମାଜିକ, ସାଂସ୍କୃତିକ ଏବଂ ପରିବେଶଗତ ସୂଚକଗୁଡ଼ିକ ଏହା ସହିତ ସମାନ ଭାବରେ ସଂଯୁକ୍ତ ନହୁଏ, ତେବେ ବିକାଶର ପରିଭାଷା ଅସମ୍ପୂର୍ଣ୍ଣ ରହିବ । ଆଜି, ଯେତେବେଳେ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ବଢୁଥିବା ଅସମାନତା ଏବଂ ନୈତିକ ଅବନତି ଭଳି ଚ୍ୟାଲେଞ୍ଜ ସହିତ ସଂଘର୍ଷ କରୁଛି, ଆମକୁ ବିକାଶର ଏକ ନୂତନ ଦର୍ଶନ ଗଠନ କରିବାକୁ ପଡ଼ିବ । ଏହି ଦର୍ଶନ ଏକ ମାନବ-କେନ୍ଦ୍ରିକ ଅର୍ଥନୀତି ହେବା ଉଚିତ, ଯେଉଁଥିରେ ବ୍ୟକ୍ତିଗତ କଲ୍ୟାଣ, ସାମାଜିକ ସ୍ଥିରତା ଏବଂ ପ୍ରକୃତିର ସଂରକ୍ଷଣ ପରସ୍ପରର ପରିପୂରକ ।

ଯଦି ଭାରତ ଆଗାମୀ ଦଶନ୍ଧିଗୁଡ଼ିକରେ ଏକ ବିକଶିତ ରାଷ୍ଟ୍ର ହେବାର ଲକ୍ଷ୍ୟ ହାସଲ କରିବାକୁ ଚାହେଁ, ତେବେ ଏହାର ନୀତିଗୁଡ଼ିକ (ଜିଡ଼ିପି) ଅଭିବୃଦ୍ଧି ସହିତ ମାନବ ବିକାଶ, ସାମାଜିକ ସମାନତା ଏବଂ ପରିବେଶଗତ ସନ୍ତୁଳନକୁ ସମାନ ଗୁରୁତ୍ୱ ଦେବା ଉଚିତଛ(ଜିଡ଼ିପି) ନିଶ୍ଚିତ ଭାବରେ ଏକ ଦର୍ପଣ, କିନ୍ତୁ ଏହା କେବଳ ବାହ୍ୟକୁ ପ୍ରତିଫଳିତ କରେ । ସମୟର ଆବଶ୍ୟକତା ହେଉଛି (ଜିଡ଼ିପି)ର ସୀମା ବାହାରକୁ ଯାଇ ଅନ୍ତର୍ଭୁକ୍ତ, ମାନବୀୟ ଏବଂ ସ୍ଥାୟୀ ପ୍ରଗତିର ଏକ ମଡେଲ ଗ୍ରହଣ କରିବା, ଯେଉଁଠାରେ ଅର୍ଥନୀତି କେବଳ ସଂଖ୍ୟାର ନୁହେଁ ବରଂ ଭାବପ୍ରବଣତାର କାହାଣୀ କହେ ।

**କୋଡାଙ୍ଗ, କୋଣାର୍କ**
**ମୋ: ୭୩୮୧୩୮୨୨୧୦**

### ସ୍ୱଚ୍ଛ ହୃଦୟ

**ତୁମ ହୃଦୟରେ ଯଦି ସବୁଜ ସୁନ୍ଦର ବୃକ୍ଷ ରୋପଣ କରିବ, ତେବେ ଈଶ୍ୱର ପକ୍ଷୀ ହୋଇ ଉଡ଼ ଆସିବେ ସେଥିରେ ବସା ବାନ୍ଧିବା ପାଇଁ**

*ଲେଖକ-ଡ. ପ୍ରଦୀପ କୁମାର ଚୌଧୁରୀ*

# ଶିଶୁଙ୍କ ନିମୋନିଆ ରୋଗ



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

**ନି**ମୋନିଆ ଲଢ଼େଇରେ ସମଗ୍ର ବିଶ୍ୱବାସୀଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ନଭେମ୍ବର ୧୨ରେ ପାଳନ କରାଯାଏ ବିଶ୍ୱ ନିମୋନିଆ ଦିବସ । ନିମୋନିଆର ଭୟାବହତାକୁ ସଚେତନ କରିବାରେ ଏହି ଦିବସ ସହାୟକ ହୁଏ ଏବଂ ଏହି ରୋଗଠୁଁ ଦୂରେଇ ରହିବାର ଉଚିତ ପଦକ୍ଷେପ ଦିଗରେ ଏକାଧିକ ସଂସ୍ଥାକୁ ଉତ୍ସାହିତ କରେ । ୨୦୦୯ରେ ପ୍ରଥମେ ଏହି ଦିବସ ପାଳନ କରାଗଲା, ଯେଉଁଠି ଶିଶୁ ନିମୋନିଆ ବିରୋଧରେ ଏକ ବିଶ୍ୱସ୍ତରୀୟ ଗଠବନ୍ଧନ ମାଧ୍ୟମରେ ଶହେରୁ ଅଧିକ ସଂସ୍ଥା ହାତ ମିଳାଇଥିଲେ । ୫ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ନିମୋନିଆ କିପରି ବିଶ୍ୱର ଏକ ପ୍ରମୁଖ ପ୍ରାଣଘାତକ ଭାବେ ଉଭା ହୋଇଛି, ସେଥିପ୍ରତି ଏହି ଦିବସ ସଚେତନତା ସୃଷ୍ଟି କରେ । ଏଥିରୁ ସୁରକ୍ଷା, ପ୍ରତିରୋଧ ଚିକିତ୍ସା ଉପାୟକୁ ପ୍ରୋତ୍ସାହନ ଦେବା ଓ ରକ୍ଷା ପାଇବାର ଉଚିତ କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ଏହା ଗୁରୁତ୍ୱ ଦିଏ । ନିମୋନିଆ ଏକ ସମାଧାନଯୋଗ୍ୟ ସମସ୍ୟା ହେଲେ ହେଁ ପ୍ରତି ୨୦ ସେକେଣ୍ଡରେ ଜଣେ ଶିଶୁ ଏହି ସଂକ୍ରମଣରେ ପ୍ରାଣ ହରାଉଛି । ତେଣୁ ସମସ୍ତେ ଏକଜୁଟ ଓ ସଚେତନ ହୋଇ ବିରୋଧ କଲେ ନିମୋନିଆରୁ ରକ୍ଷା ମିଳିବା କଷ୍ଟସାଧ୍ୟ ନୁହେଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର ମୁକାବିଲା ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି । ସଚେତନତା ପାଇଁ ଏହା *www.breathelife2030.org* ଅଭିଯାନ ଆରମ୍ଭ କରିବ । ବାୟୁ ପ୍ରଦୂଷଣ ନିମୋନିଆର ଅନ୍ୟତମ କାରଣ ହୋଇଥିବାରୁ ଏହା ମାଧ୍ୟମରେ ବାୟୁ ପ୍ରଦୂଷଣ ରୋକିବାକୁ ପ୍ରୟାସ କରାଯିବ ।

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଜ୍ଜନକ ହୋଇପଡ଼ିଲାଣି । ଦେଖାଯାଉଛି ଆବଶ୍ୟକତାଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ

**ଏକ ସମାଧାନଯୋଗ୍ୟ ସମସ୍ୟା ହେଲେ ହେଁ ପ୍ରତି ୨୦ ସେକେଣ୍ଡରେ ଜଣେ ଶିଶୁ ଏହି ସଂକ୍ରମଣରେ ପ୍ରାଣ ହରାଉଛି । ତେଣୁ ସମସ୍ତେ ଏକଜୁଟ ଓ ସଚେତନ ହୋଇ ବିରୋଧ କଲେ ନିମୋନିଆରୁ ରକ୍ଷା ମିଳିବା କଷ୍ଟସାଧ୍ୟ ନୁହେଁ ।**

ହୋଇପଡୁଛି । ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏ'ର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ । ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କ ନିମୋନିଆର କାରଣ ହୋଇଥାଏ । ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର । ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇରସ୍ଟିସିଆଲ ନିମୋନିଆ । ସ୍ୱାଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ । ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ପାଇଲେ ଏହା ନିମୋନିଆର ଲକ୍ଷଣ । ମନେରଖନ୍ତୁ, ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ । ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ । ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ । ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ । ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମିତ ହେଲାମାତ୍ରେ ସ୍ୱାଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ । ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ । ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜା, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି । ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ରୋଗ ଗୁରୁତର ହୋଇ ରହିନାହିଁ । ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସ ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ । ଏହାକୁ ଚିହ୍ନଟ କରିବା ପାଇଁ ସ୍ପେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ । ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାକଥା ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ । ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ । ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ । ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନ ଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ । ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ । ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**
-drjyotiranjanchampatray123@gmail.com

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଦୁର୍ନୀତି...

ସୂଚନା ଯୋଗ୍ୟ ଯେ, ଆଜିର ନିଯୁକ୍ତି ମେଳାରେ ଜଳ ସମ୍ପଦ ବିଭାଗର ୨୩୨ ଜଣ, ପୂର୍ତ୍ତ ବିଭାଗର ୧୯୭ ଜଣ, ଓ ଗୃହ ଓ ନଗର ଉନ୍ନୟନ ବିଭାଗର ୧୪୨ ଜଣ ସହାୟକ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ୫ ଜଣ ଅର୍ଥ ଓ ହିସାବ ଅଧିକାରୀ ଏବଂ ୧୫ ଜଣ ଯୋଜନା ସହାୟକଙ୍କୁ ନିଯୁକ୍ତିପତ୍ର ଦିଆଯାଇଛି । ଆଜି ଏହି ନିଯୁକ୍ତି ମେଳା ଜରିଆରେ ଆମେ ପ୍ରଥମ କରି ଗେଟ୍ ସ୍କୋର ଆଧାରରେ, ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚୟନ କରି, ତିନି ଗୋଟି ଇଞ୍ଜିନିୟରିଂ ବିଭାଗରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଛି । ସମୁଦାୟ ୫୯୧ ଜଣଙ୍କୁ ନିଯୁକ୍ତି ଦିଆଗଲା ।

କୃଷି ଶିକ୍ଷା ସଦନ ଠାରେ ଉପସ୍ଥିତ ନବନିଯୁକ୍ତଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ବର୍ଷ ଜୁନ୍ ମାସରୁ ଆଜି ଭିତରେ ଅର୍ଥାତ ୧୮ ମାସ ମଧ୍ୟରେ ୩୭ ହଜାର ୯୧୬ ଜଣଙ୍କୁ ନିଯୁକ୍ତି ଦିଆଗଲା । ଆଗାମୀ ଛ' ମାସ ମଧ୍ୟରେ ଆଉ ୩୦ ହଜାର ପଦବୀ ପୂରଣ କରିବା ପାଇଁ କାର୍ଯ୍ୟ ଜାରି ରହିଛୁ । ପାଞ୍ଚ ବର୍ଷରେ ଖାଲିଥିବା ସମସ୍ତ ଦେଢ଼ ଲକ୍ଷ ପଦ ପୂରଣ କରିବା ସହ ଦୁଇ ବର୍ଷ ଭିତରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମ ସାରାକର ପ୍ରତିଶ୍ରୁତି ଦେଇଥିଲେ । ତେଣୁ ଆପଣମାନେ ସମସ୍ତେ ଦୁର୍ନୀତିରୁ ଉର୍ଦ୍ଧ୍ୱରେ ରହି ସରକାରଙ୍କର ସମସ୍ତ ଜନ କଲ୍ୟାଣକାରୀ କାର୍ଯ୍ୟର ସଫଳ ରୂପାୟନ ପାଇଁ ଦୃଢ଼ ପ୍ରତିବଦ୍ଧ ହୋଇପାରିଲେ ସମାଜ ତଥା ରାଜ୍ୟ ବିକଶିତ ହୋଇପାରିବ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିକଶିତ ଗାଁ ଓ ବିକଶିତ ଓଡ଼ିଶା ମାଧ୍ୟମରେ ପ୍ରଚଳିତ ସମସ୍ତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଆପଣମାନେ ସରକାରଙ୍କ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକୁ ସଫଳତାର ସହ ନିର୍ବାହ କରି ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୂଚାରୁରୂପେ ସମ୍ପାଦନ କରିବେ । ପୌର ସଂସ୍ଥାରେ ସୁସଂଗଠିତ ଯୋଜନା, ସୁଚିନ୍ତିତ ବିକାଶ ଓ ପ୍ରଶାସନିକ କାର୍ଯ୍ୟକଳାପରେ ଯୋଜନା ସହାୟକ ମାନଙ୍କର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ପୌର ସଂସ୍ଥା ଗୁଡିକରେ ଅର୍ଥ ଓ ହିସାବ ଅଧିକାରୀ ପୌର ସଂସ୍ଥାରେ ଆର୍ଥିକ ବ୍ୟବସ୍ଥା ସୁପରିଚାଳନା କରିବାର ଦାୟିତ୍ୱ ନିର୍ବାହ କରିବେ ବୋଲି ସେ କହିଥିଲେ ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆଗାମୀ ଦିନରେ ଓଡ଼ିଶାରେ ଭିତ୍ତିଭୂମି ନିର୍ମାଣରେ ଏକ ପ୍ରକାର ଆନ୍ଦୋଳନ ହେବାକୁ ଯାଉଛି, କାରଣ ଓଡ଼ିଶାରେ ଆଶାତୀତ ଭାବେ ପୁଞ୍ଜି ବିନିଯୋଗ ପାଇଁ ବଜେଟରେ ପ୍ରାବଧାନ କରାଯାଇଛି । ଉଦାହରଣ ସ୍ୱରୂପ, ଚଳିତ ବଜେଟରେ ୬୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ କେବଳ ପୁଞ୍ଜିଖର୍ଚ୍ଚ ପାଇଁ ପ୍ରାବଧାନ କରାଯାଇଛି । ଦୁଇ ଦିନ ତଳେ ଯଦି ଅତିରିକ୍ତ ବଜେଟର ପ୍ରାବଧାନକୁ ଏଥିରେ ଯୋଡା ଯିବ, ତେବେ ଏହି ଖର୍ଚ୍ଚ ପ୍ରାୟ ୬୮ ହଜାର କୋଟି ଟଙ୍କାରୁ ବି ଉର୍ଦ୍ଧ୍ୱ ହେବ । ପୁଞ୍ଜି ବିନିଯୋଗ କ୍ଷେତ୍ରରେ ରାଜ୍ୟ ଜିଡିପି ଅନୁପାତରେ ଓଡ଼ିଶା ଦେଶର ସବୁଠାରୁ ଅଧିକ ଖର୍ଚ୍ଚ କରୁଥିବା ରାଜ୍ୟ । ଏହା ୬.୧ ପ୍ରତିଶତରୁ ଅଧିକ ଏବଂ ସାମଗ୍ରିକ ବଜେଟର ପ୍ରାୟ ୨୨ ପ୍ରତିଶତ । ଏଣୁ ଏତେ ପରିମାଣରେ ପ୍ରାବଧାନ ହୋଇଥିବା ବ୍ୟୟକୁ ଖର୍ଚ୍ଚ କରିବା ପାଇଁ ଆପଣଙ୍କ ପରି ଇଞ୍ଜିନିୟର ଆବଶ୍ୟକ ।ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଭିତ୍ତିଭୂମି ନିର୍ମାଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶେଷକରି ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରି କୃଷକ ମାନଙ୍କର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବା ଆମର ଲକ୍ଷ୍ୟ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ 'ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା-୩.୦' ମଧ୍ୟ ଲୋକାର୍ପିତ କରିଥିଲେ । ଏହି ଯୋଜନା ପାଇଁ ୨୭୩୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ଏବଂ ଏହାଦ୍ୱାରା ଆଗାମୀ ୫ ବର୍ଷରେ ୩ ହଜାର ନୂଆ ଚେକ୍ ଡ୍ୟାମ୍ ନିର୍ମାଣ ହେବା ସହିତ ୨ ହଜାର ପୁରୁଣା ଚେକ୍ ଡ୍ୟାମ୍‌ର ପୁନଃରୁଦ୍ଧାର କରାଯିବ । ଏହାଦ୍ୱାରା ରାଜ୍ୟରେ ପ୍ରାୟ ୪୮ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିପାରିବ ।

ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନାରେ ଆଜି ରାଜ୍ୟର ୨୨ ଟି ଜିଲ୍ଲାରେ ୧୦୧ ଟି ଚେକ୍‌ଡ୍ୟାମ୍ ଲୋକାର୍ପିତ କରାଗଲା । ଏଥିପାଇଁ ୭୦ କୋଟି ୨୭ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାଦ୍ୱାରା ୨୪୧୬ ହେକ୍ଟର ଜମିରେ ଜଳସେଚନ ସୁବିଧା ମିଳିବ ।

ମୁଖ୍ୟମନ୍ତ୍ରୀ ଆଡିବନ୍ଧ ଯୋଜନା ୩.୦ ରେ ଆଜି ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ୨୦୧ ଟି ଚେକ୍‌ଡ୍ୟାମ୍ ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ରଖାଯାଇଛି । ପ୍ରାୟ ୧୬୦ କୋଟି ଟଙ୍କା ବିନିଯୋଗରେ ଏହା ନିର୍ମାଣ କରାଯିବ ଏବଂ ଏହାଦ୍ୱାରା ୫୩୪୨ ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବ ।

ଆଡ଼ିବନ୍ଧ ଯୋଜନା ସହିତ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ୧୨୫ କୋଟି ଟଙ୍କା ବିନିଯୋଗରେ ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ ଦୁଇଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଏହାଦ୍ୱାରା ୪ ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ମିଳିବା ସହିତ ପ୍ରାୟ ୧୦ ହଜାର ଚାଷୀ ଉପକୃତ ହେବେ । ଏହା ସହିତ ଆନନ୍ଦପୁର ବ୍ୟାରେଜର ଶାଳନ୍ଦୀ ବାମପାର୍ଶ୍ୱ କେନାଲର ପ୍ରାୟ ୧୪ କିଲୋମିଟର ଅଞ୍ଚଳରୁ ବାଲେଶ୍ୱର ଜିଲ୍ଲାର ପ୍ରାୟ ୧୦ ହଜାର ହେକ୍ଟର ଚାଷ ଜମିକୁ ଭୂ-ତଳ ଜଳସେଚନ ବ୍ୟବସ୍ଥାର ଲୋକାର୍ପଣ କରାଯାଇଛି ।

ଅନୁଗୋଳ ଜିଲ୍ଲାର ଅଙ୍ଗପଡ଼ା ଠାରେ ୩୩ କୋଟି ଟଙ୍କା ବିନିଯୋଗରେ ଏକ ନୂତନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୩୫୫ କୋଟି ଟଙ୍କା ବିନିଯୋଗରେ ସମ୍ବଲପୁର ଜିଲ୍ଲାରେ ୬ ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ, ପ୍ରାୟ ୧,୫୧୫ କୋଟି ଟଙ୍କା ବିନିଯୋଗରେ ରାଜ୍ୟର ୨୦ ଟି ଜିଲ୍ଲାରେ ୨୮, ୩୦୨ ଟି ଉଠା ଜଳସେଚନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

ଆଜି ଉଦ୍‌ଘାଟିତ ହୋଇଥିବା ଜଳସେଚିତ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ୧୬,୨୫୨ ହେକ୍ଟର ଚାଷଜମିରେ ଜଳସେଚନର ସୁବିଧା ସହିତ ୬୪ ହଜାର ଚାଷୀ ଭାଇ ଉପକୃତ ହେବେ । ସେହିପରି ଭିତ୍ତିପ୍ରସ୍ତର ରଖାଯାଇଥିବା ପ୍ରକଳ୍ପ ଦ୍ୱାରା ୧, ୫୫,୩୬୦ ହେକ୍ଟର ଜମିରେ ଜଳସେଚନ ସୁବିଧାର ବିକାଶ ହେବ ଏବଂ ପ୍ରାୟ ୬୩ ହଜାର କୃଷକ ଉପକୃତ ହେବେ । ସମୁଦାୟ ପ୍ରାୟ ୧ ଲକ୍ଷ ୨୭ ହଜାର କୃଷକ ଉପକୃତ ହେବେ ।

କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଉନ୍ନତି ପାଇଁ ନିଯୁକ୍ତି ଆବଶ୍ୟକ ଏବଂ ଏହି କଥାକୁ ମୁଖ୍ୟମନ୍ତ୍ରୀ ହୃଦୟଙ୍ଗମ କରି ଦ୍ୱରିତ ଗତିରେ ଆଜି ଅନେକ ଖାଲି ପଦବୀ ପୂରଣ କରୁଛନ୍ତି । ସତ୍ୟନିଷ୍ଠା, ପେଶାଦାରୀତା ଓ ନିଷ୍ଠାର ସହ ଆଜିଠାରୁ ଭବିଷ୍ୟତ ପାଇଁ ମାନସିକତା ନେଇ କାର୍ଯ୍ୟ କରିବାକୁ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ନବ ନିଯୁକ୍ତ ମାନଙ୍କୁ କହିଥିଲେ ।

କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତଭାଷଣ ଦେଇଥିବା ବେଳେ, ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଧନ୍ୟବାଦ ଦେଇଥିଲେ ।

## ଦୁଇ...

ଦୁଇ ସପ୍ତାହ ଶୀତ ଲହରୀ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ଗତ ଦୁଇଦିନ ଧରି କନ୍ଧମାଳ ତଥା ଅନ୍ୟ କିଛି ଅଞ୍ଚଳରେ ଥିବା ଭୂମି ଉପରେ ଛୋଟ ଛୋଟ ବରଫର ଆସ୍ତରଣ ଦେଖିବାକୁ ମିଳିଛି । ବିଜ୍ଞାନ ଭାଷାରେ ଏହାକୁ ତୁହିନ୍ କୁହାଯାଏ । ଅନ୍ୟ ପକ୍ଷରେ ବରଫ ଗୁଣ୍ଡର ବର୍ଷାକୁ ତୁଷାରପାତ ମଧ୍ୟ କୁହାଯାଏ । ତୁଷାରପାତ ମୁଖ୍ୟତଃ ପଶ୍ଚିମ ହିମାଳୟ ଅଞ୍ଚଳଗୁଡ଼ିକରେ ଦେଖିବାକୁ ମିଳିଥାଏ । ଶୀତ ଲହରୀ ଆଉ ଦୁଇ ସପ୍ତାହ ପାଇଁ ଜାରି ରହିବ ବୋଲି ସତର୍କ କରାଇ ଦିଆଯାଇଛି । ପ୍ରବଳ ଶୀତ ଯୋଗୁ ଲୋକମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ସାମାନ୍ୟ ପ୍ରଭାବ ପଡିଛି । ତେବେ ଅଧିକାଂଶ ଗ୍ରାମାଞ୍ଚଳରେ ଲୋକମାନେ ନିଆଁ ଜାଳି ଚାରିପଟେ ବସିଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଫୁଲବାଣିରେ ୫.୨ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଚିପିଲିମାରେ ୬.୧, ରାଉରକେଲାରେ ୬.୬, ଝାରସୁଗୁଡାରେ ୬.୮, ଦାରିଙ୍ଗବାଡିରେ ୭, ଭବାନିପାଟଣା, ଅନୁଗୁଳରେ ୮, କିରୋଇରେ ୮.୧, ନବରଙ୍ଗପୁରରେ ୮.୬, କୋରାପୁଟ, ବଲାଙ୍ଗିରରେ ୯.୩, କେନ୍ଦୁଝର, ସୁନ୍ଦରଗଡରେ ୯.୬ ଓ ସୋନପୁରରେ ୧୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ଖାତକୁ...

ଏହାର ଏକମାତ୍ର ଜିବୀତ ବ୍ୟକ୍ତି ଗଭୀର ଖାତରୁ ବାହାରିବା ସହ ପାହାଡ ଚଢ଼ି ଉପରକୁ ଆସିଥିଲେ । ସେ ଗୁରୁତର ଆହତ ହୋଇଥିଲେ ମଧ୍ୟ ୪ କିମି ଚାଲି ଚାଲି ବର୍ଡର ରୋଡ ଅର୍ଗାନାଇଜେସନ୍ ଶିବିରରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲା ଡେପୁଟି କମିଶନର ମିଲୋକୋଜିନ୍ କହିଛନ୍ତି ଯେ ଆସାମର ଏନ୍‌ଡିଆର୍‌ଏଫ୍ ଟିମ୍ ଅତ୍ୟାଧୁନିକ ଯନ୍ତ୍ରପାତି ସହ ଘଟଣାସ୍ଥଳରେ ଆଜି ରାତି ସୁଦ୍ଧା ପହଞ୍ଚିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବ । ଆହତ ବ୍ୟକ୍ତିଙ୍କୁ ଡିବ୍ରୁଗଡ଼ ସ୍ଥିତ ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବର୍ତ୍ତମାନସୁଦ୍ଧା ୧୮ ଶ୍ରମିକଙ୍କ ପରିଚୟ ମିଳିଥିବାବେଳେ ଆଉ ୪ ଜଣଙ୍କର ସମ୍ପର୍କରେ ସୂଚନା ହାସଲ କରିବାରେ ଉଦ୍ୟମ ହେଉଛି । ଭାରତୀୟ ସେନା ପକ୍ଷରୁ ସର୍ଚ୍ଚ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି । ୨୦୦ ମିଟର ଗଭୀରରେ ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ୍‌କୁ ଠାବ କରାଯାଇଛି । ଘଞ୍ଚ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ସେଠାରେ କେହିବି ପହଞ୍ଚି ପାରୁନାହାନ୍ତି ।

## ଗଣମାଧ୍ୟମରେ...

ଜଣାଇବା ପରେ ମୋକିମ ବାବୁ ଧୈର୍ଯ୍ୟର ସହ ହାଇକମାଣ୍ଡଙ୍କ ପଦକ୍ଷେପକୁ ଅପେକ୍ଷା କରିବାର ଥିଲା । କିନ୍ତୁ ମିଡ଼ିଆ ଆଗରେ ରାଜ୍ୟ ସଭାପତିଙ୍କୁ ବିଷୋଦଗାର କରିବା ଠିକ୍ ହୋଇନାହିଁ । ଏନେଇ ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ ଗଣମାଧ୍ୟମରେ ନିଜ ପ୍ରତିକ୍ରୀୟା ରଖି କହିଛନ୍ତି ଯେ ଦଳ ଆଗରେ ବ୍ୟକ୍ତି ବଡ଼ ନୁହେଁ । ପିସିସି ସଭାପତି ଶ୍ରୀ ଦାସଙ୍କ ବିରୋଧରେ ଏଭଳି ସମାଲୋଚନା ଓ କରିବା ଓ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ମୋକିମ ଠିକ୍ କରିନାହାଁନ୍ତି । ଦଳ ଭିତରେ ଆଲୋଚନା କରିବାର ଥିଲା । ମୋକିମ କଂଗ୍ରେସ ଟିକେଟ୍ ରେ କଟକରୁ ବିଧାୟକ ହୋଇଥିବା ବେଳେ ଏବେ ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ ସେହି କଂଗ୍ରସ ଟିକେଟ୍ ପାଇଁ ବିଧାୟିକା ହୋଇଛନ୍ତି । ଦଳ ପ୍ରତି ଆନୁଗତ୍ୟ ନକରି ନେତୃତ୍ୱକୁ ସମାଲୋଚନା କରିବାକୁ ନାପସନ୍ଦ କରିଛନ୍ତି ।

ସେହିପରି ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଗଣମାଧ୍ୟମ ଆଗରେ କହିଥିଲେ ଯେ ନୂଆଗଡ଼ା ଉପନିର୍ବାଚନ ସମୟରେ କିଛି ନେତାଙ୍କୁ ଉପେକ୍ଷା କରାଯାଇଥିବା ବେଳେ ଆଉ କିଛି ବରିଷ୍ଠ ନେତାଙ୍କୁ ପ୍ରଚାର ପାଇଁ ଡ଼କାଗଲା ନାହିଁ । ଏପରିକି ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ମଧ୍ୟ ଅଣଦେଖା କରାଯାଇଥିବା ଅଭିଯୋଗ କରିଥଲେ ଶ୍ରୀ ପଟ୍ଟନାୟକ । ଏ ସମ୍ପର୍କରେ ବରିଷ୍ଠ ନେତା ନରସିଂହ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ ଦଳ ବିଭାଜନ ହେବନାହିଁ । ଏହା ସତ ଯେ ଦଳରେ ଅସନ୍ତୋଷ ଅଛି । ତାକୁ ପ୍ରସମିତ କରାଯିବା ଉଚିତ । ଯେ କୌଣସି ଦଳୀୟ କିମ୍ବା ବ୍ୟକ୍ତିଗତ ମତ ଗଣମାଧ୍ୟମକୁ ଆସିବା ପୂର୍ବରୁ ନିଜ ଭିତରେ ସାଂଗଠନିକ ଓ ବରିଷ୍ଠଙ୍କ ମଧ୍ୟରେ ଆଲୋଚନା ହେବା କଥା । ଅନ୍ୟ ପକ୍ଷରେ ନିକଟରେ ହୋଇଥିବା ଜିଲ୍ଲା ସଭାପତି ଚୟନ/ ନିଯୁକ୍ତିରେ ପିସିସି ସଭାପତି ଶ୍ରୀ ଦାସଙ୍କ ଭୂମିକାକୁ ନେଇ ମଧ୍ୟ ଜିଲ୍ଲାସ୍ତରରେ ସ୍ୱର ଉଠିଛି ।

## ରିମାଣ୍ଡରେ...

ଶେଷ ହେବ । ଯେଉଁ ଦଲାଲଙ୍କୁ ରିମାଣ୍ଡ ନିଆଯାଇଛି, ନୀତିଶ ସହ ତାଙ୍କର କ୍ରସ ଜେରା ହେବ ବୋଲି କୁହାଯାଉଛି ।

ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଘୋଟାଲାର ଚେର ବିହାର ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ସିବିଆଇ ୫ଜଣଙ୍କୁ ଗିରଫ କରିଛି । ପୂର୍ବରୁ ପୋଲିସ-କ୍ରାଇମ୍‌ବ୍ରାଞ୍ଚ ୧୨ ଦଲାଲ ଓ ୧୧୪ ଆଶାୟୀଙ୍କୁ ଗିରଫ କରିଥିଲେ । ଆଶାୟୀମାନେ ଜାମିନ ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪ଜଣଙ୍କୁ ସିବିଆଇ ଜେରା କରିଛି । ୫ ଦଲାଲଙ୍କୁ ରିମାଣ୍ଡ ଜେରା କରାଯାଇଥିବା ବେଳେ ପୁଣି ମୁନା ମହାନ୍ତି, ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା ସମେତ ୪ଜଣଙ୍କୁ ୫ଦିନ ପାଇଁ ହେପାଜତକୁ ନେଇଛି ସିବିଆଇ । ପୂର୍ବରୁ ମିଳିଥିବା ତଥ୍ୟ ଭିତ୍ତିରେ ୪ ଦଲାଲଙ୍କୁ ବ୍ୟାପକ ଜେରା କରାଯିବ । ଦୁଇଦିନିଆ ରିମାଣ୍ଡରେ ଥିବା ନୀତିଶ କୁମାରଙ୍କୁ ଗୁରୁବାର ଝାଳବୁହା ଜେରା କରାଯାଇ ବହୁ ତଥ୍ୟ ସଂଗ୍ରହ କରାଯାଇଛି ।

ଦଲାଲମାନେ ରାଜ୍ୟ ଓ ବାହାର ରାଜ୍ୟରେ ଏଜେଣ୍ଟ ନିଯୁକ୍ତ କରି ଆଶାୟୀଙ୍କୁ ଯୋଗାଡ କରିବା ସହ ସେମାନଙ୍କ ନିକଟରୁ ସାର୍ଟିଫିକେଟ୍ ଓ ଅଗ୍ରୀମ ୧୦ଲକ୍ଷ ଲେଖାଏଁ ଟଙ୍କା ନେଉଥିଲେ । ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଓ ତା'ର ଅନୁଷ୍ଠାନ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାର ଆଶାୟୀଙ୍କ ଟଙ୍କା ନେବା ସହ ବାହାର ରାଜ୍ୟର ଆଶାୟୀଙ୍କ ଠାରୁ ଟଙ୍କା ମଧ୍ୟ ନେଉଥିଲେ । ବିହାରରୁ ଗିରଫ ହୋଇଥିବା ତିନିଜଣ ଖୁଲାସା କରିବେ ବିହାରରୁ କେତେ ପିଲାଙ୍କ ଠାରୁ ଟଙ୍କା ନିଆଯାଇଛି । ଏହି ଦଲାଲମାନଙ୍କୁ ସାହାଯ୍ୟ କରୁଥିବା ଓପିଆର୍‌ବିର ୪ ଅଫିସର ଓ ରାଜ୍ୟ ପୋଲିସର ଦୁଇ ଆଇପିଏସ୍‌ଙ୍କୁ ସିବିଆଇ ଡାକିବା ପରେ କେଉଁ ନେତାମାନେ ଏହି ଘୋଟାଲାରେ ଏମାନଙ୍କୁ ସାହାଯ୍ୟ କରୁଥିଲେ ତାହା ଜଣାପଡିବ । ଶଙ୍କର ପୃଷ୍ଟିକୁ ସିବିଆଇ ରିମାଣ୍ଡରେ ନେଇ ଜେରା କରିବା ପରେ ନେତା, ଅଫିସରଙ୍କ ସମ୍ପର୍କରେ ସବୁ ସ୍ପଷ୍ଟ ହେବ । ତା'ପରେ ସେମାନଙ୍କୁ ସିବିଆଇ ନୋଟିସ୍ କରିବ ହାଜର ହେବା ପାଇଁ ବୋଲି ଅସମର୍ଥିତ ସୂତ୍ରରୁ ଜଣାପଡିଛି ।

# ୧୩ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

ଭୁବନେଶ୍ୱର (ସବ୍ୟୁ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍), ପକ୍ଷରୁ ଆସନ୍ତା ୧୩ ଡିସେମ୍ବର ୨୦୨୫ରେ ଚତୁର୍ଥ ଜାତୀୟ ଲୋକ ଅଦାଲତ ଓ ସମାଧାନଶିବିର ଆୟୋଜିତ ହେବ । ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଦ୍ୱରିତ ସମାଧାନ ପାଇଁ ଏହିପଦକ୍ଷେପ ଗ୍ରହଣ କରାଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ଢାଞ୍ଚା ଅନୁଯାୟୀ ଏହି ଶିବିର ଆୟୋଜିତ ହେଉଛି । ଏହି ଲୋକ ଅଦାଲତ ସକାଳ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏଠାରେନିୟୋଜିତ ସ୍ୱତନ୍ତ୍ର ଟିମ୍ ଉପଭୋକ୍ତାମାନଙ୍କୁ ସେମାନଙ୍କର ବକେୟା ଏନଫୋର୍ସମେ ମାମଲାଗୁଡ଼ିକର ସମାଧାନ ଏବଂ ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବାରେ ସହାୟତା ପ୍ରଦାନ କରିବେ ।

# ଭାରତରେ ଅଧିକ ନିବେଶ କରିବ ଆମାଜନ

ଭୁବନେଶ୍ୱର (ସବ୍ୟୁ) : ଆମାଜନର "ସମ୍ଭାବ ସମ୍ମିଳନୀ'ର ଷଷ୍ଠ ସଂସ୍କରଣରେ ପ୍ରକାଶିତ କୀଷ୍ଟୋନ୍ ଷ୍ଟ୍ରାଟେଜିର ଏକ ଅର୍ଥନୈତିକପ୍ରଭାବ ରିପୋର୍ଟ ପ୍ରକାଶ କରିଛି ଯେ ୨୦୧୦ ପରଠାରୁ ଭାରତରେ ଆମାଜନର ୪୦ ବିଲିୟନ ଡଲାରର କ୍ରମାଗତ ନିବେଶମାଧ୍ୟମରେ କର୍ମଚାରୀ କ୍ଷତିପୂରଣ ଏବଂ ଭିତ୍ତି ଭୂମି ବିକାଶ ଅନ୍ତର୍ଭୁକ୍ତ, ଭାରତର "ଆତ୍ମନିର୍ଭର' ଦୃଷ୍ଟିକୋଣରେ ଗୁରୁତ୍ୱପୂର୍ଣ୍ଣ ଅବଦାନରଖିଛି । କୀଷ୍ଟୋନ୍ ଅନୁଯାୟୀ, ଏହି ନିବେଶଗୁଡ଼ିକ ଆମାଜନକୁ ଭାରତରେ ସର୍ବବୃହତ ବିଦେଶୀ ନିବେଶକ, ଇ-କମର୍ସ ରପ୍ତାନିରସର୍ବବୃହତ ପ୍ରମୋଟର ଏବଂ ଦେଶର ଶ୍ରେଷ୍ଠ ନିଯୁକ୍ତି ସୃଷ୍ଟିକାରୀଙ୍କ ମଧ୍ୟରୁ ଗୋଟିଏ ଭାବରେ ପ୍ରତିଷ୍ଠିତ କରିଛି ।


C-1779

OFFICE OF THE MUNICIPAL COUNCIL, NAYAGARH

No. 3017 / Dt. 10.12.2025

1st CORRIGENDUM NOTICE

Due to unavoidable circumstance the Tender Call Notice No. 2163 dated 03.12.2025, Tender Reference No. MULNGR-12/2025-26, Tender ID : 2025_ORULB_122503_1 may be read as fallows

"The Revised Checklist for Technical Bid Evaluation may kindly be seen in the e-Procurement portal https //tendersodisha.gov.in"

Sd/- Executive Officer, Nayagarh Municipality

OIPR : 13134/11/0049/2526



E-580 The Chief District Medical & Public Health Officer, Angul

TENDER CALL NOTICE FOR HIRING OF VEHICLES

No. 2931 Date : 10.12.25

Sealed tenders are invited from Travel Agencies/ Tour Operators/ Individual for hiring of 1(one)no. of diesel/petrol vehicle towards engagement at DPMU Angul, & 1(one)no. of diesel/petrol vehicles towards engagement at NVBDCP Angul on monthly hiring basis and daily hiring basis. Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.odisha.gov.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd/- CDM & PHO, Angul

OIPR : 10142/11/0018/2526



E-581 E.mail : vimsarsuptd24@gmail.com

GOVERNMENT OF ODISHA
HEALTH & FAMILY WELFARE DEPARTMENT
OFFICE OF THE SUPERINTENDENT VSS INSTITUTE OF MEDICAL SCIENCES & RESEARCH, BURLA,(SAMBALPUR) ODISHA-768017

No.19076/VIMSAR Dated, Burla, the 5th December ,2025

TENDER CALL NOTICE

Sealed Tenders are hereby invited by the undersigned from the reputed Authorized Dealers & Registered firms under GST Act for supply of Dry View Film of size 14x17 of Carestream make for use in the pnnter of MRI machine installed in this hospital so as to reach this office of the Superintendent. VSS Instrtute of Medical Sciences & Research, Burla on or before dt. 08-01-2026 up to 5.00 P.M. through Regd.Post/ Speed Post/ Couriers only and that will be opened in the next working day at 12.30 P.M.

The detail terms and conditions of this Tender Call Notice can be downloaded from Dist. Website "sambalpur odisha gov in" and Institute website www.vimsar ac. in.

The undersigned/committee reserves the full right to accept in full or reject any or all the tenders without assigning any reasons thereof.

Sd/- Superintendent, VSS Inst. of Med. Sc & Research, Burla

OIPR : 10187/11/0056/2526


## ଅଶାନ୍ତ...

ମଧ୍ୟରେ ଜିଲ୍ଲାକୁ ଆସିଥିବା ବଙ୍ଗୀୟ ଶରଣାର୍ଥିଙ୍କୁ ବାଦ ଦେଇ ପରବର୍ତ୍ତି ସମୟରେ ଯେଉଁ ମାନେ ଜିଲ୍ଲାକୁ ଆସିଛନ୍ତି ସେମାନଙ୍କୁ ଅନୁପ୍ରବେଶକାରୀ ଭାବେ ଗ୍ରହଣ କରି ତୁରନ୍ତ ଚିହ୍ନଟ କରିବା ସହିତ ଜିଲ୍‌ଶରୁ ତଡ଼ିବାର ବ୍ୟବସ୍ଥା କରିବା , ଜିଲ୍ଲାରେ ପେସା ଆଇନ ଲାଗୁ କରିବା ଆଦି ଦାବି ରଖିଥିଲେ । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ସଂଗଠନର ସମସ୍ତ ଦାବି ଶୁଣିଥିବା ବେଳେ ପ୍ରଥମେ ଶାନ୍ତି ଫେରାଇ ଆଣିବାକୁ ଅନୁରୋଧ କରିଥିଲେ । ଉପମୁଖ୍ୟମନ୍ତ୍ରୀଙ୍କ ସହିତ ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଗୋକୁଳାନନ୍ଦ ମଲ୍ଲିକ, ସ୍ଥାନୀୟ ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲାପାଳ ସୋମଶ ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ. ପୂର୍ବତନ ବିଧାୟକ ମାନସ ମାଡ଼କାମୀ, ପୂର୍ବତନ ଆଦିବାସୀ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ୧୪ ଗୋଟି ଆଦିବାସୀ ସଂଘର କର୍ମକର୍ତ୍ତା ମାନଙ୍କ ମଧ୍ୟରୁ ଜିଲ୍ଲା ଆଦିବାସୀ ମହାସଂଘ ବନ୍ଧୁ ମୁଦୁଲି, ଆଦିବାସୀ ନେତା ଘେନୁ ମୁଦୁଲି, ଘନଶ୍ୟାମ ମାଡ଼କାମୀ, ଜାରା ଶବର ମାଡ଼ୀ, ବୁଧ୍ରା କାର୍ତ୍ତାମୀ, ନୀଳକଣ୍ଠ ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଥାଉକି ଜଣେ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ନଦୀରୁ ଉଦ୍ଧାର ହେବା ଓ ଦୀର୍ଘ ତିନି ଦିନ ବିତିଗଲା ପରେ ମଧ୍ୟ ମୁଣ୍ଡ ନ ମିଳିବା ଘଟଣାକୁ ନେଇ ଆଦିବାସୀ ଗ୍ରାମ ରାଖେଲଗୁଡା ଓ ଏମଭି -୨୬ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲଶ । ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀ ମାନେ ଅଣଆଦିବାସୀ ଗ୍ରାମରେ ପଶି ଅନେକ ଘର ଭଙ୍ଗାରୁଜା କରିବା ସହ ଘରେ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତି ସମୟରେ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା । ଘଟଣା ଘଟିଥିବା ଏମଭି -୨୬ ଗ୍ରାମରେ ଜିଲ୍ଲାପାଳ, ଏସପି ଓ ପୁଲିସ ଟିମ୍ ପହଁଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ । ପ୍ରକାଶ ଥାଉ କି ମହିଳାଙ୍କୁ ହତ୍ୟା କରି ନଦୀରେ ଫୋପାଡି ଦିଆଯାଇଥିବା ଆଦିବାସୀ ମହିଳାଙ୍କ ଜମିକୁ ଭାଗ ଚାଷ ଅଣ ଆଦିବାସୀ କରି ଆସୁଥିବାବେଳେ ଏହି ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ ପରିସ୍ଥିତି ସୃଷ୍ଟି ହୋଇ ଥିବା ଜଣା ପଡିଛି ।

## ହୀରାକୁଦ...

(ପ୍ରସାଦ), ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ରୀୟ ସହାୟତା (ଏସିଏଟିଆଇଡି) ଆଦି ଯୋଜନା ଓ କାର୍ଯ୍ୟକ୍ରମ ଜରିଆରେ ପ୍ରାଥମିକତା ଭିତ୍ତିରେ ପାଣ୍ଠି ଯୋଗାଇ ଦେଇଥାନ୍ତି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କହିଛନ୍ତି । ଏହାବ୍ୟତୀତ ପର୍ଯ୍ୟଟନ ସଂକ୍ରାନ୍ତ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦିଅନ୍ତି । କେବଳ ସେତିକି ନୁହେଁ ମନ୍ତ୍ରଣାଳୟ ପକ୍ଷରୁ ସମ୍ପୃକ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶର ପର୍ଯ୍ୟଟନ ପ୍ରକଳ୍ପର କାର୍ଯ୍ୟକାରିତା ନିରନ୍ତର ଭାବେ ସମୀକ୍ଷା କରାଯାଇଥାଏ ।

## ମୋଦୀ-ଟ୍ରମ୍ପ...

ପ୍ରଧାନମନ୍ତ୍ରୀ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଟ୍ରମ୍ପଙ୍କ ସହ ବାର୍ତ୍ତାଳାପ ବେଶ୍ ଉତ୍ସାହଜନକ ରହିଛି । ଆମେ ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ନେଇ ସମୀକ୍ଷା କରିବୁ ଓ ଆଞ୍ଚଳିକ, ଅନ୍ତଃରାଷ୍ଟ୍ରୀୟ ବିକାଶ କ୍ଷେତ୍ରରେ ସମୀକ୍ଷା କରାଯିବ । ଭାରତ ଓ ଆମେରିକା ଏକାଠି ବିଶ୍ୱଶାନ୍ତି ପାଇଁ କାର୍ଯ୍ୟ କରିବେ । ଗତ ଅକ୍ଟୋବରରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

# ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାଶନ୍ ଟୁର : ମୋଟରସ୍ପୋର୍ଟ ଓ ଫ୍ୟାଶନର ମିଶ୍ରଣ

ଜୟପୁର : ଜୟପୁରରେ ବ୍ଲେଣ୍ଡର୍ସ ପ୍ରାଇଡ୍ ଫ୍ୟାଶନ ଟୁର ଆୟୋଜିତ ହୋଇଯାଇଛି । ସେଠାରେ ମୋଟରସ୍ପୋର୍ଟ ଶକ୍ତି ସହିତ ହାଇ ଫ୍ୟାଶନର ମିଶ୍ରଣ ଦେଖିବାକୁ ମିଳିଛି । ଏହି ସଂସ୍କରଣରେ ମୋଟରସ୍ପୋର୍ଟସ-ଅନୁପ୍ରାଣିତ ଡିଜାଇନ, ଗ୍ଲାମରସ ପୋଷାକ ଏବଂ ହାଇ-ଅକେଫନ ଗ୍ଲାମର ପ୍ରଦର୍ଶିତ ହୋଇଥିଲା, ଯାହା ଫ୍ୟାଶନର୍ର ପରବର୍ତ୍ତୀ ପଦକ୍ଷେପକୁ ଚିହ୍ନିତ କରିଛି । ଫ୍ୟାଶନ ଡିଜାଇନ କାଉନସିଲ ଅଫ୍ ଇଣ୍ଡିଆ (ଏଫଡିସିଆଇ) ସହଭାଗୀତାରେ ଆୟୋଜିତ ଏହି ରନେୱେରେ ଡିଜାଇନର୍ ନମ୍ରତା ଜୋଶୀପୁରା ଏବଂ ଅଭିଷେକ ପାଟନୀ ଶକ୍ତିଶାଳୀ ମୋଟରକୋର-ଅନୁପ୍ରାଣିତ ଲୁକ୍ ଉପସ୍ଥାପନ କରିଥିଲେ, ଯାହା ରନେୱେରେ ରେସିଂ ଭାବନା ଆଣିଥିଲା । ହରନାଜ ସାନ୍ଧୁ ଶେଷ ଶୋଡ଼'ଷ୍ଟପର ଭାବରେ ଚମତ୍କାର ପ୍ରଦର୍ଶନ କରିଥିଲେ, ଯେବେକି ରଫ୍‌ତାରଙ୍କ ଦମଦାର ପ୍ରଦର୍ଶନ ସହିତ ରାତି ଶେଷ ହୋଇଥିଲା । ଏସମ୍ପର୍କରେ ପର୍ନୋଡ ରିକାର୍ଡ ଇଣ୍ଡିଆର ସିଏମଓ ଦେବଶ୍ରୀ ଦାସଗୁପ୍ତା କହିଛନ୍ତି, ବ୍ଲେଣ୍ଡର୍ସ ପ୍ରାଇଡ ଫ୍ୟାଶନ ଟୁରର ଜୟପୁର ଏଡିସନରେ ହାଇ-ଅକେଫନ ମୋଟରସ୍ପୋର୍ଟ ସହିତ ଗ୍ଲାମରସ ହାଇ-ଫ୍ୟାସନକୁ ମିଶ୍ରଣ କରାଯାଇଛି । ସେହିଭଳି ଡିଜାଇନର ଅଭିଷେକ ପାଟନୀ କହିଛନ୍ତି ଯେ, ଏହି ସହଭାଗୀତା ସହିତ ଏକାଠି ଆମେ ଫ୍ୟାଶନକୁ ଏକ ନୂଆ ମୋଡ଼ ଦେଇଛୁ ଏବଂ ସ୍ପିଡକୁ ଷ୍ଟାଇଲ ସହିତ ମିଶ୍ରଣ କରିଛୁ, ଯାହା ଫ୍ୟାଶନର ଏକ ବୋଲ୍ଡ ଝଲକ ଉପସ୍ଥାପନ କରୁଛି ।


AFFIDAVIT

By virtue of an affidavit No.-5335/ dtd. 26.08.25 sworn before the Executive Magistrate Tihidi, I Raj Narayan Sahoo son of Nirakar Sahoo, At-Achak, Po-Maharampur, Ps- Tihidi, Dist-Bhadrak, Odisha, declare that I have changed my name from Rajnarayan Sahoo Nirakar Sahoo to Rajnarayan Sahoo. Henceforth I shall be known as Rajnarayan Sahoo for all purposes.

Rajnarayan Sahoo



GOVERNMENT OF ODISHA :OFFICE OF THE SUPERINTENDING ENGINEER
RURAL WORKS DIVISION-I, KALKANGIRI

O-1764

NATIONAL COMPETITIVE BIDDING THROUGH e-Procurement

1st Corrigendum to Online Tender 06/RWD-1, MKG/2025-26 dt. 01.12.2025

In Partial modificaiton to this office tender call notice Online Tender 06/RWD-I, MKG/2025-26 dt. 01.12.2025 availability of Tender on-line for biding have been resceduled as follows :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -06/RWD-I, MKG / 2025-26 (Rev) | Total 12 nos. (single cover) | 15.12.2025 from 11.00 AM | 29.12.2025 up to 5.00 PM | 26.12.2025 up to 5.00 PM | Tech Bid opening : (Single Cover) 30.12.2025 at 11.00 AM |

Sd/- Executive Engineer
R.W. Division-I, Malkangiri

OIPR : 25058/11/0023/2526



INVITATION FOR BIDS (IFB)
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO : RWS&S DIVN., PURI - 23 OF 2025-26

O-1746

Ph. (06752) 251276 Fax - (06752) 251276 E-mail - eerwsspuri@gmail.com

The Executive Engineer, RWS&S Division, Puri on behalf of Governor of Odisha invites Percentage rate price bids trough e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Natue of Work | : | Execution of electrical installation work for providing Power supply to different RWSS Points for the purpose of supply of drinking water in Puri District. |
|---|---|---|---|
| 1. | No. of works | : | 02 (Two) |
| 2. | Estimated Cost | : | Rs. 6.61 Lakh (app.) to Rs. 8.64 Lakh (app.) |
| 3. | Time of Completion | : | 02 (Two) Months. |
| 4. | Cost of bidding document | : | Rs. 4000/- |
| 5. | Class of Contractors eligible | : | Holder of HT Licenses of ELBO |
| 6. | Availability of bids on-line | : | From 11.00 hour of 15.12.2025 to 17.00 hours of 26.12.2025 |
| 7. | Last date and time for seeking clarification | : | 17.00 hours of 23.12.2025 |
| 8. | Date & time of opening of technical bids | : | On dt. 29.12.2025 at 11.30 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents sould be dropped in dropping box before opening of technical bid in Division Office). |
| 9. | Date and time of opening of financial bids | : | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

Sd/- Superintending Engineer
RWS&S Division, Puri

OIPR : 25017/11/0021/2526



INVITATIONS FOR BIDS (FIB)
ODISHA STATE CASHEW DEVELOPMENT CORPORATION LIMITED, KAJUBHAWAN, GHATIKIA, BHUBANESWAR
E-Mail : contact@oscdc.com

CAD-2664

e-Procurement Notice

Bid Identification Number : OSCDC-06 OF 2025-26

Tender Call Notice No : 3514 Date : 11.12.2025

| | |
|---|---|
| Name of the work : | 1. Construction of Administrative-cum-Labourshed Building at Kathagada Nursery, Rambha, Ganjam. 2. Constructin of C.C. Road at Khathagada Nursery, Rambha, Ganjam. 3. Installation of Bore Well & Construction of Water Sump at Kathagada Nursery, Rambha, Ganjam. |
| Total No. of Projects : | 3 (Three) numbers |
| Estimated cost of projects : | Varies from Rs. 6.84 lak to Rs. 39.73 lakh (Excluding GST) |
| Class of Contractor : | For the work at sl.no. 1- "C" & "B" Class and for the works at sl.no. 2 & 3- "D" & "C" Class (of Odisha PWD) or equivalent Class of other licensing authorities. |
| Period of Completion : | As per TCN |

Other details :

| Procurement Officer | Bid Identification No. | Availability of Tender online for bidding | | Submission of Original Documents | Date & Place of Openign of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD, BHUBANESWAR | OSCDC-06 of 2025-26 | 12.12.2025 from 11.00 A.M. | 26.12.2025 up to 5.00 P.M. | During office hours of working days from dt. 15.12.2025 from 11.00 AM to 29.12.2025 upto 05.00 PM in the Office of Executive Engineer, OSCDC, Kujubhawan, Bhubaneswar, 751029 (To be dropped in the sealed Box) | Dt. 30.12.2025 at 11.30 AM in the conference hall, OSCDC, Kujubhawan, Bhubaneswar 751029 |

Furter details can be seen from the website www.tendersodisha.gov.in

Sd/- Managing Director

OIPR : 01049/11/0040/2526


## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## 'ଓଡ଼ିଶା ଟୁଡ଼େ'ର ୨୧ତମ ବାର୍ଷିକ ଉତ୍ସବ

# ସାମ୍ବାଦିକମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ୍

ଭୁବନେଶ୍ୱର, (ସବ୍ୟୁ) : ସମାଜ ସୁଧାର ପାଇଁ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ ସହ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ୍ । ଯଦି ଖବର ସତ୍ୟ ଓ ନିରପେକ୍ଷ ନହେବ, ତେବେ ସମାଜର କ୍ଷତି ହେବ ଏବଂ ଚତୁର୍ଥ ସ୍ତମ୍ଭର ମାନେ କିଛି ରହିବିନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଗୁରୁବାର ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଦୈନିକ ଇଂରାଜୀ ସମ୍ବାଦପତ୍ର 'ଓରିଶା ଟୁଡ଼େ'ର ୨୧ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋକପାତ କରିଥିଲେ । ଉଦ୍‌ଘାଟକ ଭାବେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ଭାବେ ଢେଙ୍କାନାଳ ଆଇଆଇଏମ୍‌ସିର ଅଧ୍ୟକ୍ଷ ମୃଣାଳ ଚାଟାର୍ଜୀ ଯୋଗଦେଇ ସମ୍ବାଦପତ୍ରର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଆୟକର ବିଭାଗର ପୂର୍ବତନ ପ୍ରମୁଖ ମୁଖ୍ୟ ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମରବର ଦାସ, ଇଫ୍‌କୋର ପିଆରଓ ପ୍ରସନ୍ନ ବେଉରା, ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲ୍ଲୀପ ବିଶୋଇ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ ।




ଓରିଶା ଟୁଡ଼େର ସମ୍ପାଦକ ଅବିନାଶ ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ମନୋଜ ଦାସ, ମିତ୍ରଭାନୁ ପଲେଇ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଶେଷରେ ଓରିଶା ଟୁଡ଼େର ଖୋର୍ଦ୍ଧା ପ୍ରତିନିଧି ମାଧବାନନ୍ଦ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବେପରୁଆ ଗାଡି ଚାଳନା ଗାଡି ଜବତ ଓ ଚାଳକ ଅଟକ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ବଜାରରେ ବେପରୁଆ ଭାବେ ଗାଡି ଚାଳନା କରିବା ଅଭିଯୋଗରେ ଥାନା ପୋଲିସ ଗାଡି ଚାଳକକୁ ଅଟକ ରଖିଥିଲା ବେଳେ ଗାଡିକୁ ଜବତ କରିଛନ୍ତି । ଆଜି ରାତିରେ କଟିକଟା ଜୟପୁର ପୂର୍ତ୍ତ ବିଭାଗ ରାସ୍ତାର ଅସୁରେଶ୍ୱର ବଜାରରେ ଜଣେ ମଦ୍ୟପ ଗାଡି ଚାଳକ ବେପରୁଆ ଭାବେ ଗାଡି ଚାଳନା କରୁଥିଲେ । ବେପରୁଆ ଭାବେ ଗାଡି ଚାଳନା ହେତୁ ଅଳ୍ପକେ ବହୁ ଲୋକ ନିଶ୍ଚିତ ମୃତ୍ୟୁ ମୁଖରୁ ବଂଚିଯାଇଥିଲେ । ଏସମ୍ପର୍କରେ ଲୋକେ ନିଶ୍ଚିନ୍ତକୋଇଲି ଥାନା ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରେ ପହଂଚି ଗାଡିକୁ ଜବତ କରିଥିଲା ବେଳେ ଚାଳକକୁ ଅଟକ ରଖିଛନ୍ତି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ପ୍ରକାଶ ପାଇଛି ।



ପୁରୀବାସୀଙ୍କ ଶ୍ରୀମନ୍ଦିର ପ୍ରବେଶ ଓ ଶ୍ରୀଜଗନ୍ନାଥ ଦର୍ଶନ ପାଇଁ ସୁବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରୁଛନ୍ତି ପୁରୀର ବିଶିଷ୍ଟ ବ୍ୟକ୍ତିମାନେ ।

## ଆନ୍ତଃରାଜ୍ୟ ବନ୍ଧୁକ କାରବାରର ପର୍ଦ୍ଦାଫାଶ

# ଦୁଇ ଗିରଫ : ୬ ବନ୍ଧୁକ ଜବତ

ଭୁବନେଶ୍ୱର, (ସବ୍ୟୁ): ଆନ୍ତଃରାଜ୍ୟ ବନ୍ଧୁକ କାରବାରର ପର୍ଦ୍ଦାଫାସ କରିଛି କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ । ବଡଗଡ ଥାନା ଅନ୍ତର୍ଗତ ବାଙ୍କୁଆଳ ଅଞ୍ଚଳରୁ ଦୁଇ ବିହାରୀ ବନ୍ଧୁକ ବେପାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୬ବନ୍ଧୁକ ଓ ୭ ଗୁଳି ଜବତ କରିଛି । ବିହାରର ପିଣ୍ଟୁ କୁମାର ଓ ଐନାଶ କୁମାରକୁ ବଡଗଡ ଥାନା ଅନ୍ତର୍ଗତ ବାଙ୍କୁଆଳ ବାଲିଯାତ୍ରା ପଡିଆରୁ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଗିରଫ କରାଗଲା । ଦୁଇ ଅଭିଯୁକ୍ତ ବିହାରରୁ ବନ୍ଧୁକ ଆଣି ଭୁବନେଶ୍ୱରର ବ୍ୟବସାୟୀଙ୍କୁ ଦେବାକୁ ଅପେକ୍ଷା କରିଥିବା ବେଳେ ଏସ୍‌ଟିଏଫ୍ ଟିମ୍ ଚଢାଉ କରି ଦୁଇଜଣଙ୍କୁ କାବୁ କରିଥିଲା । ପୂର୍ବରୁ ଏସ୍‌ଟିଏଫ୍ କଟକ ୪୨ମୌଜା ବନ୍ଧୁକ କାରଖାନା ସମ୍ପର୍କରେ ସୂଚନା ପାଇ ଚଢାଉ କରିବା ସହ ବିପୁଳ ପରିମାଣର ବନ୍ଧୁକ ଜବତ କରି ଦୁଇଭାଇଙ୍କୁ ଗିରଫ କରିଥିଲା ।

ତାଙ୍କ ସୂଚନା ଆଧାରରେ ବିହାର ମୁଙ୍ଗେର ଅଞ୍ଚଳରେ ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରି କାରବାର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲା । ସୂଚନା ଆଧାରରେ ଗୁରୁବାର ଦୁଇ ବିହାରୀ ବନ୍ଧୁକ ବେପାରୀଙ୍କୁ ଗିରଫ କରିବା ପରେ ଆନ୍ତଃରାଜ୍ୟ ବନ୍ଧୁକ କାରବାର ସମ୍ପର୍କରେ ବହୁ ତଥ୍ୟ ମିଳିଛି । କେବଳ ଏସ୍‌ଟିଏଫ୍ ନୁହେଁ, କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍‌ୟୁନିଟ୍ ଓ ବ୍ରହ୍ମପୁର ପୋଲିସ ବନ୍ଧୁକ ବେପାରୀଙ୍କୁ ଗିରଫ କରିବା ସହ ବିପୁଳ ପରିମାଣର ବନ୍ଧୁକ ଓ ଗୁଳିଗୋଳା ଜବତ କରିଛନ୍ତି । ବିହାର ମୁଙ୍ଗେରରେ ଦେଶୀ ଓ ଅଟୋମେଟିକ୍ ବନ୍ଧୁକ କାରଖାନାରୁ ଓଡ଼ିଶାକୁ କ୍ରମାଗତ ଭାବେ ବନ୍ଧୁକ ଚାଲାଣ ହେଉଛି ।

ଏଠାରେ ଷ୍ଟକିଷ୍ଟ ସେମାନଙ୍କ ଠାରୁ ମାଲ ସଂଗ୍ରହ କରି ଡିଷ୍ଟ୍ରିବ୍ୟୁଟରଙ୍କ ସହାୟତାରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବାଲେଶ୍ୱର, ପୁରୀ, ନୟାଗଡ, ଖୋର୍ଦ୍ଧା, ଯାଜପୁର, ଭଦ୍ରକ ଓ ପଶ୍ଚିମବଙ୍ଗ ପ୍ରଭୃତି ଅଞ୍ଚଳକୁ ଡିଷ୍ଟ୍ରିବ୍ୟୁଟ୍ କରୁଛନ୍ତି । ଯେଉଁ ଅନୁସାରେ ସେମାନଙ୍କୁ ଗିରଫ କରାଯାଉଛି, ନୂଆ ନୂଆ ଚାଲାଣକାରୀ ନୂଆ ରୂପରେ ଚାଲାଣ କରୁଛନ୍ତି । ଗିରଫଦାରୀ ସହ ବନ୍ଧୁକ ଜବତ ହେବା ପରେ କାରବାର ଥମିବା ପରିବର୍ତ୍ତେ ନୂଆ ନୂଆ ତରିକାରେ କାରବାର ହେଉଛି ।

## ମାର୍ଶାଘାଇ ଥାନା ପୁଲିସ ବିରୋଧରେ

# ମାଜିଷ୍ଟ୍ରେଟ କରିବେ ଅଦାଲତ ଅବମାନନା :ହାଇକୋର୍ଟ

କଟକ,(ସବ୍ୟୁ): କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତ ମାର୍ଶାଘାଇ ଥାନାକୁ ଏକ ଘରପୋଡ଼ି ଘଟଣାର ସାନି ତଦନ୍ତ କରି ଚାର୍ଜସିଟ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ମାର୍ଶାଘାଇ ପୁଲିସ୍ ମାଜିଷ୍ଟ୍ରେଟ୍‌ଙ୍କ ଆଦେଶକୁ କାର୍ଯ୍ୟକାରୀ ନକରିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତଙ୍କୁ ମାର୍ଶାଘାଇ ପୁଲିସ୍ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହ ଅଦାଲତ ଅବମାନନା ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ସୁକଦେବ ଶରଣସିଂହଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶ ଏହି ଆଦେଶ ଦେଇଛନ୍ତି ।

ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀଙ୍କ ଘରକୁ କିଛି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ଏନେଇ ଆବେଦନକାରୀ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ । ଏହି ଏତଲା ଆଧାରରେ ପୁଲିସ୍ ଯେଉଁ ଚାର୍ଜସିଟ୍ ଦେଇଥିଲା ସେଥିରେ ମୁଖ୍ୟ ଅଭିଯୁକ୍ତଙ୍କ ନାମ ନଥିବା ଆବେଦନକାରୀ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଗ୍ରହଣ କରି କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତ ମାର୍ଶାଘାଇ ଥାନାକୁ ଘଟଣାର ସାନି ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପୁଲିସ୍ ଏହି ଘଟଣାରେ କୌଣସି ରିପୋର୍ଟ ଅଦାଲତରେ ଦାଖଲ କଲା ନାହିଁ । ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

ହାଇକୋର୍ଟ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଅଦାଲତ କେବଳ ଏକ ଅଫିସ୍ ନୁହେଁ । ଯଦି ଉପର କୋର୍ଟରେ ଆଦେଶକୁ ଚ୍ୟାଲେଞ୍ଜ କରଯାଉନି ତାହେଲେ ଅଦାଲତର କାମ ହେଉଛି ଉକ୍ତ ଆଦେଶ କାର୍ଯ୍ୟକାରୀ ହେଲା କି' ନାହିଁ ତାହା ତଦାରଖ କରିବେ । ଯଦି ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ ନକରି ତାହା ଉପରେ ଅଧିକାରୀ ବସି ଯାଉଛନ୍ତି ସେ କ୍ଷେତ୍ରରେ ଅଦାଲତ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା । ଏପରିକି ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟିକୁ ଆଣିବା କଥା । ଯଦି ଆବ୍ୟକ ପଡ଼େ ତାହେଲେ ଦାୟୀ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ମଧ୍ୟ ରୁଜୁ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଏସ୍‌ଡିଜେଏମ୍‌ଙ୍କ ଅଦାଲତ ଏ କ୍ଷେତ୍ରରେ ସମ୍ପୃକ୍ତ ପୁଲିସ୍ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ ଅଦାଲତ ଅବମାନନା ରୁଜୁ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

# ବିଶ୍ୱ ମାନବାଧିକାର ଦିବସ ପାଳନ

ପିପିଲି, (ସବ୍ୟୁ) : ପିପିଲି ଦେଓ୍ୱାନୀ ସହକାରୀ ଦୌରା ଜଜ କୋର୍ଟରେ ବୁଧବାର ଦିନ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଛି ।ଏଥିରେ ଦେଓ୍ୱାନୀ ସହକାରୀ ଦୌରା ଜଜ ତଥା ତାଲୁକ ଲିଗାଲ କମିଟି ଅଧ୍ୟକ୍ଷ ବିଶେଷ କୁମାର ସାହୁ ଯୋଗ ଦେଇ ଥିବା ବେଳେ ପିପିଲି ଜୁଡ଼ିସିଆଲ ମାଜିଷ୍ଟ୍ରେଟ ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ସ୍ୱାଇଁ ଉପସ୍ଥିତ ରହି ଥିଲେ.ବରିଷ୍ଠ ଆଇନଜୀବୀ ରଶାନ୍ତ କିଶୋର ପରିଡା,ଶିବ ପ୍ରସାଦ ସାହୁ, ରିଟନର ଅନିଲ କୁମାର ଦାସ, ସୂର୍ଯ୍ୟନାରାୟ ନାୟକ, ଶିବ ସୁନ୍ଦର ଜେନାଙ୍କ ସମେତ ସମସ୍ତ ମୋହରିର ଉଭୟ କୋର୍ଟର କର୍ମଚାରୀ ଏବଂ ମହକିଲ ମାନେ ଉପସ୍ଥିତ ଥିବା ବେଳେ ଅଧ୍ୟକ୍ଷ ଶ୍ରୀ ସାହୁ ସମସ୍ତ ମାନବଧିକାର ଆଇନ ପ୍ରଣୟନ ସମ୍ପର୍କ ଉପରେ ଆଲୋକ ପାତ କରିଥିଲେ ।ଏହି କାର୍ଯ୍ୟକ୍ରମକୁ ପିପିଲି ଓକିଲ ସଂଘର ଆଇନ ଯିବି ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିଲେ ।

## ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ସମାରୋହ

# ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଆହ୍ୱାନ

ଖୋର୍ଦ୍ଧା, (ସବ୍ୟୁ): ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ରଙ୍କ ତ୍ୟାଗ ଓ ତିତୀକ୍ଷା ବିଶ୍ୱସ୍ତରରେ ପହଂଚାଇବାକୁ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଆହ୍ୱାନ ଦେଇଛନ୍ତି । ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦ ତରଫରୁ ସ୍ଥାନୀୟ ଜୟୀରାଜଗୁରୁ ଟାଉନ୍ ହଲ୍ ପରିସରରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପଣ୍ଡିତ ମିଶ୍ରଙ୍କ ଲବଣ ସତ୍ୟାଗ୍ରହ ଠାରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନରେ ରହିଥିବା ସଂପୃକ୍ତି ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ବକ୍ତା ଭାବରେ ଅଖିଳ ଭାରତ ଅଧିବକ୍ତା ପରିଷଦର ରାଜ୍ୟ ସଭାପତି ବରିଷ୍ଠ ଆଇନଜୀବି ଅଜିତ କୁମାର ପଟ୍ଟନାୟକ କହିଲେ ଆମ ଇତିହାସରେ କୌଣସି ସଂଗ୍ରାମୀ ତଥା ଶହୀଦ୍ ମାନଙ୍କ ବିଷୟରେ ପଢାଯାଉନଥିବାରୁ ଆମେ ଆଜି ଆମର ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କୁ ଜାଣିପାରୁ ନାହୁଁ । ସେଥିପାଇଁ କ୍ଷୋଭ ପ୍ରକାଶ କରି ଇତିହାସର ପୁନର୍ଲିଖନ ଆଜିର ଆହ୍ୱାନ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅଖିଳ ଚକ୍ର ଓଡିଶାର ସମ୍ପାଦକ ହରେକୃଷ୍ଣ ପଣ୍ଡା ପଣ୍ଡିତ ମିଶ୍ର ବରି ଆଶ୍ରମରେ ରହି କିଭଳି ବିଭିନ୍ନ ସ୍ୱାଧୀନତାର ବାର୍ତ୍ତା ପ୍ରଚାରରେ ଅଗ୍ରସର ହୋଇଥିଲେ ସେ ସଂପର୍କରେ ଅବତାରଣା କରିଥିଲେ ।



ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ନିରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଜୟୀରାଜଗୁରୁ ସ୍ମୃତି ସଂସଦର ରାଜ୍ୟ ସଭାପତି ତଥା ସ୍ମୃତି ପରିଷଦର ରାଜ୍ୟ ସମ୍ପାଦକ ଶିକ୍ଷାବିତ୍ ଡକ୍ଟର ଧୀରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ପ୍ରତିପାଦନ କରିବା ସହିତ ସ୍ୱାଗତ ଭାଷଣ ଦେଇ କହିଲେ ଜୟୀ ରାଜଗୁରୁ ବଳିଦାନ ଦିବସ ଡିସେମ୍ବର ୬ ଠାରୁ ସଂଗ୍ରାମୀ ନାରାୟଣ ମିଶ୍ର ଜୟନ୍ତୀ ଡିସେମ୍ବର ୯ ପର୍ଯ୍ୟନ୍ତ ଦୀର୍ଘ ଚାରିଦିନ ଧରି 'ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସମାରୋହ' ଆସନ୍ତା ବର୍ଷଠାରୁ କରାଯିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟତମ ସମ୍ମାନୀତ ବକ୍ତା ଭାବରେ ଶିକ୍ଷାବିତ୍ ସାହିତ୍ୟିକ ସତ୍ୟବାଦୀ ବଳିୟାରସିଂହ କହିଲେ ପଣ୍ଡିତ ମିଶ୍ରଙ୍କ ଲିଖିତ ଚିଲିକା ଦର୍ଶନ, ଭୋଟର ଭାବନା, ପୂର୍ଣ୍ୟଶ୍ଳୋକ ଓ ଦଶଦିଗ ଆଦି କାବ୍ୟ ଓଡିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ବୋଲି ବିବେଚନା କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଇନର ହ୍ୱିଲ କ୍ଲବର ସଭାନେତ୍ରୀ ଡକ୍ଟର ମିନତା ମହାନ୍ତି, ବିଶିଷ୍ଟ ଶିକ୍ଷାବିତ୍ ସାହିତ୍ୟିକ ଡକ୍ଟର ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗଦେଇ ବାଜପୁର ତଥା ଖୋର୍ଦ୍ଧା ମାଟି ପୂଣ୍ୟାତ୍ମା ପଣ୍ଡିତ ମିଶ୍ରଙ୍କ ପାଇଁ ରଦ୍ଧିମନ୍ତ ହୋଇଥିବା ଦର୍ଶାଇଥିଲେ ।

ଏହି ଅବସରରେ ବିଶିଷ୍ଟ ସମାଜସେବୀ ଓ ପରିବେଶବିତ୍ ସୁକାନ୍ତି ପଟ୍ଟନାୟକ ଓ ଯୁବ ସାମ୍ବାଦିକ କମଳକ୍ରିଷ୍ଣା ମହାନ୍ତି ପ୍ରମୁଖଙ୍କୁ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ 'ସଂଗ୍ରାମୀ ନାରାୟଣ ମିଶ୍ର ସ୍ମୃତି ସମ୍ମାନ' ଭାବରେ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ସେହିପରି ନାଟ୍ୟକାର ସନ୍ତୋଷ ମହାନ୍ତି, ଫଟୋଗ୍ରାଫର୍ ଗୋପିନାଥ ନନ୍ଦୀ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଚିତ୍ରୋତୋଳକ ସନ୍ତୋଷ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମନୋରମା ମିଶ୍ର, ଜୟଦେବ ମିଶ୍ର, ସୁବାସ ସାମନ୍ତରାୟ, ବୈକୁଣ୍ଠନାଥ ରାଜଗୁରୁ, ବଂଶୀଧର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଅଜଣା ଗାଡି ଧକ୍କାରେ ଯୁବକର ମୃତ୍ୟୁ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ଗ୍ରାମପଂଚାୟତ କୋଇଲିରଙ୍ଗି ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି । ଏହି ସନ୍ଦେହଜନକ ମୃତ୍ୟୁକୁ ନେଇ ସାଧାରଣରେ ନା ନା କଥା ଶୁଣିବାକୁ ମିଳୁଛି । ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ କେନ୍ଦ୍ରାପଡା ଜିଲ୍ଲା କୁଦାନଗରୀ ଥାନା କୁଟଲିଙ୍ଗ ଗ୍ରାମର ସୁନାକର ମଲିକଙ୍କ ପୁତ୍ର ମନୋଜ କୁମାର ମଲିକ(୨୫)ଏକ ବାଇକ୍ ଯୋଗେ ଯାଉଥିଲା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏସମ୍ପର୍କରେ ତାଙ୍କ ପରିବାର ତରଫରୁ ନେମାଳ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଅଭିଯୋଗକୁ ଭିତି କରି ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣାଗ୍ରସ୍ତ ବାଇକଟିକୁ ଜବତ କରିବା ସହ ମୃତ ମନୋଜର ଶବକୁ ଜବତ କରି ବ୍ୟବଛେଦ ନିମନ୍ତେ କଟକ ବଡ ଡାକ୍ତରଖାନାକୁ ପଠାଇଛନ୍ତି ।

# କୋଟକ ସିକ୍ୟୁରିଟିଜ୍‌ର ୨୦୨୬ ମାର୍କେଟ ଆଉଟଲୁକ୍: ଇକ୍ୱିଟି ମଜଭୁତ ରହିଛି

ଭୁବନେଶ୍ୱର (ସବ୍ୟୁ): କୋଟକ ସିକ୍ୟୁରିଟିଜ ("କୋଟକ ନିଓ") ତାହାର ୨୦୨୬ ବର୍ଷ ନିମନ୍ତେ ମାର୍କେଟ ଆଉଟଲୁକ୍ (ବଜାର ଦୃଷ୍ଟିକୋଣ) ଉନ୍ମୋଚନ କରିଛି, ଯେଉଁଥିରେ ବିଶ୍ୱସ୍ତରରେ ଅନିଶ୍ଚିତ ପରିସ୍ଥିତି ସତ୍ତ୍ୱେ ଭାରତୀୟ ଇକ୍ୱିଟି ଓ କମୋଡିଟିଗୁଡ଼ିକୁ ନେଇ ଆଶାବାଦର ସୂଚନା ଦିଆଯାଇଛି । ଏହି ରିପୋର୍ଟରେ ଆଗାମୀ ବର୍ଷ ନଜର ରଖିବା ଆବଶ୍ୟକ ଥିବା ମାକ୍ରୋ ଧାରା, କ୍ଷେତ୍ରଭିତ୍ତିକ ସୁଯୋଗ ଏବଂ କମୋଡିଟି ସମ୍ପର୍କିତ ପୂର୍ବାନୁମାନ ଉପରେ



ବିଶେଷ ଭାବରେ ଆଲୋକପାତ କରାଯାଇଛି । ଶ୍ରୀପାଲ ଶାହ, ଏମ୍‌ଡି ଓ ସିଇଓ, କୋଟକ ସିକ୍ୟୁରିଟିଜ କହିଥିଲେ, "ବୈଶ୍ୱିକ ଅସ୍ଥିରତା ମଧ୍ୟରେ ଭାରତ ଅଭିବୃଦ୍ଧିର ଏକ ଆଲୋକବର୍ତ୍ତିକା ହୋଇ ରହିଛି । ଦମ୍‌ଦାର ଉପାର୍ଜନ ଅନୁମାନ ଏବଂ ନୀତିଗତ ସମର୍ଥନ ଦ୍ୱାରା ପରିଚାଳିତ ହୋଇ ଇକ୍ୱିଟିକୁ ନେଇ ଆମର ଦୃଷ୍ଟିକୋଣ ବେଶ୍ ଉତ୍ସାହଜନକ ରହିଛି ଏବଂ ସେହି ସମୟରେ ସୁନା ୨୦୨୬ରେ ଏକ ସୁରକ୍ଷିତ ସମ୍ପତ୍ତି ଭାବରେ ନିଜର ଚମକ ବଜାୟ ରଖିବା ଆଶା କରାଯାଉଛି । ଯୁବ ନିବେଶକଙ୍କ ଦ୍ୱାରା ବର୍ଦ୍ଧିତ ଅଂଶଗ୍ରହଣ ସହିତ ମାର୍କେଟରେ ଗଭୀର ନିୟୋଜନତା ଏବଂ ସମ୍ପତ୍ତି ସୃଷ୍ଟି ହେବାକୁ ଯାଉଛି । ଶିଳ୍ପ କ୍ଷେତ୍ର ସମ୍ପର୍କରେ ସେ କହିଥିଲେ, "ସେବିର ତାତା ସର୍ବେକ୍ଷଣ ଅଧ୍ୟୟନ ଅନୁଯାୟୀ ୬୩% ପରିବାର ଅତିକମ୍‌ରେ ଗୋଟିଏ ପ୍ରତିଭୂତି ବଜାର ଉତ୍ପାଦ ସମ୍ପର୍କରେ ଅବଗତ ରହିଥିଲେ ମଧ୍ୟ ମାତ୍ର ୯.୫% ପରିବାର ସକ୍ରିୟ ଭାବରେ ନିବେଶ କରୁଛନ୍ତି ।

## ଟାଟା ଷ୍ଟିଲ ଲିମିଟେଡ ଓ ଲୟଡସ୍ ମେଟାଲ୍ସ ଆଣ୍ଡ

# ଏନର୍ଜି ଲିମିଟେଡ ସହ ଏକ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଲୟଡସ୍ ମେଟାଲ୍ସ ଆଣ୍ଡ ଏନର୍ଜି ଲିମିଟେଡ ତାହାର ଏମଡି ଶ୍ରୀ ବି.ପ୍ରଭାକରନଙ୍କ ନେତୃତ୍ୱରେ ଟାଟା ଷ୍ଟିଲ ଲିମିଟେଡ ପକ୍ଷରୁ ଏହାର ସିଇଓ ଏବଂ ଏମଡି ଶ୍ରୀ ଟିଭି ନରେନ୍ଦ୍ରନଙ୍କ ସହିତ କଂଚାମାଲଖଣି ଖନନ, ଲଜିଷ୍ଟିକ୍ସ, ପେଲେଟ ଏବଂ ଇସ୍ପାତ ଉତ୍ପାଦନ ଆଦି କ୍ଷେତ୍ରରେ ରଣକୋ÷ଶଳାତ୍ମକ ସହଭାଗୀତା ଅନୁଧାନ କରିବାକୁ ଏକ ଅଣ ବାଧ୍ୟତା ମୂଳକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି । ଏହି ପ୍ରସ୍ତାବିତ ସହଭାଗୀତା ଲୟଡସ୍ ମେଟାଲ୍ସ ଓ ଟାଟାଷ୍ଟିଲ ମଧ୍ୟରେ ବ୍ୟବସାୟ ପରିଚାଳନା କ୍ଷେତ୍ରରେ ସ୍ୱାଭାବିକ ସମ୍ପର୍କକୁ ଉପଯୋଗ କରିବା ଲକ୍ଷ୍ୟ ରଖିଛି । ଏହି ଏମଓୟୁ ଉଭୟ କମ୍ପାନୀ ନିମନ୍ତେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଅନ୍ୟାନ୍ୟ ବିଷୟଗୁଡିକ ମଧ୍ୟରେ ନୂତନ ଇସ୍ପାତ ଉତ୍ପାଦନ ପ୍ରକଳ୍ପ ସମୂହ, ଲୁହାପଥର ଖଣିଖନନ, ସ୍ଲରି ପାଇପଲାଇନ ଭିତିଭୂମି, ଭାରତର ଲୁହାପଥର ସମୃଦ୍ଧ ରାଜ୍ୟଗୁଡିକରେ ପେଲେଟ ପ୍ରସ୍ତୁତି, ପ୍ରତ୍ୟକ୍ଷ ଭାବରେ ଲୁହାପଥର ଉତ୍ପାଦନ ଏବଂମୂଲ୍ୟଯୁକ୍ତ ଲୋ କାର୍ବନ ଲୋ÷ହ ଓ ଇସ୍ପାତସାମଗ୍ରୀ ଗୁଡିକର ରପ୍ତାନି କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ସମ୍ପର୍କରେ ମୂଲ୍ୟାୟନ କରିବାକୁ ଏକ ବିଧିବ୍ୟବସ୍ଥା ନିର୍ଦ୍ଧାରଣକରିଛି । ଏହାର ଲକ୍ଷ୍ୟ ହେଉଛି ଘରୋଇ ଇସ୍ପାତ କ୍ଷେତ୍ରରେ ଦୀର୍ଘସ୍ଥାୟୀ ଓ ସୁସଂହତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ନିମନ୍ତେ ଟାଟାଷ୍ଟିଲ ଓ ଲୟଡସ୍ ମେଟାଲ୍ସର ପରିପୂରକ ସାମର୍ଥ୍ୟକୁ ଉପଯୋଗ କରିବା ।

ବୁଝାମଣାପତ୍ର ଅଧୀନରେ ଉଭୟ କମ୍ପାନୀ ମହାରାଷ୍ଟ୍ରର ଗଡଚିରୋଲି ଜିଲ୍ଲାରେ ନିମ୍ନଲିଖିତ ସୁଯୋଗ ଗୁଡିକ ଅନୁଧାନ କରିବାକୁ ଆଗ୍ରହ ରଖିଛି ଯଥା -ଲୁହାପଥର ଉତ୍ପାଦନ ବୃଦ୍ଧିକରିବା ଏବଂ ଏହି ଅଭିବୃଦ୍ଧିଶୀଳ ଅଂଚଳକୁ ଦେଶର ପରବର୍ତ୍ତୀ ଇସ୍ପାତ ହବ ଭାବରେ ବିକଶିତ କରିବାରେ ଏକ ପ୍ରମୁଖ ସଂସ୍ଥା ହେବା ନିମନ୍ତେ ଖଣିରିହାତି ଏବଂ ଆନୁଷଙ୍ଗିକ ଭିତିଭୂମି ପରିଚାଳନା କ୍ଷେତ୍ରରେ ସହଯୋଗ ସ୍ଥାପନ । ସମ୍ପ୍ରତି ଲୟଡସ୍ ମେଟାଲ୍ସ ଦ୍ୱାରା ବିକଶିତ କରାଯାଉଥିବା ସମନ୍ୱିତ ଇସ୍ପାତ ପ୍ରକଳ୍ପ ଗୁଡିକରେ ଟାଟାଷ୍ଟିଲର ସମ୍ଭାବ୍ୟ ରଣ କୋ÷ଶଳାତ୍ମକ ସହଯୋଗ ବିଷୟରେ ମୂଲ୍ୟାୟନ କରିବା । ଟାଟାଷ୍ଟିଲ ମଧ୍ୟ ବ୍ରାହ୍ମଣୀ ରିଭର ପେଲେଟ ଲିମିଟେଡରେ ୫୦.୦୧% ଅଂଶ ଅଧିଗ୍ରହଣ ଦ୍ୱାରା ଉକ୍ତ କମ୍ପାନୀର ସହ-ମାଲିକାନା ହାସଲ କରିଛି । ଏହି କାରଖାନା ଓଡ଼ିଶାର ଯାଜପୁରରେ ୪ ଏମଟିପିଏ ପେଲେଟ ପ୍ଲାଂଟ ଏବଂ ତତ୍ ସହିତ ବଡବିଲରେ ଅବସ୍ଥିତ ବେନିଫିସିଏସନ ପ୍ଲାଂଟ ଉଭୟକୁ ସଂଯୋଗ କରୁଥିବା ୨୧୨ କିଲୋମିଟର ଦୀର୍ଘ ସ୍ଲରି ପାଇପଲାଇନ ପରିଚାଳନା କରୁଛି ।

# ପାଳନ ହେବ ପାଲୁଅ ଲଡୁ ଦିବସ

ଭୁବନେଶ୍ୱର, (ସବ୍ୟୁ): ଆମ ରାଜ୍ୟର ବିଭିନ୍ନ ଜିଲ୍ଲା ବିଭିନ୍ନ ଖାଦ୍ୟ ସାମଗ୍ରୀ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ ଭଦ୍ରକ ଜିଲ୍ଲା ପାଲୁଅଲଡୁ ପାଇଁ ବିଶେଷ ଖ୍ୟାତି ଅର୍ଜନ କରିଛି । ଓଡ଼ିଶାର ଐତିହ୍ୟ, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟର ଅଂଶବିଶେଷ ଏହି ମିଷ୍ଟାନ୍ନ ଆମ ରାଜ୍ୟର କେବଳ ଭଦ୍ରକରେ ହିଁ ପ୍ରସ୍ତୁତ ହୋଇଥାଏ । ପାଲୁଅରୁ ପ୍ରସ୍ତୁତ ହେଉଥିବା ଉଚ୍ଚ ଖାଦ୍ୟମାନ ସଂପନ୍ନ ଏହି ସ୍ୱତନ୍ତ୍ର ମିଷ୍ଟାନ୍ନର ରାଜ୍ୟସ୍ତରରେ ଅଧିକ ପ୍ରଚାର ପ୍ରସାର କରିବା ନିମନ୍ତେ ଭୁବନେଶ୍ୱରଠାରେ ଚଳିତ ଡିସେମ୍ବର ୨୧ ତାରିଖ ଦିନ ଇଟିକିଲି ମିଟିକିଲି ଅନୁଷ୍ଠାନଦ୍ୱାରା ପାଲୁ ଅଲଡୁ ଦିବସ ପାଳନ କରାଯିବାର ଆୟୋଜନ କରାଯାଇଛି । ଉକ୍ତଦିନ ସନ୍ଧ୍ୟାରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ପିଲାମାନଙ୍କ ସ୍ୱରରେ କଣ୍ଠସଙ୍ଗୀତର ବିଶେଷ କାର୍ଯ୍ୟକ୍ରମ ସଂଗୀତ ସୁରଭି ସହ ପାଲୁଅଲଡୁ ଦିବସ ପାଳନ କରାଯିବ । ପ୍ରେକ୍ଷାଳୟରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଶ୍ରୋତାଙ୍କୁ ସେଦିନ ପାଲୁଅଲଡୁ ବଣ୍ଟନ ସହିତ, ଏହାର ଖାଦ୍ୟସାର ଓ ମହତ୍ତ୍ୱ ବିଷୟରେ ବିଶେଷ ଆଲୋଚନା କରାଯିବ ବୋଲି ଅନୁଷ୍ଠାନର ସଚିବ ଶରତ କୁମାର ନାୟକ ଏକ ବିବୃତ୍ତିରେ ପ୍ରକାଶ କରିଛନ୍ତି ।

## ଟିପିଡବ୍ଲୁଓଡିଏଲର 'ଉଲା ମଡେଲ' ଗ୍ରାହକଙ୍କ ପାଇଁ ବଡ଼ ଆଶ୍ୱସ୍ତି

# ୪୪ ଜଣ ପରିବାରଙ୍କ ନଭେମ୍ବର ମାସର ବିଦ୍ୟୁତ୍ ବିଲ୍ ହେଲା ଶୂନ

ଭୁବନେଶ୍ୱର (ସବ୍ୟୁ): ଗ୍ରାହକ ସଶକ୍ତିକରଣ ଏବଂ ସ୍ଥାୟୀ ଶକ୍ତି ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରଦର୍ଶନ ପୂର୍ବକ, ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ସମଗ୍ର ପଶ୍ଚିମ ଓଡ଼ିଶାରେ ପରିଚାଳିତ 'ଉଲା ମଡେଲ' ଅଧିନରେ ଏକ କିଲୋୱାଟ୍ ସୋଲାର ପ୍ୟାନେଲ୍ ସ୍ଥାପନ ଏବଂ ସାରା ଦେଶରେ ପ୍ରଚଳିତ ପିଏମ୍ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅଧିନରେ ସୌର ପ୍ୟାନେଲ ସଂସ୍ଥାପନରେ ଉଲ୍ଲେଖନୀୟ ଅଗ୍ରଗତି ରେକର୍ଡ କରାଯାଇଅଛି । ତେବେ ସୁଲଭ ମୂଲ୍ୟରେ ସ୍ଥାପନ ହୋଇପାରୁଥିବା ଏହି ଏକ କିଲୋୱାଟ୍ ରୁପଟପ୍ ସୋଲାର ପ୍ୟାନେଲକୁ ନିଜ ଘରର ଛାତରେ ଉପରେ ବସାଇ ଅନେକ ଗ୍ରାହକଙ୍କ ଗତ ନଭେମ୍ବର ମାସରେ ବିଦ୍ୟୁତ୍ ବିଲକୁ ଶୂନ ହୋଇଯାଇଛି । ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ମଡେଲ୍ (ଉଲା ମଡେଲ୍), ଯାହା ସାରା ଦେଶର ପ୍ରଚଳିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ଏକ ଅଂଶ ମଧ୍ୟ ଅଟେ । ଏହି ମଡେଲ୍ ଅଧିନରେ ଟିପିଡବ୍ଲୁଓଡିଏଲର ବିତରଣ ଅଞ୍ଚଳରେ ମୋଟ୍ ୧୪୨ ବିଦ୍ୟୁତ୍ ଗ୍ରାହକ ଏକ କିଲୋୱାଟ୍ ସୋଲାର ପ୍ୟାନେଲ୍ ସ୍ଥାପନ କରିଛନ୍ତି । ଯେଉଁମାନଙ୍କ ମଧ୍ୟରୁ ଗତ ନଭେମ୍ବର ମାସ ପାଇଁ ୪୪ ଜଣ ଗ୍ରାହକ ବିଦ୍ୟୁତ୍ ବିଲ୍ ଶୂନ୍ୟରେ ପରିବର୍ତ୍ତିତ ହୋଇପାରିଛି । ଏମାନଙ୍କ ମଧ୍ୟରେ ବରଗଡ଼ ଜିଲ୍ଲାରୁ ୮ ଜଣ, ବଲାଙ୍ଗିରରୁ ୭ ଜଣ, କଳାହାଣ୍ଡିରୁ ୮ ଜଣ, ନୂଆପଡ଼ାରୁ ୧୯ ଜଣ ଏବଂ ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ବିଦ୍ୟୁତ୍ ଗ୍ରାହକ ରହିଛନ୍ତି । ଏଠାରେ ଉଲ୍ଲେଖଥାଉ କି, ଉଲା ମଡେଲ ଅଧିନରେ ସ୍ଥାପନ କରାଯାଉଥିବା ସମସ୍ତ ସୋଲାର ପ୍ୟାନେଲକୁ ସ୍ମାର୍ଟ ମିଟର ସହ ସଂଯୋଗ କରାଯାଏ । ଯାହା ଆପଣଙ୍କ ଘରର ବିଦ୍ୟୁତ୍ ସଂଯୋଗ ଏବଂ ସୌର ପ୍ୟାନେଲ ସଂଯୋଗ ମଧ୍ୟରେ ସମନ୍ୱୟ ରକ୍ଷା କରି ସଠିକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ବ୍ୟବହାରର ହିସାବ ସୁନିଶ୍ଚିତ କରିଥାଏ । ନିଜ ଘରର ଛାତ ଉପରେ ଟିପିଡବ୍ଲୁଓଡିଏଲର ଉଲା ମଡେଲ ଅଧିନରେ ଏକ କିଲୋୱାଟ୍ ସୋଲାର ପ୍ୟାନଲ ସ୍ଥାପନ କରିଥିବା ଝାରସୁଗୁଡ଼ା ଜିଲ୍ଲା ଅନ୍ତର୍ଗତ ରଘୁନାଥପାଲି ଗ୍ରାମର ଗୋପାଳ ଷଣ୍ଢ ନିଜର ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ।

# ଭାରତ ଉପରେ ୫୦% ଟାରିଫ ଲଗାଇଲା ମେକ୍ସିକୋ

ମେକ୍ସିକୋ ସିଟି : ଭାରତୀୟ ଦ୍ରବ୍ୟ ଉପରେ ଆମେରିକାର ଆକାଶ ଛୁଆଁ ୫୦% ଟାରିଫ ନୀତିକୁ ଅନୁସରଣ କରିଛି ଆଉ ଗୋଟିଏ ଦେଶ । ଆମେରିକା ଭଳି ଭାରତ ବିରୋଧରେ ମୋର୍ଚ୍ଚା ଖୋଲିଛି ମେକ୍ସିକୋ । ବିଶ୍ୱରେ ଏବେ ବାଣିଜ୍ୟ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତ ବିରୋଧରେ ବଡ଼ ପଦକ୍ଷେପ ନେଇଛି ମେକ୍ସିକୋ ।

ବୁଧବାର ମେକ୍ସିକୋ ସଂସଦ ଭାରତ ବିରୋଧୀ ପଦକ୍ଷେପ ଉପରେ ମୋହର ମାରିଛି । ଭାରତ, ଚାଇନା ସମେତ ଏକାଧିକ ଏସିଆ ରାଷ୍ଟ୍ରର ସାମଗ୍ରୀ ଉପରେ ୫୦% ଟାରିଫ ଲାଗୁ କରିବାକୁ ଘୋଷଣା କରିଛି ମେକ୍ସିକୋ । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ମେକ୍ସିକୋ ଏପରି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ମେକ୍ସିକୋ ସଂସଦର ନିଷ୍ପତ୍ତି ଅନୁଯାୟୀ, ଭାରତରୁ ଆମଦାନୀ ହେଉଥିବା ଜିନିଷ ଉପରେ ୫୦% ଟାରିଫ ଲାଗିବ । ଏହି ବର୍ଦ୍ଧିତ ଟାରିଫ ନିୟମ ୨୦୨୬ ଜାନୁଆରୀ ୧ରୁ କାର୍ଯ୍ୟକାରୀ ହେବ । ଅଟୋ ମୋବାଇଲ, ଅଟୋ ମୋବାଇଲ ସାମଗ୍ରୀ, ଟେକ୍ସଟାଇଲ, ପ୍ଲାଷ୍ଟିକ ଓ ଷ୍ଟିଲ ଭଳି ଜିନିଷ ଉପରେ ଟାରିଫ ଲାଗୁ ହେବ ।

ମେକ୍ସିକୋ ସହ ଯେଉଁ ସବୁ ଦେଶର ବାଣିଜ୍ୟ ଡିଲ ଚୂଡ଼ାନ୍ତ ହୋଇନାହିଁ, ସେମାନଙ୍କ ଉପରେ ଏପରି ଟାରିଫ ଲାଗୁ କରାଯିବ । ଏହାର ଅର୍ଥ ଭାରତ, ଚାଇନା, ଦକ୍ଷିଣ କୋରିଆ, ଥାଇଲ୍ୟାଣ୍ଡ ଓ ଇଣ୍ଡୋନେସିଆ ଭଳି ଦେଶ ଏହା ଦ୍ୱାରା ପ୍ରଭାବିତ ହେବେ । ଟାରିଫ ଲାଗୁ କରି ମେକ୍ସିକୋ ଅତିରିକ୍ତ ଭାବେ ବର୍ଷକୁ ୩,୭୬ ବିଲିୟନ ଡଲାର ବା ୩୩,୯୧୦ କୋଟି ଟଙ୍କାର ରାଜସ୍ୱ ହାସଲ ପାଇଁ ଲକ୍ଷ୍ୟ ରଖିଛି । ଟ୍ରମ୍ପଙ୍କ ଭଳି ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ ମଧ୍ୟ ଘରୋଇ ଉତ୍ପାଦନକୁ ବଳ ଦେବା କଥା କହି ଚାଲିଛନ୍ତି । ଏହି କାରଣ ପାଇଁ ସେ ଟାରିଫ ଲାଗୁ କରିଥିବା ସଫେଇ ଦେଇଛନ୍ତି । କିନ୍ତୁ ବିଶେଷଜ୍ଞଙ୍କ କହିବା କଥା ଯେ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ମେକ୍ସିକୋ ଏପରି ପଦକ୍ଷେପ ନେଇଛି । ଟ୍ରମ୍ପ ଖୁବଶୀଘ୍ର ଆମେରିକା–ମେକ୍ସିକୋ–କାନାଡା ବାଣିଜ୍ୟ ଚୁକ୍ତିର ସମୀକ୍ଷା କରିବେ । ମେକ୍ସିକୋର ସବୁଠାରୁ ବଡ଼ ବାଣିଜ୍ୟ ପାର୍ଟନର ହେଉଛି ଆମେରିକା । ତେଣୁ ଆମେରିକାକୁ ଖୁସି କରିବା ପାଇଁ ମେକ୍ସିକୋ ପକ୍ଷରୁ ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ଉପରେ ଟାରିଫ ଲାଗୁ କରାଯାଇଛି ।

## ଟ୍ରମ୍ପ୍‌ଙ୍କ 'ଗୋଲ୍ଡ କାର୍ଡ' ଯୋଜନା

# ୧୦ ଲକ୍ଷ ଡଲାରରେ ଆମେରିକୀୟ ନାଗରିକତା

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବୁଧବାର ଦିନ ଘୋଷଣା କରିଛନ୍ତି ଯେ, ତାଙ୍କର ବହୁ ପ୍ରତୀକ୍ଷିତ ଗୋଲ୍ଡ କାର୍ଡ ଆନୁଷ୍ଠାନିକ ଭାବରେ ଆରମ୍ଭ ହୋଇଛ । ଏହି ଯୋଜନା ଅନ୍ତର୍ଗତ, ଜଣେ ବ୍ୟକ୍ତି ୧୦ ଲକ୍ଷ ଡଲାରଦେଇ ଆଇନଗତ ସ୍ଥିତି ଏବଂ ଶେଷରେ ଆମେରିକୀୟ ନାଗରିକତା ପାଇପାରିବେ । କମ୍ପାନିଗୁଡ଼ିକ ପ୍ରତି କର୍ମଚାରୀଙ୍କୁ ୨୦ ଲକ୍ଷ ଡଲାର ଦେଇ ସେମାନଙ୍କର ବିଦେଶୀ କର୍ମଚାରୀଙ୍କ ପାଇଁ ସମାନ କାର୍ଯ୍ୟ କରିପାରିବେ । ଟ୍ରମ୍ପ୍ ହ୍ୱାଇଟ୍ ହାଉସରେ ଅନେକ ବ୍ୟବସାୟ ନେତାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ଆମେରିକାର ରାଷ୍ଟ୍ରପତି ଏହି ଯୋଜନା ଆରମ୍ଭ କରିବାକୁ ଚାହୁଁଛନ୍ତି । କାରଣ ଏହା ଗ୍ରୀନ୍ କାର୍ଡ ଅପେକ୍ଷା ଅଧିକ ସୁବିଧା ପ୍ରଦାନ କରିବ । ଟ୍ରମ୍ପ୍ କହିଛନ୍ତି ଯେ, ଏହା ଆମେରିକାରେ ଥିବା କମ୍ପାନିଗୁଡ଼ିକରେ କାମ କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏକ ବଡ଼ ଉପହାର ଭଳି ।



ଟ୍ରମ୍ପ୍ କହିଛନ୍ତି, ମୋ ପାଇଁ ଏବଂ ଦେଶ ପାଇଁ ବହୁତ ଉତ୍ସାହଜନକ ଭାବରେ, ଆମେ ଟ୍ରମ୍ପ ଗୋଲ୍ଡ କାର୍ଡ ଲଞ୍ଚ କରିଛୁ । ଏହା କିଛି ପରିମାଣରେ ଏକ ଗ୍ରୀନ୍ କାର୍ଡ ପରି, କିନ୍ତୁ ଗ୍ରୀନ୍ କାର୍ଡ ଅପେକ୍ଷା ଅଧିକ ସୁବିଧା ଏହା ପ୍ରଦାନ କରିବ । କମ୍ପାନିଗୁଡ଼ିକ ଏକ କାର୍ଡ କିଣିପାରିବେ ଏବଂ ଚାହୁଁଥିବା ବ୍ୟକ୍ତିଙ୍କୁ ଯୁକ୍ତରାଷ୍ଟ୍ରରେ ରଖିପାରିବେ । ଟ୍ରମ୍ପ୍ କହିଛନ୍ତି ଯେ, ଅନେକ କମ୍ପାନି ଏହି ପଦକ୍ଷେପକୁ ସ୍ୱାଗତ କରିବେ । ଏହା ଦେଶର ରାଜକୋଷ ପାଇଁ ଅତିରିକ୍ତ ରାଜସ୍ୱ ମଧ୍ୟ ସୃଷ୍ଟି କରିବ ।ଉଲ୍ଲେଖନୀୟ, ବିଦେଶୀ ପୁଞ୍ଜିକୁ ଆକର୍ଷିତ କରିବା ପାଇଁ କଂଗ୍ରେସ ୧୯୯୦ମସିହାରେ ଇବି–୫ ଭିସା କାର୍ଯ୍ୟକ୍ରମ ପ୍ରଚଳନ କରିଥିଲା । ଯାହା ଦ୍ୱାରା ଆବେଦନକାରୀମାନେ ଅତି କମରେ ୧୦ ଟି ନିଯୁକ୍ତି ସୃଷ୍ଟି କରୁଥିବା ବ୍ୟବସାୟରେ ପ୍ରାୟ ୧୦ ଲକ୍ଷ ଆମେରିକୀୟ ଡଲାର ନିବେଶ କରି ଯୋଗ୍ୟତା ଅର୍ଜନ କରିପାରିବେ । ଏହି ନୂତନ ପଦକ୍ଷେପ ପୁରୁଣା କାର୍ଯ୍ୟକ୍ରମକୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ।

## ଏ–୧୬ ଅପଗ୍ରେଡ୍

# ପାକିସ୍ତାନକୁ ୫୮୦୦ କୋଟି ଦେବ ଆମେରିକା

ୱାଶିଂଟନ: ଆମେରିକା ପାକିସ୍ତାନକୁ ଏହାର ଏ–୧୬ ଲଢୁଆ ବିମାନକୁ ଅପଗ୍ରେଡ୍ କରିବା ପାଇଁ ୬୮୬ ନିୟୁତ ଡଲାର (ପ୍ରାୟ ୫୮୦୦ କୋଟି ଟଙ୍କା) ମୂଲ୍ୟର ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଯନ୍ତ୍ରାଂଶ ବିକ୍ରୟକୁ ଅନୁମୋଦନ କରିଛି । ଆମେରିକା ପ୍ରତିରକ୍ଷା ସୁରକ୍ଷା ସହଯୋଗ ଏଜେନ୍ସି ଏ ସମ୍ପର୍କରେ ଆମେରିକୀୟ କଂଗ୍ରେସକୁ ଏକ ଚିଠି ପଠାଇଛି। ପ୍ରସ୍ତାବିତ ବିକ୍ରୟକୁ ସମୀକ୍ଷା କରିବା ପାଇଁ କଂଗ୍ରେସ ପାଖରେ ୩୦ ଦିନ ସମୟ ଅଛି । ତଥାପି, ଟ୍ରମ୍ପ ପ୍ରଶାସନର ଏହି ପଦକ୍ଷେପ ବିଶ୍ୱବ୍ୟାପୀ ହଇଚଇ ସୃଷ୍ଟି କରିଛି । ଏହା ବ୍ୟତୀତ, ଭାରତର ଚିନ୍ତାକୁ ଆଖି ଆଗରେ ରଖି, ଚିଠିରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଚୁକ୍ତି ଏହି ଅଞ୍ଚଳରେ ସାମରିକ ସନ୍ତୁଳନକୁ ପ୍ରଭାବିତ କରିବ ନାହିଁ ।



ରିପୋର୍ଟ ଅନୁଯାୟୀ, ଏହି ପ୍ୟାକେଜରେ ଲିଙ୍କ–୧୬ ଡାଟା ଲିଙ୍କ ସିଷ୍ଟମ, କ୍ରିପ୍ଟୋଗ୍ରାଫିକ୍ ଉପକରଣ (ଗୁପ୍ତ କୋଡ୍), ଏଭିଓନିକ୍ସ ଅପଡେଟ୍ (ବିମାନ ଇଲେକ୍ଟ୍ରୋନିକ୍ ସିଷ୍ଟମ), ପାଇଲଟ୍ ତାଲିମ ଏବଂ ଲଜିଷ୍ଟିକ୍ ସହାୟତା ଅନ୍ତର୍ଭୁକ୍ତ।

ଏହି ପ୍ୟାକେଜ ବିମାନର ଜୀବନକାଳ ୧୫ ବର୍ଷ ବୃଦ୍ଧି କରିବ ।

# ବାଂଲାଦେଶ ନିର୍ବାଚନ ପାଇଁ ତାରିଖ ଘୋଷଣା

ଢାକା:ବାଂଲାଦେଶରେ ହେବ ସାଧାରଣ ନିର୍ବାଚନ । ଦେଶର ୧୩ତମ ସାଧାରଣ ନିର୍ବାଚନ ପାଇଁ ଆଜି ଘୋଷଣା ହୋଇଛି ତାରିଖ । ଆସନ୍ତା ବର୍ଷ ଫେବଆରୀ ୧୨ ତାରିଖରେ ବାଂଲାଦେଶବାସୀ ଦେଶର ପରବର୍ତ୍ତୀ ସରକାର ପାଇଁ ମତାଧିକାର ସାବ୍ୟସ୍ତ କରିବେ । ବିକ୍ଷୋଭ ଯୋଗୁ ବାଂଲାଦେଶର ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଶେଖ ହସିନା ଦେଶ ଛାଡ଼ିବା ପରେ ବାଂଲାଦେଶରେ ଏହା ପ୍ରଥମ ସାଧାରଣ ନିର୍ବାଚନ ।



ବାଂଲାଦେଶର ମୁଖ୍ୟ ନିର୍ବାଚନ କମିଶନର ନସିରୁଦ୍ଦିନ ଆଜି ଭୋଟ ତାରିଖ ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ମୁକ୍ତ ଓ ଗଣତାନ୍ତ୍ରିକ ମତଦାନ କେମିତି ହୁଏ, ସେକଥା ବାଂଲାଦେଶ ପୂରା ବିଶ୍ୱକୁ ଦେଖାଇବା ପାଇଁ ପ୍ରସ୍ତୁତ । ନିର୍ବାଚନ ପୂର୍ବରୁ ନକଲି ଖବର ଓ ଗୁଜବ ସବୁଠାରୁ ବଡ଼ ଚ୍ୟାଲେଞ୍ଜ । ଏଥିପାଇଁ ପୂରା ଦେଶବାସୀ ସତର୍କ ରହିବା ଦରକାର ବୋଲି ସେ କହିଛନ୍ତି ।

ମୁଖ୍ୟ ନିର୍ବାଚନ ଆୟୋଗ ନିଶ୍ଚିତ କରିଛନ୍ତି ଯେ ସାଧାରଣ ନିର୍ବାଚନ ଓ ଜୁଲାଇ ଚାର୍ଟର ଜନମତ ସଂଗ୍ରହ ପାଇଁ ମତଦାନ ଫେବୃଆରୀ ୧୨ରେ ଏକାସଙ୍ଗେ ହେବ ।ମୋଟ ୩୦୦ ସଂସଦୀୟ ଆସନରେ ମତଦାନ ହେବ ଓ ଦେଶରେ ରହୁ ନଥିବା ବାଂଲାଦେଶୀ ଏଥିପାଇଁ ଆସନ୍ତାକାଲି ଠାରୁ ଡିସେମ୍ବର ୨୫ ଯାଏ ଅନଲାଇନରେ ଆବେଦନ କରିପାରିବେ ।

ସାଧାରଣ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶେଷ ତାରିଖ ଡିସେମ୍ବର ୨୯ । ଡିସେମ୍ବର ୩୦ରୁ ଜାନୁଆରୀ ୪ ଯାଏ ନାମାଙ୍କନ ପତ୍ରର ଯାଞ୍ଚ ହେବ । ରିଟର୍ଣ୍ଣିଂ ଅଫିସରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ପାଇଁ ଶେଷ ତାରିଖ ହେଉଛି ଜାନୁଆରୀ ୧୨ରୁ ଜାନୁଆରୀ ୧୮ । ଜାନୁଆରୀ ୨୦ ସୁଦ୍ଧା ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପ୍ରତ୍ୟାହାର କରିପାରିବେ ।

ଫେବୃଆରୀ ୧୨ରେ ସାରା ଦେଶରେ ମତଦାନ ହେବ । ଲୋକମାନେ ସକାଳ ୭.୩୦ରୁ ଅପରାହ୍ନ ୪.୩୦ ମଧ୍ୟରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ । ନିର୍ବାଚନ ପାଇଁ ପ୍ରଚାର ଜାନୁଆରୀ ୨୨ରୁ ଆରମ୍ଭ ହୋଇ ଫେବୃଆରୀ ୧୦ ତାରିଖ ସନ୍ଧ୍ୟା ୭.୩୦ ଯାଏ ଚାଲିବ ।

ଫେବୃଆରୀ ୧୨ରେ ୧୨.୭୬ କୋଟି ଲୋକ ଭୋଟ ଦେବେ । ବିଦେଶରେ ରହୁଥିବା ବାଂଲାଦେଶୀଙ୍କ ପାଇଁ ନିର୍ବାଚନ କମିଶନ ପୋଷ୍ଟାଲ ବାଲଟର ବ୍ୟବସ୍ଥା କରିବେ ବୋଲି ନସିରୁଦ୍ଦିନ ସୂଚନା ଦେଇଛନ୍ତି ।


# ଉମର ଖାଲିଦକୁ ମଧ୍ୟବର୍ତ୍ତିକାଳୀନ ଜାମିନ

ନୂଆଦିଲ୍ଲୀ: ଦିଲ୍ଲୀ ଦଙ୍ଗା ଅଭିଯୁକ୍ତ ଉମର ଖାଲିଦକୁ ମଧ୍ୟବର୍ତ୍ତୀକାଳୀନ ଜାମିନ ମିଳିଛି । ଭଉଣୀଙ୍କ ବିବାହରେ ଯୋଗ ଦେବାକୁ ତାକୁ ଡିସେମ୍ବର ୧୬ ରୁ ଡିସେମ୍ବର ୨୯ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଦିଆଯାଇଛି । ଅନ୍ତରୀଣ ଜାମିନ ପ୍ରଦାନ କରିବା ସମୟରେ, ଦିଲ୍ଲୀର କରକାରଡୁମା କୋର୍ଟ କହିଛନ୍ତି ଯେ ଉମରକୁ ଡିସେମ୍ବର ୨୯ ସନ୍ଧ୍ୟାରେ ଆତ୍ମସମର୍ପଣ କରିବାକୁ ପଡିବ । ତାଙ୍କ ମୁକ୍ତିର ସର୍ତ୍ତାବଳୀ ଅନୁଯାୟୀ, କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ଉମର ଖାଲିଦ ସୋସିଆଲ ମିଡିଆ ବ୍ୟବହାର କରିବେ ନାହିଁ, କୌଣସି ସାକ୍ଷୀଙ୍କ ସହିତ ଯୋଗାଯୋଗ କରିବେ ନାହିଁ ଏବଂ କେବଳ ନିଜ ପରିବାର ସଦସ୍ୟ, ସମ୍ପର୍କୀୟ ଏବଂ ବନ୍ଧୁମାନଙ୍କ ସହିତ ସାକ୍ଷାତ କରିପାରିବେ ।

ପୂର୍ବତନ ଜେଏନୟୁ ଛାତ୍ର ନେତା ଉମର ଖାଲିଦ କରକାରଡୁମା କୋର୍ଟରେ ଅନ୍ତରୀଣ ଜାମିନ ପାଇଁ ଆବେଦନ କରିଥିଲା । ସେ ଡିସେମ୍ବର ୧୪ ରୁ ୨୯ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ଆବେଦନ କରିଥିଲା । ଆବେଦନରେ ଉଲ୍ଲେଖ କରାଯାଇଥିଲା ଯେ ତା ଭଉଣୀଙ୍କ ବିବାହ ଡିସେମ୍ବର ୨୭ ତାରିଖରେ ଥିଲା ଏବଂ ଗୁରୁତ୍ୱପୂର୍ଣ୍ଣ ପାରିବାରିକ କାର୍ଯ୍ୟ ପାଇଁ ତାର ଉପସ୍ଥିତି ଜରୁରୀ ଥିଲା ।

ସେପ୍ଟେମ୍ବର ୨୦୨୦ରେ, ଦିଲ୍ଲୀ ପୁଲିସ ଉମର ଖାଲିଦକୁ ଗିରଫ କରିଥିଲା । ଫେବୃଆରୀ ୨୦୨୦ରେ ଦିଲ୍ଲୀରେ ବଡ଼ ଧରଣର ହିଂସା ସୃଷ୍ଟି କରିବା ପାଇଁ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଥିଲା । ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନ ଅଧୀନରେ ଏକ ମାମଲା ରୁଜୁ ହୋଇଛି । ଖାଲିଦ ସହିତ, ଶାର୍ଜିଲ ଇମାମ ଏବଂ ଅନ୍ୟ କେତେ ଜଣଙ୍କୁ ମଧ୍ୟ ସମାନ ମାମଲାରେ ଷଡ଼ଯନ୍ତ୍ରକାରୀ ବୋଲି ଅଭିଯୋଗ କରାଯାଇଛି । ଦିଲ୍ଲୀ ଦଙ୍ଗାରେ ଅନେକ ଲୋକଙ୍କର ମୃତ୍ୟୁ ହୋଇଥିଲା ଏବଂ ୭୦୦ ରୁ ଅଧିକ ଲୋକ ଆହତ ହୋଇଥିଲେ ।

# ୫ ରାଜ୍ୟରେ ଏସ୍‌ଆଇଆର ସମୟସୀମା ବଢିଲା



ନୂଆଦିଲ୍ଲୀ : ନିର୍ବାଚନ କମିଶନଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ସ୍ପେଶାଲ ଇଣ୍ଟେନ୍ସିଭ୍ ରିଭିଜନ (ଏସ୍‌ଆଇଆର)ର ଅବଧି ବଢିଛି । ୫ ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ଏହାର ଅବଧି ସମୟସୀମାକୁ ଗୋଟିଏ ସପ୍ତାହ ଲାଗି ବୃଦ୍ଧି କରାଯାଇଛି । ତେବେ ପଶ୍ଚିମବଙ୍ଗରେ ଏସ୍‌ଆଇଆରର ସମୟସୀମାକୁ ବୃଦ୍ଧି କରାଯାଇନାହିଁ । ତେବେ ୪ ରାଜ୍ୟର ଚିଠା ଭୋଟର ତାଲିକା ଆସନ୍ତା ୧୬ରେ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ ତାମିଲନାଡୁ ଓ ଗୁଜରାଟରେ ଏସ୍‌ଆଇଆର ଲାଗି ଫର୍ମ ଦାଖଲ ସୀମା ଡିସେମ୍ବର ୧୪ ପରିବର୍ତ୍ତେ ୧୯କୁ ବୃଦ୍ଧି କରାଯାଇଥିବାବେଳେ ମଧ୍ୟପ୍ରଦେଶ, ଛତିଶଗଡ, ଆଣ୍ଡାମାନ ନିକୋବରରେ ଆସନ୍ତା ୨୩ ତାରିଖ, ଉତ୍ତରପ୍ରଦେଶରେ ୨୬ ତାରିଖ ଯାଏ ବୃଦ୍ଧି କରାଯାଇଛି । ଏସ୍‌ଆଇଆର ସମୟସୀମା ବୃଦ୍ଧି ପୂର୍ବରୁ ନିର୍ବାଚନ କମିଶନ କେରଳ କ୍ଷେତ୍ରରେ ମଧ୍ୟ ସ୍ୱତନ୍ତ୍ର ସଂଶୋଧନ କରିଥିଲେ । କେରଳରେ ଡିସେମ୍ବର ୧୮ ଯାଏ ଭୋଟର ତାଲିକା ସର୍ଭେ ଚାଲିବ ଓ ଡିସେମ୍ବର ୨୩ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ ପୂର୍ବରୁ ନଭେମ୍ବର ୩୦ରେ ନିର୍ବାଚନ କମିଶନ ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସପ୍ତାହେ ଲାଗି ଏହି ସମୟ ସୀମାକୁ ବୃଦ୍ଧି କରିଥିଲେ । ଭୋଟର ତାଲିକାରୁ ନକଲି ମତଦାତାଙ୍କୁ ହଟାଇବା ଏସ୍‌ଆଇଆରର ମୁଳ ଉଦ୍ଦେଶ୍ୟ । ଯେଉଁ ସ୍ଥାନରେ ଯିଏ ରହୁଥିବେ ନିଜକୁ ଭୋଟର ଭାବେ ପଞ୍ଜିକରଣ କରାନ୍ତି କିନ୍ତୁ ପୁରୁଣା ସ୍ଥାନରେ ପଞ୍ଜିକୃତ ହୋଇଥିବା ଭୋଟର ତାଲିକାରୁ ନାଁ କଟେନାହିଁ । ଫଳରେ ଦୁଇଟି ସ୍ଥାନରେ ନାଁ ରହିଯାଇଥାଏ । ବେଆଇନ୍ ଭାବେ ବିଦେଶୀ ନାଗରିକମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି । ଭୋଟର ତାଲିକା ସଂଶୋଧନର ଆବଶ୍ୟକତା ରହିଛି ବୋଲି ନିର୍ବାଚନ କମିଶନ କହିଛି ।

## ମମତା ରଖିଲେ ଜବାବ

କୋଲକାତା : ରାଜ୍ୟର ମହିଳାମାନେ ନା ବିଜେପି ବେଶୀ ଶକ୍ତିଶାଳୀ ମୁଁ ଦେଖିବାକୁ ଚାହୁଁଛି । ମୁଁ ସାଂପ୍ରଦାୟିକତାରେ ବିଶ୍ୱାସ କରେ ନାହିଁ । ମୁଁ ଧର୍ମ ନିରପେକ୍ଷରେ ବିଶ୍ୱାସ ରଖେ । ଯେତେବେଳେ ବି ନିର୍ବାଚନ ଆସୁଛି ବିଜେପି ଟଙ୍କା ଓ ଅନ୍ୟ ରାଜ୍ୟର ଲୋକଙ୍କୁ ବ୍ୟବହାର କରି ବିଭେଦ ସୃଷ୍ଟି କରିଛି ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜି କହିଛନ୍ତି । ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ପଶ୍ଚିମବଙ୍ଗରେ ଆଜି ଶେଷ ହୋଇଛି ଭୋଟର ତାଲିକା ସଂଶୋଧ ସର୍ଭେ ବା ଏସ୍‌ଆଇଆର । ଏହି ପ୍ରସଙ୍ଗକୁ କେନ୍ଦ୍ର କରି ବଡ଼ ବୟାନ ଦେଇଛନ୍ତି ଟିଏମସି ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରୁ ଯଦି ନାଁ କଟୁଛି, ତା'ହେଲେ ମହିଳାମାନେ ରୋଷେଇ ଘରେ ବ୍ୟବହୃତ ହେଉଥିବା ଜିନିଷ ଧରି ପ୍ରସ୍ତୁତ ରହିଥାଆନ୍ତୁ ବୋଲି ମମତା ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି ।

ବେଙ୍ଗଲର କ୍ରିଷ୍ଣନଗରରେ ଆୟୋଜିତ ରାଲିରେ ମମତା କହିଛନ୍ତି ଯେ କ'ଣ ଏସ୍‌ଆଇଆର ନାଁରେ ଆପଣ ମା' ଓ ଭଉଣୀମାନଙ୍କ ଅଧିକାରୀ ଛଡ଼ାଇ ନେବେ? ସେମାନେନିର୍ବାଚନ ବେଳେ ଦିଲ୍ଲୀରୁ ପୁଲିସ ଆଣି ପାରନ୍ତି ଓ ମା'–ଭଉଣୀଙ୍କୁ ଡରାଇ ପାରନ୍ତିଛ ମା' ଓ ଭଉଣୀମାନେ ଶୁଣନ୍ତୁ, ଯଦି ଆପଣମାନଙ୍କ ନାଁ ହଟି ଯାଉଛି, ତା'ହେଲେ ଆପଣଙ୍କ ପାଖରେ ଜିନିଷ ଅଛି ।ଠିକ କହିଛି ତ? ରୋଷେଇରେ ବ୍ୟବହାର କରୁଥିବା ଜିନିଷ ଆପଣମାନଙ୍କ ପାଖରେ ରହିଛି । ଆପଣମାନଙ୍କ ପାଖରେ ଶକ୍ତି ରହିଛି ଠିକ? ଯଦି ଆପଣମାନଙ୍କ ନାଁ କଟି ଯାଉଛନ୍ତି, ତା'ହେଲେ ଚୁପ ରହିବେ ନାହିଁ? ମହିଳାମାନେ ସାମ୍ନାରୁ ଲଢିବେ ଓ ପୁରୁଷମାନେ ସେମାନଙ୍କ ପଛରେ ରହିବେ ।

ରାଜ୍ୟର ମହିଳାମାନେ ନା ବିଜେପି ବେଶୀ ଶକ୍ତିଶାଳୀ ମୁଁ ଦେଖିବାକୁ ଚାହୁଁଛି । ମୁଁ ସାଂପ୍ରଦାୟିକତାରେ ବିଶ୍ୱାସ କରେ ନାହ । ମୁଁ ଧର୍ମ ନିରପେକ୍ଷରେ ବିଶ୍ୱାସ ରଖେ । ଯେତେବେଳେ ବି ର୍ନିବାଚନ ଆସୁଛି ବିଜେପି ଟଙ୍କା ଓ ଅନ୍ୟ ରାଜ୍ୟର ଲୋକଙ୍କୁ ବ୍ୟବହାର କରି ବିଭେଦ ସୃଷ୍ଟି କରିଛି ।

ରବିବାର କୋଲକାତାରେ ବିଶାଳ ଭାଗବତ ଗୀତା ଗାନ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ମମତା ମତ ରଖିଛନ୍ତିଛ ସେ କହିଛନ୍ତି, ଆମେ ଆମ ଘରେ ଯେତେବେଳେ ଇଚ୍ଛା ଗୀତା ପଢୁଛୁ । ରମଜାନ ଓ ଦୁର୍ଗା ପୂଜା ସମୟରେ ଆମେ ଏକାଠି ପ୍ରାର୍ଥନା କରୁଛ ଯେଉଁମାନେ ଗୀତା ସମ୍ପର୍କରେ ଚିତ୍କାର କରୁଛନ୍ତି, ସେମାନଙ୍କୁ ମୁଁ ଭଗବାନ କୃଷ୍ଣ କ'ଣ କହିଥିଲେ ପଚାରିବାକୁ ଚାହୁଁଛି । ଧର୍ମର ଅର୍ଥ ପବିତ୍ର, ମାନବିକତା ଓ ଶାନ୍ତି ।

## ରାଜ୍ୟସଭାରେ ବିରୋଧୀଙ୍କ କକ୍ଷତ୍ୟାଗ

# ବିଜେପି ସାଂସଦଙ୍କ ପ୍ରଶ୍ନ ପ୍ରତ୍ୟାହାର ପରେ ହଟ୍ଟଗୋଳ

ନୂଆଦିଲ୍ଲୀ: ରାଜ୍ୟସଭାରେ ଆଜି ପ୍ରଶ୍ନୋତ୍ତର କାଳରେ ବିଜେପି ସାଂସଦ ଆଦିତ୍ୟ ପ୍ରସାଦଙ୍କ ଦ୍ୱାରା ଉଠାଯାଇଥିବା ଏକ ତାରକାଚିହ୍ନିତ ପ୍ରଶ୍ନକୁ କୌଣସି କାରଣ ନ ଦର୍ଶାଇ ପ୍ରତ୍ୟାହାର କରାଯିବା ପରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳମାନେ କକ୍ଷତ୍ୟାଗ କରିଥିଲେ । ଏହି ପ୍ରଶ୍ନଟି ଥିଲା – 'ନୂଆ ଅପରାଧିକ ଆଇନ ଅନୁଯାୟୀ ପ୍ରମାଣ ସଂଗ୍ରହ ପାଇଁ କେନ୍ଦ୍ରୀୟ ଫରେନସିକ୍ ସାଇନ୍ସ ଲାବୋରେଟୋରି (ସିଏଫ୍ଏସ୍ଏଲ୍) ବିସ୍ତାର କରାଯାଉଛି କି ନାହିଁ, ଯଦି ହଁ ତେବେ ବିବରଣୀ କ'ଣ ? ନୂଆ ଅପରାଧିକ ଆଇନ୍ ଅନୁଯାୟୀ ଫରେନସିକ୍ କ୍ଷମତା ବୃଦ୍ଧି ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଏବଂ ନୂଆ ଅପରାଧିକ ଆଇନ ଅନୁଯାୟୀ ଫରେନସିକ୍ ଡାଟାକୁ ଇଲେକ୍ଟ୍ରୋନିକ୍ ଭାବେ ସଂରକ୍ଷଣ ଓ ପରିଚାଳନା ପାଇଁ କିଭଳି ପଦକ୍ଷେପ ନିଆଯାଉଛି ।

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଏହି ପ୍ରଶ୍ନକୁ ଛାଡ଼ି ପରବର୍ତ୍ତୀ ପ୍ରଶ୍ନକୁ ଯିବା ପରେ କଂଗ୍ରେସର ରାଜ୍ୟସଭା ମୁଖ୍ୟ ସଚେତକ ଜୟରାମ ରମେଶ ଓ ଅନ୍ୟ ବିରୋଧୀ ସାଂସଦମାନେ ପ୍ରତ୍ୟାହାରର କାରଣ ପଚାରିଥିଲେ । ଅଧ୍ୟକ୍ଷ କହିଥିଲେ, 'ଆପଣମାନେ ନିୟମ ଜାଣନ୍ତି । ନିୟମ ୨୫୩ ଅନୁଯାୟୀ କୌଣସି ସଦସ୍ୟ ଯେକୌଣସି ପ୍ରଶ୍ନ ପ୍ରତ୍ୟାହାର କରିପାରିବେ । ସଦସ୍ୟଙ୍କ ଅଧିକାରରେ ମୁଁ ହସ୍ତକ୍ଷେପ କରିପାରିବି ନାହିଁ ।' ସେ ଆହୁରି କହିଥିଲେ, 'ଏଭଳି ବିରୋଧ କରିବାର ଅଧିକାର ଆପଣଙ୍କର ନାହିଁ । ପ୍ରଶ୍ନୋତ୍ତର କାଳକୁ ବ୍ୟାଘାତ କରନ୍ତୁ ନାହିଁ। ପ୍ରଶ୍ନ ପ୍ରତ୍ୟାହାରର କାରଣ ନ ଜଣାଇବା ଓ ସଭାପତିଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଦଳ ସାଂସଦମାନେ ଏହାର ପ୍ରବଳ ବିରୋଧ କରିଥିଲେ ଏବଂ ଗୃହରୁ ବାହାରି ଯାଇଥିଲେ ।

# ପୂର୍ବତନ ମିସ୍ ସ୍ୱିସ ଫାଇନାଲିଷ୍ଟଙ୍କୁ ହତ୍ୟା

ଜଣେ ପୂର୍ବତନ ମିସ୍ ସ୍ୱିଜରଲ୍ୟାଣ୍ଡ ଫାଇନାଲିଷ୍ଟଙ୍କୁ ତାଙ୍କ ସ୍ୱାମୀ ନିର୍ମମ ଭାବେ ହତ୍ୟା କରିଛନ୍ତି । ପତ୍ନୀଙ୍କୁ ହତ୍ୟା କରିବା ପରେ ସେ ତାଙ୍କ ମୃତଦେହକୁ ଖଣ୍ଡଖଣ୍ଡ କରି କାଟି ପକାଇଥିଲେ ।ବୁଧବାର ସ୍ୱିସ୍ କର୍ତ୍ତୃପକ୍ଷ ପୂର୍ବତନ ମିସ୍ ସ୍ୱିଜରଲ୍ୟାଣ୍ଡ ଫାଇନାଲିଷ୍ଟଙ୍କ ହତ୍ୟା ଘଟଣାରେ ତାଙ୍କ ସ୍ୱାମୀଙ୍କୁ ଅଭିଯୁକ୍ତ ଦର୍ଶାଇଛନ୍ତି ।

ସ୍ୱିସ୍ ଗୋପନୀୟତା ଆଇନ ଅନୁଯାୟୀ ୪୩ ବର୍ଷୀୟ ଥୋମାସଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛ । ସେ ତାଙ୍କ ୩୮ ବର୍ଷୀୟ ପତ୍ନୀ କ୍ରିଷ୍ଟିନା ଜୋକ୍ସିମୋଭିକ୍‌ଙ୍କୁ ପ୍ରଥମେ ଗଳାକାଟି ହତ୍ୟା କରିଥିଲେ । ଏହାପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଦେଇଥିଲେ । ଶେଷରେ ବିନିଜେନରେ ଥିବା ଘର ଭିତରେରେ ହିଁ ଖଣ୍ଡବିଖଣ୍ଡିତ ମୃତଦେହକୁ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ । ପୂରା ଘଟଣା ୨୦୨୪ ମସିହାରେ ଘଟିଥିଲା । ଏବେ ଥୋମାସ ହତ୍ୟା ଅଭିଯୁକ୍ତ ହୋଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଓ କୋର୍ଟ ଡକ୍ୟୁମେଣ୍ଟ ଅନୁଯାୟୀ, ମଡେଲଙ୍କ ମୃତଦେହକୁ ଗୋଟିଏ ଛୁରୀ ଓ ବଗିଚାରେ ବ୍ୟବହାର ହେଉଥିବା ସିୟର ଜରିଆରେ ଖଣ୍ଡଖଣ୍ଡ କରାଯାଇଥିଲା । ଥୋମାସ ମୃତଦେହକୁ କାଟିବା ପୂର୍ବରୁ ତାଙ୍କ ଗର୍ଭାଶୟକୁ କାଢ଼ି ଦେଇଥିଲେ । ଖଣ୍ଡବିଖଣ୍ଡିତ ମୃତଦେହକୁ ନଷ୍ଟ କରିବା ପାଇଁ ସେ ରାସାୟନିକ ଦ୍ରବ୍ୟର ବ୍ୟବହାର ମଧ୍ୟ କରିଥିଲେ ।

# ଗୋଆ କ୍ଲବ ମାଲିକଙ୍କ ପାସପୋର୍ଟ ରଦ୍ଦ

ନୂଆଦିଲ୍ଲୀ: ବୁଧବାର ବିଳମ୍ବିତ ରାତିରେ ସରକାର ଗୋଆର ନାଇଟ୍ କ୍ଲବର ମାଲିକ ଗୌରବ ଏବଂ ସୌରଭ ଲୁଥ୍ରାଙ୍କ ପାସପୋର୍ଟ ରଦ୍ଦ କରିଛନ୍ତି । ଗତ ସପ୍ତାହରେ ଗୋଆ କ୍ଲବ ଅଗ୍ନିକାଣ୍ଡରେ ୨୫ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ପଦକ୍ଷେପ ଦ୍ୱାରା ଦିଲ୍ଲୀର ଦୁଇ ଭାଇ ଫୁକେଟ୍ରୁ ଯାତ୍ରା କରିପାରିବେ ନାହିଁ । ମିଳିଥିବା ସୂଚନା ଅନୁଯାୟୀ, ବୈଦେଶିକ ମନ୍ତ୍ରଣାଳୟ ଗୋଆ ସରକାରଙ୍କଠାରୁ ସେମାନଙ୍କ ପାସପୋର୍ଟ ରଦ୍ଦ କରିବା ପାଇଁ ଅନୁରୋଧ ପାଇଥିଲା । ଇଣ୍ଟରପୋଲ ମଙ୍ଗଳବାର ଦିନ ଦୁଇ ଭାଇଙ୍କ ବିରୋଧରେ ବ୍ଲୁ କର୍ଣ୍ଣର ନୋଟିସେ ଜାରି କରିଥିଲା ଏବଂ ସେମାନେ ଫୁକେଟରେ ଲୁଚି ରହିଥିବା ବିଶ୍ୱାସ କରାଯାଉଛି ।




ତଦନ୍ତକାରୀମାନେ କହିଛନ୍ତି ଯେ, ଭାଇମାନେ ଡିସେମ୍ବର ୭ ତାରିଖ ଦିନ ଭୋର୍ ୧ଟା ୧୭ରେ ଥାଇଲ୍ୟାଣ୍ଡ ଯିବା ପାଇଁ ଟିକେଟ ବୁକ୍ କରିଥିଲେ, ଆରପୋରାର ବିର୍ଚ ବାଇ ରୋମିଓ ଲେନରେ ଅଗ୍ନିକାଣ୍ଡ ଖବର ପ୍ରସାରିତ ହେବାର ପ୍ରାୟ ଗୋଟିଏ ଘଣ୍ଟା ପରେ ସେମାନେ ଏଭଳି କରିଥିଲେ । କ୍ଲବ୍ ନିଆଁ ଲିଭି ନଥିଲେ ମଧ୍ୟ ସେମାନେ ବାହାରକୁ ଖସି ପଳାଇଥିଲେ ।

କୋର୍ଟରେ, ଲୁଥ୍ରା ପରିବାର କହିଛନ୍ତି ଯେ, ଯାତ୍ରା ପୂର୍ବରୁ ଯୋଜନା କରାଯାଇଥିଲା । ସେମାନଙ୍କ ଆଇନଜୀବୀ ଦିଲ୍ଲୀର ରୋହିଣୀ କୋର୍ଟଙ୍କୁ କହିଥିଲେ ଯେ, ସୌରଭ ଡିସେମ୍ବର ୬ ତାରିଖରେ ବୃତ୍ତିଗତ କାର୍ଯ୍ୟ ଏବଂ ସମ୍ଭାବ୍ୟ ରେଷ୍ଟୁରାଣ୍ଟ ସ୍ଥାନ ପାଇଁ ଥାଇଲ୍ୟାଣ୍ଡ ଯାଇଥିଲେ । ସେ ଯୁକ୍ତି ଦେଇଥିଲେ ଯେ, ଭାଇମାନେ ଗିରଫ ନ ହୋଇ ଭାରତ ଫେରିବା ପାଇଁ ଆଇନଗତ ସୁରକ୍ଷା ଖୋଜୁଛନ୍ତ । ବୁଧବାର ଦିନ କୋର୍ଟ ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ଦେବାକୁ ମନା କରିଦେଇଥିଲେ ଏବଂ ଗୁରୁବାର ପାଇଁ ସେମାନଙ୍କର ଆଗୁଆ ଜାମିନ ଆବେଦନକୁ ଘୁଞ୍ଚାଇ ଦେଇଥିଲେ । ଗୋଆ ପୁଲିସ ଏହିଅନୁରୋଧକୁବିରୋଧ କରିକହିଛି ଯେ, ଘଟଣାରକିଛି ଘଣ୍ଟା ପରେ ଭାଇମାନେ ପଳାଇ ଯାଇଥିଲେ ଏବଂ ବିଦେଶରେ ସୁରକ୍ଷା ପାଇବାକୁ ଅନୁମତି ଦିଆଯିବା ଉଚିତ ନୁହେଁ ।

# ପାକିସ୍ତାନର ପୂର୍ବତନ ଆଇଏସଆଇ ମୁଖ୍ୟଙ୍କୁ ୧୪ବର୍ଷ ଜେଲ ଦଣ୍ଡ

ନୂଆଦିଲ୍ଲୀ: ପାକିସ୍ତାନୀ ଗୁଇନ୍ଦା ସଂସ୍ଥା, ଇଣ୍ଟର–ସର୍ଭିସେସ୍ ଇଣ୍ଟେଲିଜେନ୍ସ ର ପୂର୍ବତନ ମୁଖ୍ୟ ଫୈଜ ହମିଦଙ୍କୁ ୧୪ବର୍ଷ ଜେଲ ଦଣ୍ଡ ହୋଇଛି। ସେ ପାକିସ୍ତାନର ପ୍ରତ୍ୟେକ ଗୁଇନ୍ଦା ସଂସ୍ଥାର ମୁଖ୍ୟଙ୍କ ପରି ସମାନ ପାପ କରିଥିଲେ । ନିଜ କାମ ଛାଡ଼ି ରାଜନୀତି କରିବା, ଗୁପ୍ତ ସୂଚନା ଲିକ୍ କରିବା, ନିଜ କ୍ଷମତା ଏବଂ ସରକାରୀ ସମ୍ବଳର ଅପବ୍ୟବହାର କରିବା ଏବଂ ଭୁଲ ଭାବରେ ଅନ୍ୟମାନଙ୍କୁ କ୍ଷତି ପହଞ୍ଚାଇବା ଭଳି କାମ କରିଥିଲେ ଫୈଜ୍ । ତାଙ୍କ ପାପର ଘଡ଼ା ଭରି ସାରିଥିଲା ।

ପ୍ରଥମେ, ଫୈଜ ହମିଦଙ୍କୁ ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଜଣେ ଘନିଷ୍ଠ ସହଯୋଗୀ ଭାବରେ ବିବେଚନା କରାଯାଉଥିଲା । ଏପରି ଖବର ମଧ୍ୟ ଆସିଥିଲା ଯେ, ସେ ପରବର୍ତ୍ତୀ ସେନା ମୁଖ୍ୟ ହେବେ ।



ହେଲେ ଇମ୍ରାନ ଖାନ ଜେଲ୍ ଯିବା ପରେ ହମିଦଙ୍କ ପତନ ଆରମ୍ଭ ହୋଇଥିଲା । ନଭେମ୍ବର ୨୦୨୨ରେ, ଜେନେରାଲ ମୁନିର ସେନା ମୁଖ୍ୟ ହେବା ପରେ, ହମିଦଙ୍କୁ ଆଇଏସଆଇ ମୁଖ୍ୟ ପଦରୁ ଇସ୍ତଫା ଦେବାକୁ ବାଧ କରାଯାଇଥିଲା । ସବୁଠୁ ବଡ଼ କଥା ହେଲା ମୁନିରଙ୍କୁ ଆଇଏସଆଇ ମୁଖ୍ୟ ପଦରୁ ହଟାଇବା ପରେ ହିଁ ହମିଦଙ୍କୁ ଏହି ପଦବୀରେ ନିଯୁକ୍ତ କରାଯାଇଥିଲା ।

ପୂର୍ବତନ ଆଇଏସଆଇ ମୁଖ୍ୟ ଏବଂ ଲେଫ୍ଟନାଣ୍ଟ ଜେନେରାଲ ଫୈଜ ହମିଦଙ୍କ ବିରୋଧରେ କୋର୍ଟ ମାର୍ଶାଲ ପ୍ରକ୍ରିୟା ୧୨ ଅଗଷ୍ଟ, ୨୦୨୪ରେ ଆରମ୍ଭ ହୋଇଥିଲା । ଏହି ମାମଲାର ଶୁଣାଣି ମୋଟ ୧୫ ମାସ ପର୍ଯ୍ୟନ୍ତ ଚାଲିଥିଲା । ଫୈଜ ହମିଦଙ୍କୁ ସମସ୍ତ ୪ଟି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯିବା ପରେ ଆଜି ସାମରିକ ଅଦାଲତ ତାଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ।

## ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ଆରମ୍ଭ

# ଫାଓ ଏକାଦଶ, ସମ୍ବଲପୁର ବିଜୟୀ



ଭୁବନେଶ୍ୱର,୧୧ ।୧୨(ସବ୍ୟୁ): ରାଜ୍ୟର ଅଗ୍ରଣୀ ଫୁଟବଲ ଅନୁଷ୍ଠାନ 'କ୍ଲବ୍-୭୩ ପକ୍ଷରୁ ସତ୍ୟବ୍ରତ-ତପନ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଉଦଘାଟନୀ ମ୍ୟାଚରେ କଟକର ଫାଓ ଏକାଦଶ ୨-୦ ଗୋଲରେ ଇଣ୍ଡିପେଣ୍ଡେଣ୍ଟ କ୍ଲବକୁ ପରାଜିତ କରି ଅଭିଯାନ ଆରମ୍ଭ କରିଛି । ବିଜୟୀ ଦଳ ଫାଓ ଏକାଦଶ ପକ୍ଷରୁ ୨ଟି ଗୋଲ ହୋଇଥିଲା । ୮୩ ତମ ମିନିଟରେ ଅରବିନ୍ଦ ଲାକ୍ରା ଏବଂ ୯୦ତମ ମିନିଟରେ ହରିଶଙ୍କର ନାୟକ ଗୋଲ ସ୍କୋର କରିବାରୁ ଫାଓ ଏକାଦଶ ଏକତରଫା ବିଜୟ ଲାଭ କରିଛି । ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ଫୁଟବଲ ଏକାଡେମୀ ୪-୦ ଗୋଲ୍‌ରେ କିଶୋର କ୍ଲବ୍‌କୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି । ଉଦଘାଟନୀ ଉତ୍ସବରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ତଥା ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ ।

ୟୁନିଟ୍-୧ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଉଛି । ୧୪ ତାରିଖରେ ମହାଲଢ଼େଇ ହେବ । ଏହି ଆମନ୍ତ୍ରଣୀୟ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଶ୍ରେଷ୍ଠ ୮ ଦଳ ଅଂଶଗ୍ରହଣ କରିଛନ୍ତି । ଦଳ ଗୁଡିକ ହେଲେ ଫାଓ-୧୧, ସନରାଇଜ କ୍ଲବ୍ ମଙ୍ଗଳା କ୍ଲବ୍, ଇଣ୍ଡିପେଣ୍ଡେଣ୍ଟ କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଝାରସୁଗୁଡା, ୟୁନିଟ-୬ ଏବଂ କିଶୋର କ୍ଲବ୍ ଏଥର ଝାରସୁଗୁଡା ଦଳ ନୂଆ କରି ସତ୍ୟବ୍ରତ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି । ପ୍ରତିଦିନ ଦୁଇଟି ମ୍ୟାଚ ଦିବାରାତ୍ର ଖେଳାଯିବ । ଦିନ ୩ଟାରୁ ମ୍ୟାଚ ଆରମ୍ଭ ହେବ । ୮ଟି ଦଳ ସିଧାସଳଖ କ୍ୱାର୍ଟରଫାଇନାଲରେ ଅବତୀର୍ଣ୍ଣ ହେବେ । ପରାଜିତ ଦଳ ବିଦାୟ ନେବେ । ତେବେ ଚଳିତ ବର୍ଷ କ୍ଲବ-୭୩ ପକ୍ଷରୁ ଟୁର୍ଣ୍ଣାମେଣ୍ଟ ପାଇଁ ଏକାଧିକ ପୁରସ୍କାର ରାଶି ଘୋଷଣା କରାଯାଇଛି । ଗତବର୍ଷ ତୁଳନାରେ ଏଥର ସମସ୍ତ ପୁରସ୍କାର ରାଶିକୁ ଦ୍ୱିଗୁଣିତ କରାଯାଇଛି । ମୋଟ୍ ଉପରେ ୪,୫୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ । ପ୍ରଥମ କରି ଚାମ୍ପିଅନ ଦଳର କୋଚଙ୍କୁ ୧୦,୦୦୦ ଟଙ୍କା ପୁରସ୍କାର ଦେବାକୁ କ୍ଲବ ପକ୍ଷରୁ ଘୋଷଣା କରାଯାଇଛି । ଏଥର ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ୨ ଲକ୍ଷ ଟଙ୍କା, ରନର୍ସ ଅପ୍ ଦଳ ୧ ଲକ୍ଷ ଟଙ୍କା, ସେମିଫାଇନାଲରେ ପରାଜିତ ଦଳ ୨୫,୦୦୦, ମ୍ୟାନ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ୨୦,୦୦୦, ବେଷ୍ଟ ଫରୱାର୍ଡ ୧୦,୦୦୦, ବେଷ୍ଟ ମିଡ଼ଫିଲ୍ଡର ୧୦,୦୦୦, ବେଷ୍ଟ ଡିଫେଣ୍ଡର ୧୦,୦୦୦, ବେଷ୍ଟ ଗୋଲକିପର ୧୦,୦୦୦, ମ୍ୟାନ୍ ଅଫ୍ ଦ ମ୍ୟାଚ ୫୦୦୦, ମ୍ୟାନ୍ ଅଫ୍ ଦ ଫାଇନାଲ ୧୦,୦୦୦ ଏବଂ ମ୍ୟାନ୍ ଅଫ୍ ଦ ସିରିଜ୍ ଫାଇନାଲ ୭,୫୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ।

## ବାରବାଟୀର ପ୍ରତିଶୋଧ ଚଣ୍ଡିଗଡ଼ରେ

# ପରାକ୍ରମ ଦେଖାଇଲା ଦ.ଆଫ୍ରିକା

## ବ୍ୟାଟରଙ୍କ ପରେ ବୋଲର ଘାଣ୍ଟିଲେ



ନ୍ୟୁଚଣ୍ଡିଗଡ଼, ୧୧।୧୨(ଏଜେନ୍ସି): ବାରବାଟୀ ମ୍ୟାଚ୍ ପରାଜୟର ପ୍ରତିଶୋଧ ନେଇଛି ଦ.ଆଫ୍ରିକା। ନ୍ୟୁଚଣ୍ଡିଗଡ଼ର ମୁଲାନପୁରସ୍ଥିତ ମହାରାଜା ଯାଦବିନ୍ଦ୍ର ସିଂ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଦ.ଆଫ୍ରିକା ଟି-୨୦ ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍‌ରେ ଭାରତକୁ ୫୧ ରନ୍‌ରେ ଧରାଶାୟୀ କରି ହିସାବ ବରାବର କରିଛି। ଫଳରେ ୫ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୧-୧ ହୋଇଛି। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଦ.ଆଫ୍ରିକା ୨୦ ଓଭରରେ ୪ ୱିକେଟ ହରାଇ ୨୧୩ ରନ କରିଥିଲା। ଭାରତ ସମ୍ମୁଖରେ ୨୧୪ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଏହାକୁ ପିଛା କରି ଭାରତ ୧୯.୧ ଓଭରରେ ୧୬୨ ରନ୍ କରିବାକୁ ସକ୍ଷମ ହୋଇଥିଲା।

ଡିକକ୍ ୪୬ ବଲ୍‌ରୁ ୯୦ ରନର ଧୂଆଁଧାର ଇନିଂସ୍ ଖେଳିଥିଲେ। ଦେନୋଭାନ୍ ଫେରରା ୧୬ ବଲ୍‌ରୁ ୩୯ ରନ ଏବଂ ଡେଭିଡ୍ ମିଲର ଦ୍ରୁତ ୨୦ ରନ କରି ଭାରତୀୟ ବୋଲିଂ ଲାଇନ୍‌କୁ ବିଗାଡ଼ି ଦେଇଥିଲେ। ଶେଷ ୩ ଓଭରରେ ଦ.ଆଫ୍ରିକା ୪୯ ରନ ସଂଗ୍ରହ କରିଥିଲା। କ୍ୱିଣ୍ଟନ ଡିକକ୍ ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରିଥିଲେ। ରେଜା ହେଣ୍ଡ୍ରିକ୍ସ ମାତ୍ର ୮ ରନ କରି ବରୁଣଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ତାଙ୍କ ପରେ ଅଧିନାୟକ ଆଦିନ ମାକ୍ରାମ୍ ୨୬ ବଲ୍‌ରୁ ୨୯ ରନ୍ କରିଥିଲେ। ଡିକକ୍ ଏବଂ ମାକ୍ରାମ୍‌ଙ୍କ ମଧ୍ୟରେ ୮୩ ରନର ପାର୍ଟନରସିପ୍ ହୋଇଥିଲା। ଏହି ଯୋଡ଼ି ଭାଙ୍ଗିବା ପାଇଁ ଭାରତୀୟ ବୋଲରଙ୍କୁ କଡ଼ା ସଂଘର୍ଷ କରିବାକୁ ପଡ଼ିଥିଲା। ବ୍ରେଭିସ ଦୁଇଟି ଚୌକା ମାରି ୧୪ ରନ କରି ଆଉଟ ହୋଇଥିଲେ। ତାଙ୍କୁ ଅକ୍ଷର ପଟେଲ୍ ପାଭିଲିଅନ ପଠାଇଥିଲେ। ଏହାପରେ ୱିକେଟ ଝଡ଼ି ନଥିଲା। ଦୋନୋଭାନ୍ ଫେରିରା ଓ ଡେଭିଡ୍ ମିଲର୍‌ଙ୍କ ବ୍ୟାଟ୍‌ରୁ ଚୌକା ଓ ଛକାର ବର୍ଷା ଦେଖିବାକୁ ମିଳିଥିଲା। ଡିକକ୍ ଟି-୨୦ କ୍ୟାରିୟର୍‌ର ଦ୍ୱିତୀୟ ଶତକ ଆଡ଼େ ଅଗ୍ରସର ହେଉଥିବାବେଳେ ୯୦ ରନ ସ୍କୋର୍‌ରେ ଆଉଟ୍ ହୋଇଯାଇଥିଲେ। ମିଲର ଓ ଫେରେରା ବିସ୍ଫୋରକ ବ୍ୟାଟିଂ କରି ଦଳୀୟ ସ୍କୋର୍‌କୁ ୨୦୦ ପାର୍ କରିଥିଲେ। ୧୭ ଓଭର ସୁଦ୍ଧା ଦ.ଆଫ୍ରିକା ୧୬୪ ରନ କରିଥିଲା। ଲାଗୁଥିଲା ଆଉ ୩ ଓଭର୍‌ରେ ଦ.ଆଫ୍ରିକା ସ୍କୋର୍ ୨୦୦ ଟପିବ ନାହିଁ। ତଥାପି ମିଲର ଓ ଫେରେରା ଶେଷ ୩ ଓଭରରେ ୪୯ ରନ୍ ସଂଗ୍ରହ କରି ଦଳୀୟ ସ୍କୋର୍‌କୁ ୨୧୩ ରନ୍‌ରେ ପହଞ୍ଚାଇଥିଲେ। ମିଲର୍ ୧୨ ବଲ୍‌ରେ ୨୦ ଓ ଫେରେରା ୧୬ ବଲ୍‌ରେ ୩୦ ରନ କରିଥିଲେ। ବୋଲିଂରେ ଭାରତର ବରୁଣ ଚକ୍ରବର୍ତ୍ତୀଙ୍କୁ ସର୍ବାଧିକ ୨ଟି ଓ ଅକ୍ଷର ପଟେଲ୍ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ। ଦ୍ରୁତ ବୋଲର ଅର୍ଶଦୀପ ସିଂ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୪ ଓଭରରେ ୫୪ ରନ ବ୍ୟୟ କରିଥିଲେ। ତାଙ୍କୁ ୱିକେଟ ସଫଳତା ମିଳି ନଥିଲା। ଯଶପ୍ରୀତ ବୁମରା ୪ ଓଭର ପକାଇ ୪୫ ରନ ଦେଇଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ୩ ଓଭର ବୋଲିଂ କରି ୩୪ ରନ ଦେଇଥିଲେ। ଲାଗୁଥିଲା ଏହି ମ୍ୟାଚ୍‌ରେ ପାଣ୍ଡ୍ୟା ଆଉ ଗୋଟିଏ ୱିକେଟ ଅକ୍ତିଆର କରି ଟି-୨୦ କ୍ୟାରିୟର୍‌ରେ ୧୦୦ତମ ୱିକେଟ ଅକ୍ତିଆର କରିବେ। ଏହି ସଫଳତା ପାଇବା ପାଇଁ ପାଣ୍ଡ୍ୟାଙ୍କୁ ଆହୁରି ପ୍ରତୀକ୍ଷା କରିବାକୁ ପଡ଼ିବ।

୨୧୪ ରନର ବିଜୟଲକ୍ଷ୍ୟ ଭାରତ ପାଇଁ ସହଜ ନଥିଲା। ବାରବାଟୀ ପ୍ରଥମ ମ୍ୟାଚ୍‌ର ପୁନରାବୃତ୍ତି ହୋଇଥିଲା ଚଣ୍ଡିଗଡ଼ରେ। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିତି ନେଇଥିବା ଫିଲ୍ଡିଂ ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହୋଇଥିଲା। ଏତେବଡ଼ ବିଜୟଲକ୍ଷ୍ୟକୁ ପିଛା କରୁଥିବା ଭାରତ ୯ ରନରେ ଶୁଭମନ୍ ଗିଲ୍‌ଙ୍କ ୱିକେଟ ହରାଇଥିଲା। ୧୯ ରନ୍‌ରେ ଅଭିଶେକ ଶର୍ମା ପାଭିଲିୟନ ଫେରିଥିଲେ। ଦଳୀୟ ସ୍କୋର ୩୨ ରନ୍ ବେଳକୁ ସୂର୍ଯ୍ୟ କୁମାର ଆଉଟ୍ ହୋଇଥିଲେ। ବାରବାଟୀରେ ୪ ରନ୍ କରିଥିବା ଉପଅଧିନାୟକ ଶୁଭମନ ଗିଲ୍ ଚଣ୍ଡିଗଡ଼ରେ ମାତ୍ର ଗୋଟିଏ ବଲ୍ ଖେଳି ଲୁଙ୍ଗି ଏନ୍‌ଗିଡିଙ୍କ ଶିକାର ହୋଇଥିଲେ। ଏନ୍‌ଗିଡି ବାରବାଟୀରେ ମଧ୍ୟ ଶୁଭମନଙ୍କୁ ଆଉଟ୍ କରିଥିଲେ। ଦ୍ରୁତ ବ୍ୟାଟିଂ କରି ରନ୍ ସଂଗ୍ରହ କରିବାକୁ ଆଗୁଆ ଆସିଥିଲେ ଅକ୍ଷର ପଟେଲ। ସେ ୨୧ ବଲ୍‌ର ସମ୍ମୁଖୀନ ହୋଇ ୨୧ ରନ କରିଥିଲେ।

ଅଧିନାୟକ ସୂର୍ଯ୍ୟ କୁମାର ଯାଦବ୫ ରନ କରି ଆଉଟ୍ ହୋଇଥିଲେ। କେବଳ ତିଲକ୍ ବର୍ମା ଶେଷ ପର୍ଯ୍ୟନ୍ତ ଲଢ଼ିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ୨୩ ବଲ୍‌ରୁ ୨୦, ଜିତେଶ ଶର୍ମା ୧୭ ବଲ୍‌ରୁ ୨୭ ରନ କରିଥିଲେ। ତିଲକ ବର୍ମା ଭାରତର ଶେଷ ୱିକେଟର ଭାବେ ପାଭିଲିୟନ ଫେରିବା ସହ ଭାରତୀୟ ଇନିଂସ୍‌ର ଯବନିକା ପଡ଼ିଥିଲା। ତିଲକ ୩୪ ବଲ୍‌ରୁ ୨ଟି ଚୌକା ଓ ୫ଟି ଛକା ସହାୟତାରେ ୬୨ ରନ କରିଥିଲେ। ତେଣୁ ଭାରତ ୧୯.୧ ଓଭରରେ ୧୬୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ବୋଲିଂରେ ଦ.ଆଫ୍ରିକାର ଓଟ୍‌ନିଲ୍ ବାର୍ଟମ୍ୟାନ ସର୍ବାଧିକ ୪ଟି, ଲୁଙ୍ଗି ଏନ୍‌ଗିଡି, ମାର୍କୋ ଜନ୍‌ସେନ ଓ ଲୁଥୋ ସିପମ୍‌ଲା ୨ଟି କରି ୱିକେଟ ସଫଳତା ହାସଲ କରିଥିଲେ।

# କିଟ୍-କିସରେ ଭଲିବଲ୍ ମହାକୁମ୍ଭ




ଭୁବନେଶ୍ୱର,୧୧।୧୨(ସବ୍ୟୁ): କିଟ ଓ କିସରେ ଆରମ୍ଭ ହୋଇଛି ଭଲିବଲ ମହାକୁମ୍ଭ। କିଟ-କିସ ଓ ଏବଂ ଏଫଆଇଭିବି ସହଯୋଗରେ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମ ୧୪ ତାରିଖରେ ଶେଷ ହେବ। ଏହି ଭଲିବଲ ମହାକୁମ୍ଭର ଉଦ୍ଦେଶ୍ୟ ହେଉଛି ମହିଳା ସଶକ୍ତିକରଣ ଏବଂ ତୃଣମୂଳ ସ୍ତରରେ ଭଲିବଲ୍ ବିକାଶକୁ ପ୍ରୋତ୍ସାହିତ କରିବା। କିଟ ଓ କିସର କନ୍ୟା କିରଣ ପଦକ୍ଷେପର ଏକ ଅଂଶ ଭାବରେ ଓଡ଼ିଶା ସମେତ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ମହିଳା ଭଲିବଲ୍ ପ୍ରଶିକ୍ଷକଙ୍କ ପାଇଁ ଏକ କର୍ମଶାଳା ମଧ୍ୟ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାରୁ ୫୦୦ ଅଂଶଗ୍ରହଣକାରୀଙ୍କ ବ୍ୟତୀତ ଭାରତ ସମେତ ବିଶ୍ୱର ୨୦୦ରୁ ଅଧିକ ଭଲିବଲ୍ ପ୍ରଶିକ୍ଷକ, ଖେଳାଳି ଏବଂ ବିଶେଷଜ୍ଞ ଅଂଶଗ୍ରହଣ କରିବେ। ଏହି ଅବସରରେ ମହିଳା ଭଲିବଲ୍ କୋଚଙ୍କୁ କାର୍ମଶାଳା ଜରିଆରେ ପ୍ରଶିକ୍ଷଣ ସହ ସଶକ୍ତିକରଣ କରାଯିବ। ସେମାନେ ଏଠାରୁ ତାଲିମ ପାଇ ନିଜ ଅଞ୍ଚଳରେ ଭଲିବଲ ଖେଳାଳିଙ୍କୁ ତାଲିମ ପ୍ରଦାନ କରିବେ ଫଳରେ ଏହା ଦ୍ୱାରା ୫୦ ହଜାରରୁ ଊର୍ଦ୍ଧ୍ୱ ଭଲିବଲ ଖେଳାଳି ଏଥିରୁ ଉପକୃତ ହେବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଭଲିବଲ ପ୍ରଶିକ୍ଷକ ଜନ୍ କେସେଲ୍ ଏବଂ ଜାନା କୁଲାନ୍ ୪ଟି ଇନଡୋର ଓ ୪୦ରୁ ଊର୍ଦ୍ଧ ଆଉଟଡୋର କୋର୍ଟରେ ଗତିଶୀଳ ଅନ-କୋର୍ଟ ତାଲିମ, ଉନ୍ନତ କୌଶଳ ଅଧିବେଶନ, ପ୍ରଶିକ୍ଷକ-ବିକାଶ ପ୍ରୟୋଗଶାଳା ଓ ଗଣ ଅଂଶଗ୍ରହଣ କାର୍ଯ୍ୟକ୍ରମଗୁଡ଼ିକରେ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ନିମନ୍ତେ ଏଫଆଇଭିବି ଓ ଭଲିବଲ୍ ୱାର୍ଲ୍ଡ ଫାଉଣ୍ଡେସନର ବରିଷ୍ଠ ପ୍ରତିନିଧିମାନେ ଓଡ଼ିଶା ଗସ୍ତରେ ଆସି କିଟରେ ପହଞ୍ଚି ସାରିଛନ୍ତି।

ଭଲିବଲ ମହାକୁମ୍ଭର ଅନ୍ୟତମ ଆକର୍ଷଣ ରହିଛନ୍ତି ଅନ୍ତର୍ଜାତୀୟ ଭଲିବଲ ସଂଘ (ଏଫଆଇଭିବି) ସଭାପତି ଫାବିଓ ଆଜେଭେଦୋ ସେ ସର୍ବଦା କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ମହିଳା ସଶକ୍ତିକରଣ କାର୍ଯ୍ୟକୁ ପ୍ରଶଂସା କରି ଆସିଛନ୍ତି। ଏଥିରେ ଯେପରି ଝିଅମାନଙ୍କ ପାଇଁ ଆତ୍ମବିଶ୍ୱାସ, ନେତୃତ୍ୱ, ନିଷ୍ପତ୍ତି ନେବାର କ୍ଷମତା ଏବଂ ସାମାଜିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରାଯାଇ ପାରିବ ତା ଉପରେ ଧ୍ୟାନ ଦିଆଯାଉଛି। କନ୍ୟା କିରଣ ଶିକ୍ଷା, ସମ୍ପ୍ରଦାୟ ସମ୍ପର୍କ ଏବଂ ଆନ୍ତର୍ଜାତୀୟ ସହଯୋଗକୁ ମିଶ୍ରଣ କରୁଥିବା ଏକ ଅନନ୍ୟ ମଡେଲ ଭାବରେ ଠିଆ ହୋଇଛି, ଏବଂ ମହିଳା ଛାତ୍ର, କର୍ମଚାରୀ ଏବଂ ଯୁବପିଢ଼ି - ବିଶେଷକରି ଓଡ଼ିଶା ଏବଂ ଭାରତର ଝିଅମାନଙ୍କୁ ସମର୍ଥନ କରିବା ପାଇଁ କିଟ ଓ କିସର ଏହା ଏକ ପ୍ରତିବଦ୍ଧତା। ଏହି କାର୍ଯ୍ୟକ୍ରମ ଉପରେ ନିଜ ମତ ଦେଇ ଶ୍ରୀ ସାମନ୍ତ କହିଛନ୍ତି, ଏଫଆଇଭିବି ସହିତ ଆମର ସହଭାଗୀତା ଯୋଗୁଁ ଓଡ଼ିଶାରେ ଏଭଳି କାର୍ମଶାଳା ଜରିଆରେ ବିଶ୍ୱସ୍ତରୀୟ ଦକ୍ଷତା ଅଣାଯାଇପାରିଛି। ଏଥିରେ ହଜାର ହଜାର ବାଳିକା ଓ ମହିଳାଙ୍କୁ ଭଲିବଲ୍‌ର ପରିବର୍ତ୍ତନକାରୀ ଶକ୍ତି ଅନୁଭବ କରିବାର ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଖେଲୋ ଇଣ୍ଡିଆ ବାସ୍କେଟବଲ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୧୨ (ସବ୍ୟୁ): ଭାରତୀୟ ଯୁବ ଏବଂ କ୍ରୀଡା ମନ୍ତ୍ରଣାଳୟ, ଭାରତୀୟ ବାସ୍କେଟବଲ ସଂଘ ତଥା ଓଡ଼ିଶା ବାସ୍କେଟବଲ ସଂଘର ମିଳିତ ଆନୁକୂଲ୍ୟରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ବାସ୍କେଟବଲ ଲିଗ୍ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମଦର୍ସ ପବ୍ଲିକ୍ ସ୍କୁଲର ଅଧକ୍ଷା ଶ୍ରୀମତୀ ପଲ୍ଲୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ବାସ୍କେଟବଲ ସଂଘର ସମ୍ପାଦକ ଅଶୋକ ସାହୁ, ବରିଷ୍ଠ ବାସ୍କେଟବଲ ପ୍ରଶିକ୍ଷକ ରାଜେନ୍ଦ୍ର ପ୍ରସାଦ ପାଣି ଉପସ୍ଥିତ ଥିଲେ। ମ୍ୟାଚ ଗୁଡିକରେ ମଦର୍ସ ପବ୍ଲିକ୍ ସ୍କୁଲ, କିସ୍, ଓଡ଼ିଏମ ଗ୍ଲୋବାଲ ସ୍କୁଲ, କିଟ୍ ଶୈଳବାଳା ମହାବିଦ୍ୟାଳୟ, ଜିଡି ଗୋଲଙ୍କା ସ୍କୁଲ, ସରକାରୀ ବାଳିକ ଉଚ୍ଚ ବିଦ୍ୟାଳୟ ୟୁନିଟ୍-୧ ଏବଂ ନାଇଜର ଦଳ ବିଜୟ ଲାଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏଥିରେ ସମୁଦାୟ ୧୪ ଦଳ ଭାଗ ନେଇଛନ୍ତି। ଶୁକ୍ରବାର ସମସ୍ତ ଲିଗ ମ୍ୟାଚ ଏବଂ ୧୩ ତାରିଖ ଦିନ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଆୟୋଜିତ ହେବ।

## ଦୃଷ୍ଟିବାଧିତ ମହିଳା କ୍ରିକେଟରଙ୍କୁ ଦି ୱାର୍ଲ୍ଡ ଗ୍ରୁପର ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୧।୧୨(ସବ୍ୟୁ): ଦି ୱାର୍ଲ୍ଡ ଗ୍ରୁପ ପକ୍ଷରୁ ଦୃଷ୍ଟିବାଧିତ ଟି-୨୦ ମହିଳା ବିଶ୍ୱକପ ବିଜେତା ଭାରତୀୟ ଦଳର ସଦସ୍ୟ ଓଡ଼ିଶାର ଜମୁନା ରାଣୀ ଟୁଡୁ, ଫୁଲ ସରେନ୍, ପାର୍ବତୀ ମାରାଣ୍ଡି ଏବଂ ବାସନ୍ତି ହାଂସଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଦି ୱାର୍ଲ୍ଡ ଗ୍ରୁପର ନିର୍ଦ୍ଦେଶକ ସୋନାଲ ସାହୁ ମଞ୍ଚରେ ଖେଳାଳିମାନଙ୍କୁ ଉତ୍ତରୀୟ , ଫୁଲତୋଡା, ପ୍ରଶସ୍ତିପତ୍ର, ମୋମେଣ୍ଟୋ ସହ ୨ ଲକ୍ଷ ଟଙ୍କାର ଚେକ (ସମସ୍ତଙ୍କୁ) ପ୍ରଦାନ କରିଥିଲେ । ଦୃଷ୍ଟିବାଧିତ ଟି-୨୦ ମହିଳା ବିଶ୍ୱକପକୁ ମିଳିତ ଭାବେ ଭାରତ ଓ ଶ୍ରୀଲଙ୍କା ଆୟୋଜନ କରିଥିଲେ । ଭାରତ ଓ ନେପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଭାରତ ବିଜୟ ଲାଭ କରିଥିଲା ।

## ଓଡିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ଯୋଗଦେଲେ ମୁଖ୍ୟମନ୍ତ୍ରୀ: ମହିଳା କ୍ୱାର୍ଟରରେ ଉନ୍ନତି, ଅନମୋଲ, ତନଭି , ଅନୁପମା



ଭୁବନେଶ୍ୱର:୧୧।୧୨(ସବ୍ୟୁ): କଟକ ସ୍ଥିତ ଜବାହର ଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମ ଠାରେ ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା "ଓଡ଼ିଶା ମାଷ୍ଟର୍ସ ୨୦୨୫" ର ପ୍ରି କ୍ୱାଟର ରାଉଣ୍ଡର ମହିଳା ସିଙ୍ଗଲସ, ପୁରୁଷ ସିଙ୍ଗଲସ, ମହିଳା ଡବଲସ, ପୁରୁଷ ଡବଲସ ଏବଂ ମିକ୍ସଡ଼ ଡବଲସ ଏ ସମସ୍ତ ବିଭାଗର ୩୯ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି ।

ତୃତୀୟ ଦିନର ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଖେଳାଳୀମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ଓଡ଼ିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଂଘର ସଭାପତି ଶ୍ରୀ ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡ଼. ୟେଦୁଲା ବିଜୟ, କଟକ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେ, କଟକ ମହାନଗର ନିଗମର କମିଶନର କିରଣ ଦୀପ କୌର ସୌହଟା ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିଥିଲେ। ତୃତୀୟ ଦିନରେ ଖେଳାଯାଇଥିବା ମହିଳା ସିଙ୍ଗଲ ପୁରୁଷ ସିଙ୍ଗଲ ବିଭାଗରେ ପ୍ରାୟତଃ ସିଡେଡ୍ ଖେଳାଳୀମାନେ ଉତ୍ତମ ଖେଳ ପ୍ରଦର୍ଶନ କରି କ୍ୱାର୍ଟର ଫାଇନାଲ ରାଉଣ୍ଡକୁ ପହଂଚିଯାଇଛନ୍ତି ।

ମହିଳା ବିଭାଗର ପ୍ରି କ୍ୱାଟର ରାଉଣ୍ଡରେ ଟପସିଡ଼ ଭାରତୀୟ ଖେଳାଳୀ ଉନ୍ନତି ହୁଡ଼ା ଥାଇଲାଣ୍ଡ ଖେଳାଳୀ ଟୀଦାପ୍ରନ କ୍ଲୀବାଇସୁନଙ୍କୁ ୨୧-୭, ୨୧-୧୪ରେ ପରାଜିତ କରି କ୍ୱାଟର ଫାଇନାଲରେ ପହଂଚିଛନ୍ତି । ମହିଳା କ୍ୱାର୍ଟରରେ ପହଞ୍ଚିଥିବା ଅନ୍ୟ ଖେଳାଳିମାନେ ହେଲେ ତୃତୀୟ ସିଡ଼ ତନଭି ଶର୍ମା, ପଞ୍ଚମ ସିଡ଼ ଅନୁପମା ଉପାଧ୍ୟାୟ ଓ ଷଷ୍ଠ ସିଡ଼ ଅନମୋଲ ଖର୍ବ । ପୁରୁଷ ବିଭାଗ ସିଙ୍ଗଲରେ ମଧ୍ୟ ଟପସିଡ଼ ଥରୁନ ମାନେପଲ୍ଲୀ ନିଜ ଦେଶ ଖେଳାଳୀ ଗୋବିନ୍ଦ କ୍ରିଷ୍ଣାଙ୍କୁ ୨୧-୧୬, ୧୨-୨୧, ୨୧-୧୧ରେ ହରାଇ କ୍ୱାର୍ଟରରେ ପହଂଚିଛନ୍ତି । କ୍ୱାର୍ଟର ଫାଇନାଲରେ ପହଂଚି ଥିବା ଅନ୍ୟ ଖେଳାଳୀମାନେ ହେଲେ ଗତ ସିଜନର ସିଙ୍ଗଲ ଚାମ୍ପିୟନ ତଥା ଅଷ୍ଟମ ସିଡ଼ ସତୀଶ କୁମାର, ଦ୍ୱିତୀୟ ସିଡ଼ କିରଣ ଜର୍ଜ ଏବଂ ସପ୍ତମ ସିଡ଼ ଶଙ୍କର ସୁବ୍ରମଣିୟନ । ମହିଳା ଡବଲସ ବିଭାଗରେ ଅନୁଷ୍ଠିତ ପ୍ରି କ୍ୱାର୍ଟର ରାଉଣ୍ଡ ମ୍ୟାଚରେ ଟପସିଡ଼ ବୁଲଗେରିଆ ଯୋଡି ଗେବ୍ରିଏଲା ଷ୍ଟୋଭା ଓ ଷ୍ଟେଫାନୀ ଷ୍ଟୋଭା ଇଣ୍ଡୋନେସିଆ ଯୋଡି ଭେଲିଶା କ୍ରିଷ୍ଟିନା ଓ ଅଗ୍ନିଆ ଶ୍ରୀରହୟୁଙ୍କୁ ୨୧-୧୯, ୨୧-୧୩ ପଏଣ୍ଟରେ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଂଚିଛନ୍ତି । ମହିଳା ଡବଲସର କ୍ୱାଟରରେ ପହଂଚି ଥିବା ଅନ୍ୟ ଯୋଡିମାନେ ହେଲେ ଭାରତୀୟ ଯୋଡ଼ି ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମ, ଷଷ୍ଠ ସିଡ଼ କବିପ୍ରିୟା ସେଲବମ ଓ ସିମରନ ସିଂଘି ଏବଂ ଅଷ୍ଟମ ସିଡ଼ ଇଣ୍ଡୋନେସିଆ ଯୋଡି ଶିତି ସରହ ଆଜହାର ଓ ଦିତ୍ୟା ରାମଧାନୀ । ବିଶ୍ୱ ବ୍ୟାଡ଼ମିଣ୍ଟନ ସଂଘ, ଭାରତୀୟ ବ୍ୟାଡ଼ମିଣ୍ଟନ ସଙ୍ଘ, ଓଡିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡିଶା ରାଜ୍ୟ ବ୍ୟାଡ଼ମିଣ୍ଟନ ସଙ୍ଘର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲର ସମସ୍ତ ମ୍ୟାଚ୍ ଆସନ୍ତା କାଲି ଡିସେମ୍ବର ୧୨ ତାରିଖ ଦିନ ଖେଳାଯିବ ।

# ଆଇପିଏଲ୍ ନିଲାମରେ ଲିଆମ, ରବି, ହେନରୀଙ୍କୁ କିଣିବା ପାଇଁ ଲଢ଼ିବ ସିଏକେ

ନୂଆଦିଲ୍ଲୀ, ୧୧।୧୨(ଏଜେନ୍ସି): ଆଇପିଏଲ୍ ୨୦୨୬ ପାଇଁ ଡିସେମ୍ବର ୧୬ରେ ଆବୁଧାବିରେ ହେବାକୁ ଯାଉଛି ମିନି ନିଲାମ। ଚେନ୍ନାଇ ସୁପର କିଙ୍ଗ୍ସ ପର୍ସରେ ରହିଛି ସବୁଠୁ ଅଧିକ ଟଙ୍କା। ଦଳ ପାଖରେ ରହିଛି ୪୩.୪ କୋଟି ଟଙ୍କା। ଏଥିରେ ଦଳ ସର୍ବାଧିକ ୯ ଖେଳାଳି କିଣି ପାରିବ। ସିଏସକେ ଦଳରେ ବର୍ତ୍ତମାନ ୪ ବିଦେଶୀ ଖେଳାଳି ଅଛନ୍ତି। ମିନି ନିଲାମରେ ଦଳ ସର୍ବାଧିକ ୪ ବିଦେଶୀ ଖେଳାଳି କିଣି ପାରିବ। ଚାଲନ୍ତୁ ଜାଣିବା କେଉଁ ତିନି ଖେଳାଳି ସିଏକେର ଟାର୍ଗେଟରେ ରହିଛି।

**ଲିୟାମ ଲିଭିଙ୍ଗଷ୍ଟୋନ:** ଇଂଲଣ୍ଡର ଅଲରାଉଣ୍ଡର ଲିୟାମ ଲିଭିଙ୍ଗଷ୍ଟୋନଙ୍କ ମୂଳ ମୂଲ୍ୟ ବା ପ୍ରେସ ପ୍ରାଇସ୍ ୨ କୋଟି ଟଙ୍କା ରହିଛି। ଗତ ବର୍ଷ ଲିଭିଙ୍ଗଷ୍ଟୋନ ଡିଫେଣ୍ଡି ଚାମ୍ପି ଅନ ଆରସିବିର ଥିଲେ। ମାତ୍ର ଆରସିବି ତାଙ୍କୁ ଦଳରୁ ରିଲିଜ୍ କରିଛି। ଏବେ ସିଏସକେର ନଜର ତାଙ୍କ ଉପରେ ରହିଛି। କାରଣ ଦଳ ଏକ ଦମଦାର ଫିନିସରର ସନ୍ଧାନରେ ରହିଛି। ଏମଏସ ଧୋନୀ ଆଗାମୀ ସଂସ୍କରଣ ଖେଳିଲେ ମଧ ଦଳ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏମିତି ନିଷ୍ପତ୍ତି ନେଇପାରେ। ୩୨ ବର୍ଷୀୟ ଲିଆମ୍ ଲିଭିଙ୍ଗଷ୍ଟୋନ ଆଇପିଏଲରେ ୧୧୨ ମ୍ୟାଚ୍ ଖେଳି ୧୦୫୧ ରନ୍ କରିଛନ୍ତି। ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୫୮.୭୬ ରହିଛି। ଲିଭିଙ୍ଗଷ୍ଟୋନଙ୍କ ଆଇପିଏଲରେ ୧୩ଟି ୱିକେଟ୍ ମଧ୍ୟ ଅଛି। ସେ ସିଏସକେ ପାଇଁ ସ୍ପିନ ବୋଲିଂର ଭଲ ବିକଳ୍ପ ହୋଇ ପାରିବେ।

**ରବି ବିଷ୍ଣୋଇ :** ଗତ ବର୍ଷ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ପକ୍ଷରୁ ଖେଳିଥିବା ରବି ବିଷ୍ଣୋଇ ମଧ୍ୟ ଚେନ୍ନାଇ ସୁପର କିଙ୍ଗ୍ସର ନଜରରେ ରହି ପାରନ୍ତି। ସିଏସ୍କେ ଏକ ଭଲ ସ୍ପିନରଙ୍କ ସନ୍ଧାନରେ ରହିଛି। ରବିଙ୍କ ବେସ୍ ପ୍ରାଇସ୍ ତଥା ମୂଳ ମୂଲ୍ୟ ୨ କୋଟି ଟଙ୍କା ରହିଛି। ୨୦୨୦ ମସିହାରୁ ଆଇପିଏଲ୍ ଖେଳୁଥିବା ରବି ବିଷ୍ଣୋଇ ଦୁଇଟି ଦଳ (ପିବିକେଏସ୍ ଏବଂ ଏଲ୍ଏସ୍ଜି) ପାଇଁ ୭୭ଟି ମ୍ୟାଚ୍ ଖେଳି ୭୨ଟି ୱିକେଟ୍ ନେଇଛନ୍ତି। ସେ ଡେଥ୍ ଓଭରରେ ବ୍ୟାଟରଙ୍କୁ ରୋକିବାରେ ବି ସଫଳ ହୁଅନ୍ତି। ତେଣୁ ସିଏସକେ ତାଙ୍କୁ କିଣିବାକୁ ଆଗ୍ରହୀ।




**ମ୍ୟାଟ୍ ହେନରି :** ନ୍ୟୁଜିଲାଣ୍ଡ ବୋଲର ମ୍ୟାଟ୍ ହେନରିଙ୍କୁ ମଧ୍ୟ ନିଜ ଟିମରେ ସାମିଲ୍ କରିବାକୁ ଚେନ୍ନାଇ ସୁପର କିଙ୍ଗ୍ସ ବିଚାର କାରିପାରେ। ହେନରୀଙ୍କ ମୂଳ ମୂଲ୍ୟ ବା ବେସ୍ ପ୍ରାଇସ୍ ମଧ୍ୟ ୨ କୋଟି ଟଙ୍କା ରହିଛି। ୩୩ ବର୍ଷୀୟ ହେନରୀ ପଞ୍ଜାବ କିଙ୍ଗ୍ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ପାଇଁ ଖେଳିଛନ୍ତି। ଯଦିଓ ତାଙ୍କର ଆଇପିଏଲ୍ କ୍ୟାରିୟର ବିଶେଷ ପ୍ରଭାବଶାଳୀ ନଥିଲା, ସେ ସମ୍ପ୍ରତି ଭଲ ବୋଲିଂ କରୁଛନ୍ତି। ସିଏସକେ ୧୬ ଜଣ ଖେଳାଳିଙ୍କ ପାଇଁ ୮୧.୬ କୋଟି ଖର୍ଚ୍ଚ କରିଛି। ଆଇପିଏଲ୍ ୨୦୨୬ ନିଲାମ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ ମୋଟ ୧୬ ଜଣ ଖେଳାଳିଙ୍କୁ ଦଳରେ ରଖି ବାକି ଖେଳାଳିଙ୍କୁ ରିଲିଜ୍ କରିଛି। ଦଳ ସଞ୍ଜୁ ସାମସନଙ୍କୁ ରାଜସ୍ଥାନଠୁ ଟ୍ରେଡ କରି ରବୀନ୍ଦ୍ର ଜାଡ଼େଜାଙ୍କୁ ଛାଡ଼ିଛି। ସିଏକେ ପାଖରେ ବର୍ତ୍ତମାନ ୪୩.୪ କୋଟି ଟଙ୍କା ରହିଛି।

**ଚେନ୍ନାଇ ସୁପର କିଙ୍ଗସ ରିଟେନସନ୍ ତାଲିକା**

ଭାରତୀୟ: ଋତୁରାଜ ଗାୟକ୍‌ବାଡ଼ (ଅଧିନାୟକ), ଏମ୍ଏସ୍ ଧୋନି, ଅଂଶୁଲ କମ୍ବୋଜ, ଗୁରଜପନୀତ ସିଂହ, ମୁକେଶ ଚୌଧୁରୀ, ରାମକୃଷ୍ଣ ଘୋଷ, ଶିବମ୍ ଦୁବେ, ଶ୍ରେୟସ ଗୋପାଳ, ସୟଦ ଖଲିଲ୍ ଅହମ୍ମଦ, ଆୟୁଷ ମହାତ୍ରେ, ଉର୍ଭିଲ ପଟେଲ, ସଞ୍ଜୁ ସାମସନ। ବିଦେଶୀ ଖେଳାଳି- ଜେମି ଓଭରଟନ, ନାଥନ ଏଲିସ, ନୂର ଅହମ୍ମଦ, ଡିଓ୍ୱାଲ୍ଡ ବ୍ରେଭିସ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି